R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୧୭୨
ତିଥି : ପ୍ରତିପଦ
୩୦ ମାର୍ଚ୍ଚ ୨୦୨୫, ରବିବାର
ଭୁବନେଶ୍ୱର
ପୃଷ୍ଠା-୧୨, ମୂଲ୍ୟ- ଟ.୫.୦୦
(ରଙ୍ଗିନ୍ ତରଙ୍ଗ ଟାବ୍‌ଲଏଡ୍ ସହ)

# ସମୟ

ସମୟ SAMAYA
ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 172
30 March 2025, Sunday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur Jeypore

ଓଡ଼ିଶା ଶାସନ

ଅନ୍ତ୍ୟୋଦୟ ଗୃହ ଯୋଜନା



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଶୁଭାରମ୍ଭ

ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ
କରକମଳରେ

ଅନ୍ତ୍ୟୋଦୟ ଗୃହ ଯୋଜନା

ପୂରଣ ହେବ ପକ୍କାଘର ଆଶା, ବିକଶିତ ହେବ ଆମ ଓଡ଼ିଶା

ଭିନ୍ନକ୍ଷମ, ବିଧବା, ରୋଗାକ୍ରାନ୍ତ, ଶହୀଦ ପରିବାର, ଘରପୋଡ଼ି, ହାତୀ ଉପଦ୍ରବ, ବନ୍ୟା ବାତ୍ୟା କ୍ଷତିଗ୍ରସ୍ତ ଯୋଗ୍ୟ ପରିବାରଙ୍କୁ ଅଗ୍ରାଧିକାର ଭିତ୍ତିରେ ଗୃହ ମଞ୍ଜୁର ହେବ ।

୩ ବର୍ଷରେ ବିନିଯୋଗ ହେବ ୭,୫୫୦ କୋଟି ଟଙ୍କା

ଏବଂ

ସମୁଦାୟ ୭୦୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଓ ଲୋକାର୍ପଣ

୩୦ ମାର୍ଚ୍ଚ ୨୦୨୫ । ଦିବା ୧୦.୩୦ ଘଟିକା
ଶ୍ରୀକୃଷ୍ଣ ନଗର ପଡ଼ିଆ, ରିସିଗାଁ, ଭବାନୀପାଟଣା, କଳାହାଣ୍ଡି

www.rhodisha.gov.in | ନିଃଶୁଳ୍କ ନମ୍ବର ୦୬୭୪- ୬୮ ୧୭୭୭୭

ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଓଡ଼ିଶା ସରକାର

PRDeptOdisha | prdw_odisha | PRDWDeptOdisha

OIPR: 19001/13/0015/2425 DSPL-436

# ଏକ୍ସପ୍ରେସିଭ୍ ଆର୍ଟ ଥେରାପି



ଆଜିକାଲି ଚିକିତ୍ସା କ୍ଷେତ୍ରରେ ବିଜ୍ଞାନ ଅନେକ ଅଗ୍ରଗତି କରିଛି । ବିଭିନ୍ନ ରୋଗ ପାଇଁ ଭିନ୍ନଭିନ୍ନ ଚିକିତ୍ସା ବ୍ୟବସ୍ଥା କରାଯାଉଛି । ସେହି ତାଲିକାରେ ଏକ ନୂତନ ପଦ୍ଧତି ଏକ୍ସପ୍ରେସିଭ୍ ଆର୍ଟ ଥେରାପି ସାମିଲ ହୋଇଛି । ଏହା ଏକ ଏଭଳି ପ୍ରକ୍ରିୟା ଯେଉଁଥିରେ ଅନେକ ପ୍ରକାରର ପ୍ରଣାଳି ରହିଛି ଯାହାକୁ ବ୍ୟବହାର କରି ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ ହୋଇପାରିବ । ଏଥିରେ ସଙ୍ଗୀତ, ଡ୍ରାମା, ନୃତ୍ୟ, ଦୃଶ୍ୟ କଳା, କାହାଣୀ ଲେଖା ଆଦି ରହିଛି । ଯାହାକୁ ବ୍ୟବହାର କରି ଜଣେ ବ୍ୟକ୍ତିର ବିଭିନ୍ନ ପ୍ରକାରର ଉନ୍ନତି ହୋଇପାରିବ । ଏହି ପ୍ରକ୍ରିୟାର ମୌଳିକ ଉଦ୍ଦେଶ୍ୟ ଜଣେ ବ୍ୟକ୍ତିଙ୍କୁ ନିଜ ସହିତ ପରିଚୟ କରାଇବା । ସମୟେ ସମୟେ କେହିକେହି ନିଜକୁ ଭୁଲି ବିଭିନ୍ନ କାମ କରିଥାଆନ୍ତି । ସେହିଭଳି ବ୍ୟକ୍ତିଙ୍କୁ ନିଜ ସହିତ ପୁଣିଥରେ ପରିଚୟ କରାଇବାରେ ଏକ୍ସପ୍ରେସିଭ୍ ଆର୍ଟ ଥେରାପି ସହାୟକ ହୋଇଥାଏ । ଏହି ଥେରାପିକୁ ନିର୍ଦ୍ଧିଷ୍ଟ ଭାବେ ସୃଜନଶୀଳତାକୁ ଆଗକୁ ବଢାଇବା ପାଇଁ ପ୍ରସ୍ତୁତ କରାଯାଇଛି । ଏଥିରେ ବିଭିନ୍ନ ପ୍ରକାରର ସାମଗ୍ରୀର ବ୍ୟବହାର କରି କିଭଳି ଜଣେ ନିଜର କଳାତ୍ମକ ବିକାଶ କରିପାରିବ ସେ ନେଇ ଏହି ପ୍ରକ୍ରିୟାରେ ଧ୍ୟାନ ଦିଆଯାଇଥାଏ । ଏହା ମାନସିକ ସ୍ତରରେ ଚାପ ଗ୍ରସ୍ତ ଥିବା ବ୍ୟକ୍ତିଙ୍କ ପାଇଁ ବେଶ୍ ସହାୟକ ହୋଇଥାଏ । ବେଳେବେଳେ ଜଣେ ମାନସିକ ରୋଗୀ ନିଜର ମାନସିକ ଅବସ୍ଥା ବିଷୟରେ ଅନ୍ୟ ଆଗରେ ପ୍ରକାଶ କରିବାରେ ଅସମର୍ଥ ହୋଇଥାଆନ୍ତି । ତେବେ ସେହି ସ୍ଥାନରେ ଏହି ଏକ୍ସପ୍ରେସିଭ୍ ଆର୍ଟ ଥେରାପି ସାହାଯ୍ୟରେ ସେମାନେ ନିଜର ଭାବନାକୁ ଅନ୍ୟଆଗରେ ବିନା କୁଣ୍ଠାରେ ପ୍ରକାଶ କରିବାରେ ସମର୍ଥ ହୋଇପାରିବେ । ଏହା ସେମାନଙ୍କୁ ନିଜକୁ ବୁଝିବାରେ ସାହାଯ୍ୟ କରିବ, ଯାହା ଫଳରେ ସେମାନେ ନିଜ ମନ କଥା କିମ୍ବା ଯେ କୌଣସି ସମସ୍ୟା ବିଷୟର ଅନ୍ୟ ଆଗରେ ପ୍ରକାଶ କରିବାରେ କୌଣସି ଅସୁବିଧାର ସମ୍ମୁଖୀନ ହେବେ ନାହିଁ ।

## ପ୍ରକାର

**ଆର୍ଟ ଥେରାପି–** ଏହି ଥେରାପିରେ ବ୍ୟକ୍ତିଙ୍କୁ ବିଭିନ୍ନ ଉପାୟରେ ମନର ଭାଷାକୁ ପ୍ରକାଶ କରିବାକୁ ସୁଯୋଗ ମିଳିଥାଏ । ଏହି ଥେରାପିରେ ଚିକିତ୍ସା ହେଉଥିବା ବ୍ୟକ୍ତି ଡ୍ରଇଁ, ପେଣ୍ଟିଂ, ବିଭିନ୍ନ ସାମଗ୍ରୀ ଗଢିବା ଆଦିରେ ନିଜ ମନ ଭାବକୁ ପ୍ରକାଶ କରନ୍ତି । ଏହି କଳା ସାହାଯ୍ୟରେ ସେମାନେ ନିଜର ମାନସିକ ସ୍ଥିତିକୁ ଅନ୍ୟ ଆଗରେ ପ୍ରକାଶ କରନ୍ତି ।

**ଡ୍ୟାନ୍ସ ଥେରାପି–** ଡ୍ୟାନ୍ସ ଥେରାପିରେ ଲୋକଙ୍କୁ ବିଭିନ୍ନ ପ୍ରକାରର ଶାରିରୀକ ବ୍ୟାୟାମ କରାଯାଇଥାଏ । ଏହି ଶାରିରୀକ ଚଳପ୍ରଚଳ କାରଣରୁ ସେମାନେ ନିଜର ମାନସିକ ସ୍ୱାସ୍ଥ୍ୟ ସହ ସଠିକ୍ ଢଙ୍ଗରେ ଖାପଖୁଆଇ ପାରନ୍ତି । ଏହି ଥେରାପି କାରଣରୁ ସେମାନେ ମାନସିକ ଅବସାଦ, ଉଦ୍‌ବିଗ୍ନତା, ଦୁଃଶ୍ଚିନ୍ତା ଆଦିକୁ ଦୂରେଇବାରେ ସର୍ମଥ ହୋଇପାରୁଛନ୍ତି ।

**ମ୍ୟୁଜିକ୍ ଥେରାପି–** ଏହି ଥେରାପିରେ ସଙ୍ଗୀତର ସାହାଯ୍ୟ ନେଇ ସମସ୍ୟାଥିବା ବ୍ୟକ୍ତିଙ୍କର ମାନସିକ ସ୍ଥିତିକୁ ଠିକ୍ କରାଯାଇଥାଏ । ଦୁଶ୍ଚିନ୍ତାକୁ ଦୂର କରିବାକୁ ମଧ୍ୟ ଏହି ଥେରାପିକୁ ବ୍ୟବହାର କରାଯାଇଥାଏ ।

**ରାଇଟିଂ ଥେରାପି–** ରାଇଟିଂ ଥେରାପିରେ ନିଜ ମନକଥା ପ୍ରକାଶ କରିବା ବେଶ୍ ସହଜ ହୋଇଥାଏ । ଏହି ଥେରାପିରେ ସେମାନେ ଗୀତ ଓ କାହାଣୀ ଜରିଆରେ ନିଜର ମାନସିକ ସ୍ଥିତିକୁ ଜାହିର କରନ୍ତି ।



# ପେପର ବ୍ୟାଗ୍‌ର ଉଦ୍ଭାବକ

ଆଜିକାଲି ସମସ୍ତ ସୁପର ମାର୍କେଟରେ କାଗଜରୁ ପ୍ରସ୍ତୁତ ବ୍ୟାଗ୍ ମିଳୁଛି । ହେଲେ ବେଳେବେଳେ ମନରେ ପ୍ରଶ୍ନ ଆସେ ଏହି ବ୍ୟାଗ୍‌କୁ କିଏ ବାହାର କରିବା ସହ କିଏ ମାର୍କେଟ୍‌କୁ ଆଣିଲା ବ୍ୟବହାର ପାଇଁ । ନିକଟରେ ଏନେଇ ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ଏହି ଭିଡିଓରେ ଥିବା ସୂଚନା ଅନୁସାରେ ଆମେରିକାର ମାର୍ଗାରେଟ୍ ନାଇଟ୍ ପେପର୍ ବ୍ୟାଗ୍‌ର ଉଦ୍ଭାବକ । ଏହି ମହିଳା ଜଣଙ୍କ ୧୮୩୮ ମସିହାରେ ଆମେରିକାରେ ଜନ୍ମ ହୋଇଥିଲେ । ସେ ଏକ ମିଲ୍‌ରେ କାମ କରୁଥିଲେ । ହେଲେ ସେହି ସମୟରେ ପେପର ବ୍ୟାଗ୍‌କୁ ହାତରେ ପ୍ରସ୍ତୁତ କରାଯାଉଥିଲା ଯାହା ବ୍ୟବହାର ପାଇଁ ସେତେ ସୁବିଧା ହେଉ ନଥିଲା । ହେଲେ ମାର୍ଗାରେଟ୍ ଏଭଳି ଏକ ମେସିନ୍‌ରେ ଉଦ୍ଭାବନ କରିଥିଲେ ଯାହା ଖୁବ ସହଜରେ ପେପର ବ୍ୟାଗ୍ ତିଆରି କରିପାରିବ । ୧୮୬୮ ମସିହାରେ ସେ ଏହି ମେସିନ ଓ ବ୍ୟାଗ୍ ତିଆରି କରିବାରେ ସଫଳ ହୋଇଥିଲେ । ତେଣୁ ତାଙ୍କୁ ପେପର ବ୍ୟାଗର ଉଦ୍ଭାବକ ଭାବେ ବିବେଚନା କରାଯାଇଥାଏ । ତାଙ୍କୁ ଏହି ମେସିନ୍ ତିଆରି କରିବାକୁ ପାଖାପାଖି ଏକ ବର୍ଷ ସମୟ ଲାଗିଥିଲା । ସେ ନିଜର ଏକ ପେପର ବ୍ୟାଗ କମ୍ପାମୀ ମଧ୍ୟ କରିଥିଲେ ।





## ଇତିହାସ

୧୮୪୨– ଚେତାଶୂନ୍ୟରେ ବ୍ୟବହୃତ ମେଡ଼ିସିନ୍ ଇଥରର ପ୍ରଥମ ଥର ପାଇଁ ପ୍ରୟୋଗ କରାଗଲା ।
୧୮୯୯– ଭାରତ–ପାକିସ୍ତାନ ବିଭାଜନର ରୂପରେଖ ପ୍ରସ୍ତୁତ କରିଥିବା ସାଇରିଲ ରେଡ୍‌କ୍ଲିଫ୍‌ଙ୍କ ଜନ୍ମ ।
୧୯୪୯– ରାଜସ୍ଥାନର ସ୍ଥାପନା କରାଗଲା ଏବଂ ଜୟପୁରକୁ ରାଜ୍ୟର ରାଜଧାନୀ କରାଗଲା । ତେଣୁ ଏହି ଦିନକୁ ରାଜସ୍ଥାନ ଦିବସ ରୂପେ ପାଳନ କରାଯାଏ ।
୧୯୮୨– ନାସାର ମହାକାଶ ଯାନ କୋଲମ୍ବିଆ ଏସ୍‌ଟିଏସ୍–୩ ମିଶନ ପୂରା କରି ପୃଥିବୀପୃଷ୍ଠକୁ ଫେରିଲା ।
୨୦୦୨– ପ୍ରସିଦ୍ଧ ସଙ୍ଗୀତଜ୍ଞ ଆନନ୍ଦ ବକ୍ସିଙ୍କ ଦେହାନ୍ତ ।
୨୦୦୫– ଲୋକପ୍ରିୟ କାର୍ଟୁନିଷ୍ଟ ତଥା ଲେଖକ ଓ.ଭି ବିଜୟନଙ୍କ ପରଲୋକ ।

ମନେପଡେ

# ଚେହେରା ଦେଖି ଫେରାଇ ଦେଉଥିଲେ

ନିଜର କ୍ୟାରିୟର ଆରମ୍ଭ ବେଳର ସଂଘର୍ଷକୁ ମନେପକାଇଛନ୍ତି ନୱାଜୁଦ୍ଦିନ ସିଦ୍ଦିକି । ପାଖାପାଖି ୬୦ରୁ ଅଧିକ ଫିଲ୍ମରେ ଅଭିୟନ କରିଥିବା ନୱାଜ ବର୍ତ୍ତମାନ ବିଟାଉନର ଜଣେ ପରିଚିତ ଅଭିନେତା । ହେଲେ ତାଙ୍କୁ ମଧ୍ୟ କ୍ୟାରିୟର ଆରମ୍ଭରେ ଅନେକ କଷ୍ଟ ସହିବାକୁ ପଡିଛି । କ୍ୟାରିୟର ଆରମ୍ଭରୁ ତାଙ୍କୁ ନିଜର ଲୁକ ପାଇଁ ଅନେକ ଅସୁବିଧା ଭୋଗିବାକୁ ପଡିଛି । ଅନେକ ଅଫସରେ ତାଙ୍କୁ କେବଳ ତାଙ୍କ ଲୁକ ପାଇଁ ରିଜେକ୍ଟ କରାଯାଇଛି । ଯେତେବେଳେ ବି ସେ କାହାକୁ କହୁଥିଲେ ସେ ଆକ୍ଟର ହେବାକୁ ଚାହାନ୍ତି ସେମାନେ ତାଙ୍କୁ ମନା କରିଦେଉଥିଲେ । ତାଙ୍କର ଏଭଳି ଅବସ୍ଥା ପାଖାପାଖି ୧୦ ବର୍ଷ ଲାଗି ରହିଥିଲା । ନୱାଜଙ୍କୁ କ୍ୟାରିୟରେରେ ସଫଳ ହେବା ପାଇଁ ତାଙ୍କ ସାଙ୍ଗ ବେଶ୍ ସାହାଯ୍ୟ କରିଛନ୍ତି । ନୱାଜଙ୍କ ରହିବା ଠାରୁ ଖାଇବା ପର୍ଯ୍ୟନ୍ତ ସବୁ ସେମାନେ ଆରେଞ୍ଜ କରିଥିଲେ, ଯାହାକୁ ଏବେ ମଧ୍ୟ ନୱାଜ ମନେ ରଖିଛନ୍ତି । ସେହିଭଳି ଏକ ଛୋଟ ଭଡା ଘରେ ପାଖାପାଖି ୫ଜଣଙ୍କ ସହ ସେ ରହୁଥିଲେ, ଯାହା ଖୁବ କଷ୍ଟ ଦାୟକ ଅନୁଭବ ଥିବା ନୱାଜ ପ୍ରକାଶ କରିଛନ୍ତି । ପ୍ରେଟ୍ରୋକେମିକାଲ କମ୍ପନୀରେ ଚାକିରି କରୁଥିବା ନୱାଜଙ୍କୁ ନାଟକ ଦେଖିବା ପରେ ଆକ୍ଟର ହେବାର ଭାବନା ଆସିଥିଲା । ଯାହାକୁ ସେ ଅକ୍ଲାନ୍ତ ପରିଶ୍ରମ କରି ପୂରା ମଧ୍ୟ କରିଥିଲେ ।



# ବିୟୁଟି କଣ୍ଟେଷ୍ଟ ଦିଏନାହିଁ ସୁଯୋଗ



୨୦୧୪ରେ ମିସ୍ ଇଣ୍ଡିଆ ଜିତିଥିବା ମଡେଲ ଅଲଂକ୍ରିତା ସହାୟଙ୍କର ଏକ ସାକ୍ଷାତକାର ବର୍ତ୍ତମାନ ଭାଇରାଲ ହେବାରେ ଲାଗିଛି । ନିକଟରେ ଏକ ସାକ୍ଷାତକାରରେ ବଲିଉଡରେ ମିଳୁଥିବା ସୁଯୋଗକୁ ନେଇ ମନ ଖୋଲି କଥା ହୋଇଛନ୍ତି ଅଲଂକ୍ରିତା । ତାଙ୍କ ମତରେ କେବଳ ବିୟୁଟି କଣ୍ଟେଷ୍ଟ ଜିତିଲେ ଯେ ଜଣଙ୍କୁ ବଲିଉଡରେ ସୁଯୋଗ ମିଳେ ସେକଥା ଭୁଲ । ହେଲେ ଏଭଳି ଧାରଣା ସବୁବେଳେ ଥାଏ କି ଜଣେ କୌଣସି ବିୟୁଟି ଟାଇଟଲ ଜିତିବା ପରେ ତାଙ୍କ ପାଖେ ସୁଯୋଗର ଲାଇନ୍ ଲାଗିଯାଏ, ହେଲେ ଏପରି ହୋଇ ନଥାଏ । ସୁସ୍ମିତା ସେନ୍ ଓ ପ୍ରିୟଙ୍କା ଚୋପ୍ରା ସମୟ ଭିନ୍ନ ଥିଲା ବୋଲି ଅଲଂଙ୍କିତା ମତ ଦେଇଛନ୍ତି । ବର୍ତ୍ତମାନ ଏଥିରେ ପରିବର୍ତ୍ତନ ହୋଇଛି । ତାଙ୍କୁ ବିୟୁଟି କଣ୍ଟେଷ୍ଟ ଜିତିବା ପରେ ବି ଅନେକ ପରିଶ୍ରମ କରିବାକୁ ପଡିଛି । ସେ ଫିଲ୍ମରେ ଡେବ୍ୟୁ କରିବା ପୂର୍ବରୁ ଏକାଧିକ ମ୍ୟୁଜିକ୍ ଭିଡିଓ, ଅନେକ କମର୍ସିଆଲ ଭିଡିଓ ସହିତ ପାଖାପାଖି ୩୦୦ ବ୍ରାଣ୍ଡ୍ ସହିତ କାମ କରିବା ପରେ ତାଙ୍କୁ ଫିଲ୍ମରେ ସୁଯୋଗ ମିଳିଛି । ଏହାପରେ ମଧ୍ୟ ବିଭିନ୍ନ କାରଣ ପାଇଁ ତାଙ୍କର ପ୍ରଥମ ଫିଲ୍ମ ରିଲିଜ୍ ହୋଇ ପାରି ନଥିଲା । ତାଙ୍କର ପ୍ରଥମ ଫିଲ୍ମ ଭିକି କୌଶଲ ଓ ଜନ୍ ଆବ୍ରାହମଙ୍କ ସହିତ ଥିଲା, କିନ୍ତୁ ଏହାର ସୁଟିଂ ସରିଥିଲେ ବି ରିଲିଜ୍ ହୋଇ ପାରି ନଥିଲା । ଏହାପରେ କିଛି ଦିନ ବ୍ରେକ ନେବା ପରେ ସେ ପୁଣି ଛୋଟ ପରଦାରେ ଏକ ଫାଣ୍ଟାସି ଶୋ କରିଥିଲେ ଯାହା ପରେ ତାଙ୍କୁ ଆଉ ଏକ ଫିଲ୍ମ ଅଫର ମିଳିଥିଲା । ତେଣୁ ବଲିଉଡରେ ସୁଯୋଗ ପାଇବା ପାଇଁ ହେଲେ ଅନେକ ପରିଶ୍ରମ କରିବାକୁ ପଡିଥାଏ ବୋଲି ଅଲଂକ୍ରିତା ମତ ଦେଇଛନ୍ତି ।


# ଚିକେନ୍ ମସଲା ଭାତ

**ସାମଗ୍ରୀ–** ୨୦୦ ଗ୍ରାମ ଚାଉଳ, ୨୦୦ ଗ୍ରାମ ଚିକେନ,୩୦ ଗ୍ରାମ ଆଳୁ, ୨୦ଗ୍ରାମ ନଡିଆ କୋରା, ୫ଗ୍ରାମ ଖସଖସ,୫ ଗ୍ରାମ ରାଶି, ଗୋଟିଏ ଲେମ୍ବୁ, ୩୦ଗ୍ରାମ ଅଦାରସୁଣ ପେଷ୍ଟ, ୧୫୦ ଗ୍ରାମ ପିଆଜ, କଞ୍ଚା ଲଙ୍କା, ଧନିଆ ଗୁଣ୍ଡ, ଜୀରା ଗଣ୍ଡ, ଗୋଟା ଗରମ ମସଲା , ଲୁଣ, ଧନିଆ ପତ୍ର, ପୋଦିନା ପତ୍ର ।

**ପ୍ରଣାଳୀ–** ପ୍ରଥମେ ଡାଲଚିନି ଖଣ୍ଡ, ଧନିଆ, ରାଶି, ନଡିଆକୁ ପ୍ୟାନରେ ଭାଜି ଦିଅନ୍ତୁ । ଏହାପରେ ଏହାକୁ ଗ୍ରାଇଣ୍ଡରେ ଚୁରି ନିଅନ୍ତୁ । ବର୍ତ୍ତମାନ ପ୍ୟାନ ବସାଇ ଏଥିରେ ତେଲ ଓ ଗୋଟା ମସଲା ପକାନ୍ତୁ । ଅଳ୍ପ ସମୟ ପରେ ଏଥିରେ କଟା ପିଆଜ, କଞ୍ଚାଲଙ୍କା, ଅଦା ରସୁଣ ପେଷ୍ଟ, ପକାଇ ୨ରୁ୩ ମିନିଟ୍ ଭାଜନ୍ତୁ । ଏହାପରେ ଏଥିରେ ପୂର୍ବ ପ୍ରସ୍ତୁତ ମସଲା ଗୁଣ୍ଡ ପକାନ୍ତୁ । ଅଳ୍ପ ସମୟ ପରେ ଏଥିରେ ଚିକେନ ପକାଇ ୧୫ ମିନିଟ ଭାଜନ୍ତୁ । ଭାଜିବା ପରେ ଏଥିରେ ଚାଉଳ ପକାଇ ୧୦ରୁ ୧୫ ମିନିଟ ସିଝାନ୍ତୁ । ଚାଉଳକୁ ଆଗରୁ ଭିଜାଇ ରଖିଥିବେ । ଚାଉଳ ସିଝି ଭାତ ହେବା ପରେ ଏଥିରେ ପୋଦିନା ଓ ଧନିଆ ପତ୍ର ପକାଇ ପରଷନ୍ତୁ ଚିକେନ ମସଲା ଭାତ ।



## ସୋସିଆଲ କୋଟ୍ସ



“ମା’ଙ୍କ ଅନୁମତି ବିନା ମୁଁ କିଛି ବି ପଇସା ଖର୍ଚ୍ଚ କରିପାରେନି । ଟିକେଟ୍ ବୁକ୍ ବି କରିପାରେନି । ଓଟିପି ତାଙ୍କ ପାଖକୁ ଯାଇଥାଏ । ତେବେ ଏହି କାରଣରୁ ମୋତେ ଅନେକ ସୁବିଧା ମଧ୍ୟ ମିଳିଥାଏ ।
ସାରା ଅଲ୍ଲୀ ଖାନ୍, ଅଭିନେତ୍ରୀ



“ଗତ ଏକ ବର୍ଷ ଧରି ମୁଁ ଅନେକ ଲୋକଙ୍କର ଜଜ୍‌ମେଣ୍ଟ ଓ କମେଣ୍ଟକୁ ସାମନା କରିଛି । ଏହା ମୋତେ ଦୁଃଖ ଦେଇଛି । ନିଜ ବିଷୟରେ ଖରାପ ଶୁଣିବା କାହାକୁ ବି ଭଲ ଲାଗିନଥାଏ ।
ଜିମି ଲିଭର, କମେଡିଆନ



“୧୯୯୩ ମୁମ୍ବାଇ ବିସ୍ଫୋରଣ ସମୟରେ ଶାହରୁଖ ଓ ଗୌରୀ ମୁମ୍ବାଇରେ ନଥିଲେ । ସେମାନେ ସେଲିବ୍ରିଟି କ୍ରିକେଟ୍ ପାଇଁ ଦୁବାଇ ଯାଇଥିଲେ ।
ଆକାଶ ଦୀପ ସାବିର, ଅଭିନେତା

# ସକରାତ୍ମକ ଭାବନା ଦେଇଥାଏ ଖୁସି

ଯେତେବେଳେ ଆପଣ କୌଣସି ଭାବନା ଉପରେ ଧ୍ୟାନ କେନ୍ଦ୍ରିତ କରିଥାଆନ୍ତି, ସେତେବେଳେ ସେମିତି ବିଚାର ଆପଣଙ୍କ ମନକୁ ଆସିଥାଏ । ଏହା ପ୍ରକୃତିର ନିୟମ । ଯଦି ଆପଣ ସବୁବେଳେ ନକରାତ୍ମକ କାମ କରିବେ କିମ୍ବା ଭାବନା ରଖିବେ ତେବେ ଖୁସି ଠାରୁ ବହୁତ ଦୂରରେ ରହିବେ । ଆପଣଙ୍କ ମନ ସବୁବେଳେ ବିଚଳିତ ରହିବ । ନକରାତ୍ମକ ଭାବନା ଆପଣଙ୍କ କାର୍ଯ୍ୟ କଳାପରେ ମଧ୍ୟ ଦେଖିବାକୁ ମିଳିବ । ଏହା ଆପଣଙ୍କ କାର୍ଯ୍ୟରେ ମଧ୍ୟ ପ୍ରତିଫଳିତ ହେବ । ଯଦି କୌଣସି କାମ କରିବା ପୂର୍ବରୁ ଆପଣ ନକରାତ୍ମକ ଭାବନା ଆଣୁଛନ୍ତି ତେବେ ପରିସ୍ଥିତି ଆହୁରି ଜଟିଳ ମନେ ହେବ । ପରିସ୍ଥିତି ସହଜ ସୁବିଧା ଥିଲେ ମଧ୍ୟ ଏହା ଜଟିଳ ମନେ ହେବ । ତେଣୁ ସବୁବେଳେ କୌଣସି କାମ କରିବା ଆଗରୁ ସବୁବେଳେ ଭଲ ଭଲ ଭାବନ୍ତୁ । ଯାହାର ପ୍ରଭାବ ଆପଣଙ୍କ କାମ ଉପରେ ମଧ୍ୟ ଦେଖିବାକୁ ମିଳିବ । ସକରାତ୍ମକତା ସହିତ ମନରେ ସବୁବେଳେ ଦୟା କ୍ଷମା ଭାବ ମଧ୍ୟ ରଖନ୍ତୁ । ଏହାଦ୍ୱାରା ସମସ୍ତଙ୍କ ସହିତ ସମ୍ପର୍କ ଭଲ ରହିବ ଏବଂ ସମସ୍ତେ ଆପଣଙ୍କୁ ଭଲ ପାଇବେ । ସେହିପରି ମନେ ରଖନ୍ତୁ ଜୀବନ ସବୁବେଳେ ଆହ୍ୱାନରେ ଭରପୂର ହୋଇଥାଏ । ତେଣୁ ସବୁ ସମସ୍ୟା ଓ ଆହ୍ୱାନକୁ ସାମନା କରି ଆଗକୁ ବଢିବାକୁ ହୋଇଥାଏ । ସକରାତ୍ମକ ଭାବନା ମନକୁ ଭିତରୁ ଶାନ୍ତି ଦେଇଥାଏ ଯାହା ଜୀବନରେ ଆଗକୁ ବଢାଇବା ପାଇଁ ସହଯୋଗ କରିଥାଏ ।



R.N.I. REGN. No. 65000/96 POSTAL REGN. No. OR/BN-32/12-14

ଉନତ୍ରିଂଶ ବର୍ଷ
ସଂଖ୍ୟା : ୧୭୨
ତିଥି : ପ୍ରତିପଦ
୩୦ ମାର୍ଚ୍ଚ ୨୦୨୫, ରବିବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 172
30 March 2025, Sunday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore

### ମାଓ ମୁକାବିଲାରେ ସୁରକ୍ଷାକର୍ମୀଙ୍କୁ ଆଉ ଏକ ବଡ଼ ସଫଳତା

## ଏନ୍‌କାଉଣ୍ଟରରେ ୧୭ ମାଓ ନିପାତ

ଭୁବନେଶ୍ୱର,୨୯।୩ (ସବ୍ୟୁ): ଛତିଶଗଡ଼ର ସୁକମା ଜିଲ୍ଲାରେ ସୁରକ୍ଷାବଳକୁ ମାଓ ମୁକାବିଲାରେ ସଫଳତା ମିଳିଛି । ଏନ୍‌କାଉଣ୍ଟରରେ ମାଓ କମାଣ୍ଡରଙ୍କ ସହ ୧୭ ଜଣଙ୍କର ମୃତ୍ୟୁ ଘଟିଛି । ୨୦୧୩ରେ ଛତିଶଗଡ଼ରେ ୨୫ ଲୋକଙ୍କୁ ହତ୍ୟା ଓ ଭୋପାଳରେ ରାଜ୍ୟ କଂଗ୍ରେସ ମୁଖ୍ୟ ନନ୍ଦ କୁମାର ପଟେଲ୍‌ଙ୍କୁ ହତ୍ୟାର ଷଡଯନ୍ତ୍ରର ମୁଖ୍ୟ କମାଣ୍ଡର ନିହତ ହୋଇଛି । ସମ୍ପୃକ୍ତ ମାଓ କମାଣ୍ଡର ଜଗଦିଶ ଓରଫ୍ ମୁଦ୍ରା ନାଁରେ ୨୫ ଲକ୍ଷ ଟଙ୍କା ପୁରସ୍କାର ରାଶି ଘୋଷଣା କରାଯାଇଛି ।

ପୋଲିସ୍ ସୂତ୍ରରୁ କୁହାଯାଇଛି ଯେ ଆଜି ସକାଳୁ ଗୁଇନ୍ଦା ବିଭାଗର ସୂଚନା ପାଇ ସୁକମା ଜିଲ୍ଲାର କେରାଲପାଲ ଅଞ୍ଚଳରେ



### ଗନ୍ଧମାର୍ଦ୍ଦନ ପାଦଦେଶରେ ମାଓବାଦୀ-ପୋଲିସ ଗୁଳିବିନିମୟ

ଖପ୍ରାଖୋଲ,୨୯।୩ (ସବ୍ୟୁ): ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ୍‌ର ସୀମାନ୍ତ ଗନ୍ଧମାର୍ଦ୍ଦନ ପାହାଡ଼ରେ ମାଓବାଦୀ-ପୋଲିସ ମଧ୍ୟରେ ଶନିବାର ସକାଳେ ଗୁଳି ବିନିମୟ ଜୋରଦାର ହୋଇଛି। ଦୁଇଦିନ ହେଲା ପୋଲିସ, ଡିଭିଏଫ୍ ମିଳିତ ଭାବରେ କମ୍ବିଂ ଅପରେଶନ ଜାରି ରହିଥିବା ବେଳେ ଶନିବାର ସକାଳେ ନାନ୍ଦୁପଲା ପଞ୍ଚାୟତ କନ୍ଦରାଭଟା ନୁଆପାଲି ନିକଟ ଗନ୍ଧମାର୍ଦ୍ଦନ ପାହାଡ଼ ପାଦଦେଶରେ ମାଓବାଦୀ ଓ ପୋଲିସ ମଧ୍ୟରେ ଗୁଳି ବିନିମୟ ହୋଇଥିବା ବେଳେ କୌଣସି କ୍ଷୟ କ୍ଷତି ସୂଚନା ମିଳିନାହିଁ । ଏହା ପରେ କମ୍ବିଂ ଅପରେସନ ଜୋରଦାର ହୋଇଥିବା ସୂଚନା ମିଳିଛି। ଏନେଇ ଖପ୍ରାଖୋଲ ଥାନା ଅଧିକାରୀ ନରେନ୍ଦ୍ର ଛତରଙ୍କୁ (୯ ପୃଷ୍ଠାରେ)

### ନିହତଙ୍କ ମଧ୍ୟରେ ମାଓ କମାଣ୍ଡର

ମାଓବାଦୀ ଉପସ୍ଥିତ ଥିବା ଜଣାପଡିଥିଲା । ଏହି ଆଧାରରେ ଏକ ମିଳିତ ଅପରେସନ୍ ଆରମ୍ଭ କରାଯାଇଥିଲା । ଡିଷ୍ଟ୍ରିକ୍ ରିଜର୍ଭଗାର୍ଡ ଓ ସିଆର୍‌ପିଏଫ୍ ପକ୍ଷରୁ ଏକ ମିଳିତ ଟିମ୍ ଅପରେସନ୍ ଆରମ୍ଭ କରିଥିଲେ । ୧୭ ମାଓବାଦୀଙ୍କ ମୃତଦେହ ମିଳିଛି । ଏହାଛଡା ଦୁଇ ଡିଆର୍‌ଜି ଯବାନ ଆହତ ହୋଇଛନ୍ତି । ସେମାନଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଛି ଓ ସେମାନେ ବିପଦମୁକ୍ତ ଅଛନ୍ତି । ସୁରକ୍ଷାଦଳ ମଧ୍ୟ ଏନ୍‌କାଉଣ୍ଟରସ୍ଥଳରୁ ବ୍ୟାପକ ଅସ୍ତ୍ରଶସ୍ତ୍ର ଜବତ କରିଛନ୍ତି । ସେଥିମଧ୍ୟରେ ଏକେ-୪୭ ରାଇଫଲ, ସେଲ୍ଫ ଲୋଡିଂ ରାଇଫଲ, ଇନ୍‌ସାସ୍, ୩୦୩ ରାଇଫଲ, ରକେଟ୍ ଲଞ୍ଚର, ବିଜିଏଲ୍ ଲଞ୍ଚର ଓ ବିସ୍ଫୋରକ ଜବତ କରାଯାଇଛି । (୯ ପୃଷ୍ଠାରେ)

## ଭୂକମ୍ପ ମୃତ୍ୟୁସଂଖ୍ୟା ୧୬୦୦ ଟପିଲା

ନୂଆଦିଲ୍ଲୀ,୨୯।୩: ମିଆଁମାରରେ ହୋଇଥିବା ଭୟାବହ ଭୂମ୍ପକରେ ମୃତ୍ୟୁସଂଖ୍ୟା ୧୬୦୦ ଟପିଛି । ୩,୪୦୦ ଜଣ ଆହତ ହୋଇଥିବା ଜଣାପଡ଼ିଛି । କେନ୍ଦ୍ରୀୟ ମିଆଁମାରରେ ଶୁକ୍ରବାର ହୋଇଥିବା ଭୂମ୍ପକରେ ବ୍ୟାପକ କ୍ଷୟକ୍ଷତି ହୋଇଛି । ରିକ୍ଟର ସ୍କେଲରେ ଭୂମିକମ୍ପର ତୀବ୍ରତା ୭.୭ ରହିଛି । ତେବେ ଆଜି ମଧ୍ୟ



### ୩,୪୦୦ ଆହତ ହୋଇଥିବା ସୂଚନା

### ଏବେ ବି ଧ୍ୱଂସସ୍ତୁପ ମଧ୍ୟରେ ବହୁ ଲୋକ

### ସହାୟତା ଲାଗି ଭାରତର ଅପରେସନ୍ ବ୍ରହ୍ମା ଆରମ୍ଭ

ମିଆଁମାରରେ ଭୂକମ୍ପ ଝଟକା ଅନୁଭବ ହୋଇଛି ।

ଭୂକମ୍ପ ପରେ ମିଆଁମାର ଓ ଥାଇଲାଣ୍ଡରେ ବ୍ୟାପକ କ୍ଷତି ହୋଇଛି । ଏମାନେ ଅନ୍ୟ ରାଷ୍ଟ୍ର ଠାରୁ ସାହାର୍ଯ୍ୟ ଲୋଡିଛନ୍ତି । ଏବେ ବି ଭାଙ୍ଗି ଯାଇଥିବା ଅଟ୍ଟାଳିକା ମଧ୍ୟରେ ୫୦ରୁ ଉର୍ଦ୍ଧ୍ୱ ଫଶି ରହିଥିବା ସୂଚନା ମିଳିଛି । ସେମାନେ ଭୂକମ୍ପକୁ ୩୦ ଘଣ୍ଟା ବିତି ଯାଇଥିଲେ ବି ଏବେ ବି ଧ୍ୱଂଶାବିଶେଷ ଦେଖିବାକୁ ମିଳୁଛି । ଗୋଟିଏ ଭଙ୍ଗା କୋଠା ଘରୁ ଜଣେ ମହିଳାଙ୍କୁ ଭିଡ଼ି ବାହାର କରାଯାଇଥିବାର ଦୃଶ୍ୟ ଦେଖିବାକୁ ମିଳୁଛି । ଭାରତ ପକ୍ଷରୁ ମିଆଁମରକୁ ସହାୟତାର ହାତ ବଢ଼ାଯାଇ ଅପରେସନ୍ ବ୍ରହ୍ମା ଆରମ୍ଭ କରାଯାଇଛି । ଭାରତ ଦୁଇଟି ନୌସେନା ଜାହାଜରେ ପଡୋଶୀ ଦେଶକୁ ରିଲିଫ ସାମଗ୍ରୀ ପଠାଇଛି । ବୈଦେଶିକ ବ୍ୟାପର ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟଶ୍ୱାଲ କହିଛନ୍ତି ଯେ, ୨ରୁ ଅଧିକ ଭାରତୀୟ ନୌସେନା ଜାହାଜ ମାନବିକତା ସହାୟତା ନେଇ ଅପରେସନ ଆରମ୍ଭ କରିଛନ୍ତି । ଏୟାରକ୍ରାଫ୍ଟ ମାଧ୍ୟମରେ ମାନବିକତା ସହାୟତା ବି ବିପର୍ଯ୍ୟୟ ରିଲିଫ୍ ପଠାଯାଇଛି । ଆଗ୍ରାରୁ ୧୧୮ ସଦସ୍ୟ ବିଶିଷ୍ଟ ଏକ ମେଡ଼ିକାଲ ଟିମ୍ ଯାଇଛନ୍ତି । ଭାରତ ପକ୍ଷରୁ ପ୍ରଥମ ରିଲିଫ୍ ପଠାଯାଇଛି । ଅପରେସନ୍ ବ୍ରହ୍ମା ମଧ୍ୟମରେ ମିଆଁମାରକୁ ରିଲିଫ୍ ସାମଗ୍ରୀ ଦିଆଯାଇଛି । ରିଲିଫ୍ ସାମଗ୍ରୀକୁ ରାଷ୍ଟ୍ରଦୂତଙ୍କ ଜରିଆରେ ହସ୍ତାନ୍ତର କରାଯାଇଛି । ଦିନକ ପରେ ମଧ୍ୟ ଆଉ ଏକ ଭୂକମ୍ପର ଝଟକା ଅନୁଭୂତ ହୋଇଛି । ଏହାର ତୀବ୍ରତା ୫.୧ ମ୍ୟାଗନେଚୁଡ ରହିଛି । ମିଆଁମାର ରାଜଧାନୀରେ ୨.୫୦ରେ ଏହା ଅନୁଭୂତ ହୋଇଥିଲା । ଶୁକ୍ରବାର ହୋଇଥିବା ଭୂକମ୍ପରେ କେତେ କ୍ଷତିଗ୍ରସ୍ତ ହୋଇଛନ୍ତି ତାହା ସ୍ପଷ୍ଟ ହୋଇନାହିଁ । ଭାରତ ପକ୍ଷରୁ ଗୋଟିଏ ଜାହାଜରେ ୪୦ ଟନ୍ ସାମଗ୍ରୀ ଧରି ମାନବିକତା ସହାୟତା ପଠାଯାଇଛି । ମିଆଁମାରର ଏକ ଆପାର୍ଟମେଣ୍ଟରେ ୯୦ରୁ ଉର୍ଦ୍ଧ୍ୱ ବ୍ୟକ୍ତି ଫଶିଥିବା ଜଣାପଡିଛି । ଭାରତ ମଧ୍ୟ ୮୦ ଜଣ ଏନ୍‌ଡିଆର୍‌ଏଫଙ୍କୁ ଉଦ୍ଧାର କାର୍ଯ୍ୟ ଲାଗି ମିଆଁମାର ପଠାଇଥବବା ଜଣାପଡିଛି ।

## ଆଇଏଏସ୍ ଚାକିରିରୁ ଭିଆର୍‌ଏସ୍ ନେଲେ ସୁଜାତା କାର୍ତ୍ତିକେୟନ

### ୧୫ ଦିନ ତଳେ ଭିଆର୍‌ଏସ୍ ଲାଗି ଆବେଦନ କରିଥିଲେ



ଭୁବନେଶ୍ୱର,୨୯।୩ (ସବ୍ୟୁ): ଆଇଏଏସ୍ ଚାକିରିରୁ ସ୍ୱେଚ୍ଛାକୃତ ଭାବେ ସୁଜାତା କାର୍ତ୍ତିକେୟନ୍ ପାଣ୍ଡିଆନ୍ ଅବସର ନେଇଛନ୍ତି । ୨୦୦୦ ବ୍ୟାଚ୍‌ର ଆଇଏଏସ୍ ଅଫିସର ସୁଜାତା କାର୍ତ୍ତିକେୟନ୍ ୧୫ ଦିନ ତଳେ ବିଆର୍‌ଏସ୍ ପାଇଁ ଆବେଦନ କରିଥିଲେ । କେନ୍ଦ୍ର ସରକାର ତାଙ୍କ ଆବେଦନକୁ ଗତକାଲି ଅନୁମୋଦନ କରିଥିଲେ । ସୁଜାତା ହେଉଛନ୍ତି ବିଆର୍‌ଏସ୍ ନେଉଥିବା ଭିକେ ପାଣ୍ଡିଆନ୍‌ଙ୍କ ପତ୍ନୀ ।

ବହୁ ବର୍ଷ ଧରି ସୁଜାତା ମିଶନ ଶକ୍ତିର ନିର୍ଦ୍ଦେଶକ ଦାୟିତ୍ୱରେ ଥିଲେ । ଏହାପରେ ମିଶନ ଶକ୍ତିକୁ ଏକ ସ୍ୱତନ୍ତ୍ର ବିଭାଗ କରାଯାଇ ତାଙ୍କୁ ସଚିବ ଦାୟିତ୍ୱ ଦିଆଯାଇଥିଲା । ଏଥିସହ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ସଚିବ ଭାବେ ଅତିରିକ୍ତ ଦାୟିତ୍ୱରେ ଥିଲେ । ଶ୍ରୀମତୀ କାର୍ତ୍ତିକେୟନ୍ ପିଲାଙ୍କ ଯତ୍ନ ଲାଗି ୬ ମାସ ଛୁଟି ଯାଇ ବିଦେଶ ଯାଇଥିଲେ । (୯ ପୃଷ୍ଠାରେ)

## ରାଜନୈତିକ ଅଭିସନ୍ଧି ରଖି ନାରୀ ନିର୍ଯାତନାକୁ ପ୍ରସଙ୍ଗ କରିବା ନିନ୍ଦନୀୟ: ମୁଖ୍ୟମନ୍ତ୍ରୀ

### ଭଦ୍ରକ,ଜଗତ୍‌ସିଂହପୁର, ଢେଙ୍କାନାଳ, ନବରଙ୍ଗପୁରରେ ନୂଆ ମେଡ଼ିକାଲ କଲେଜ

### ଖୁବ୍ ଶୀଘ୍ର ରାଜ୍ୟରେ ଲାଗୁ ହେବ ପେସା ଆଇନ

ଭୁବନେଶ୍ୱର,୨୯।୩ (ସବ୍ୟୁ): ରାଜନୈତିକ ଅବିସନ୍ଧି ରଖି ନାରୀ ନିର୍ଯାତନାକୁ ଏକ ରାଜନୈତିକ ଆୟୁଧ ଭାବେ ବ୍ୟବହାର କରାଯାଉଛି । ଯାହା ଅତ୍ୟନ୍ତ ନିନ୍ଦନୀୟ । ପ୍ରାୟ ୨ ସପ୍ତାହ ହେବ ବିଧାନସଭା ଭିତରେ ଏବଂ ବାହାରେ ରାଜନୈତିକ ଅବିସନ୍ଧୀ ରଖି ଏଭଳି କରାଯାଉଛି । ଗଣତନ୍ତ୍ରରେ ବିରୋଧ କରିବାର ଅଧିକାର ସମସ୍ତଙ୍କର ଅଛି । ମହିଳା ପ୍ରସଙ୍ଗ ଅତ୍ୟନ୍ତ ସ୍ୱର୍ଷ କାତ୍ତର ପ୍ରସଙ୍ଗ । ସରକାର ନିଜେ ମଧ୍ୟ ଯେକୌଣସି ଆଲୋଚନାକୁ ସ୍ୱାଗତ କରନ୍ତି । ଗତ ଅଧିବେଶନରେ ବିରୋଧି ମୁଲତବୀ ଆଣିଥିଲେ ଓ ଆଲୋଚନା ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଆଜି ବିଧାନସଭାରେ କହିଛନ୍ତି ।



୨୦୨୫-୨୬ ବେୟ ମଞ୍ଜୁର ବିଲ ଆଲୋଚନାର ଉତ୍ତର ରଖି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ବଜେଟ୍‌ରେ ଭିତ୍ତିଭୂମି ବିକାଶ, କୃଷି, ଜଳସେଚନର ବିକାଶ, ଶିଳ୍ପାୟନ, ଶିକ୍ଷା, ସ୍ୱାସ୍ଥ୍ୟ ଓ ଜୀବନ ଜୀବିକା ପାଇଁ ପ୍ରାବଧାନ କରାଯାଇଛି । ଦୁର୍ବଳ ବର୍ଗ ଲୋକଙ୍କ ପାଇଁ ସ୍ୱତନ୍ତ୍ର ଯୋଜନା ଖାଦ୍ୟ ସୁରକ୍ଷା ପାଇଁ ମଧ୍ୟ ଧ୍ୟାନ ଦିଆଯାଇଛି । ବଜେଟ ଆକାର ହେଉଛି ୨ ଲକ୍ଷ ୯୦ ହଜାର କୋଟି ଟଙ୍କା । ଯାହା ପୂର୍ବବର୍ଷ ତୁଳନାରେ ୧୦% ଅଧିକ । ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଲକ୍ଷ୍ୟକୁ ସଫଳତା କରିବା ପାଇଁ ଚଳିତ ବର୍ଷ ବଜେଟରୁ ଆରମ୍ଭ ହୋଇଥିବା ଏହି ଯାତ୍ରା ଚଳିତ ଆର୍ଥିକ ବର୍ଷ ବଜେଟର ଏକ ସଫଳ ପୃଷ୍ଠା । ବଜେଟ-୪ ସ୍ତମ୍ଭରେ ଆଧାରିତ । ରାଜ୍ୟରେ କୃଷି ଓ ଆନୁସଙ୍ଗିକ କ୍ଷେତ୍ରରେ ୬୦% ଲୋକ ନିର୍ଭର କରନ୍ତି । ଏଥି ଲାଗି ବଜେଟରେ ୩୭,୮୩୮ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି । କୃଷି ଓ କୃଷକଙ୍କ ଆୟକୁ ବହୁ ଗୁଣିତ କରିବା ପାଇଁ କାର୍ଯ୍ୟକ୍ରମ କରିଛୁ । ୨.୭୭ ଲକ୍ଷ ହେକ୍ଟର ଜଳସେଚନ ସାମର୍ଥ୍ୟ ସୃଷ୍ଟି ପାଇଁ ଲକ୍ଷ୍ୟ ରଖାଯାଇଛି । ଉତ୍କର୍ଷ ଓଡ଼ିଶାରେ ୧୬ ଲକ୍ଷ ୭୩ ହଜାର କୋଟିର ନିବେଶ ପାଇଁ ୫୯୩ ପ୍ରସ୍ତାବ ମିଳିଛି । ଓଡ଼ିଶା ରାଜ୍ୟ ରାଜପଥ କର୍ତ୍ତୃପକ୍ଷ ଗଠନ ପାଇଁ ନିଷ୍ପତି ହୋଇଛି । ସମୃଦ୍ଧ ଯୋଜନା ଆରମ୍ଭ କରିବାକୁ ପ୍ରସ୍ତାବ ରହିଛି । ଲକ୍ଷ୍ମଣ ନାୟକ ଆଦର୍ଶ ବିଦ୍ୟାଳୟ ଯୋଜନା ଏକ ନୂତନ ଯୋଜନା ଆରମ୍ଭ ହୋଇଛି । ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ପାଇଁ ୬,୨୪୯ କୋଟି ଟଙ୍କା ପ୍ରଦାନ କରାଯାଇଛି । ଆସନ୍ତା ମାସରୁ ସାରା ରାଜ୍ୟରେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା- ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଆରମ୍ଭ ହେବାକୁଯାଉଛି । ନାରୀ ନିର୍ଯାତନା ପ୍ରସଙ୍ଗରେ (୯ ପୃଷ୍ଠାରେ)

### ନିଲମ୍ବିତ କଂଗ୍ରେସ ବିଧାୟକଙ୍କୁ ବିଧାନସଭା ପରିସରକୁ ଛଡା ଗଲାନି

## ପ୍ରତିବାଦରେ ଫାଟକ ସମ୍ମୁଖରେ ବିଧାୟକଙ୍କ ଧାରଣା

ଭୁବନେଶ୍ୱର,୨୯।୩ (ସବ୍ୟୁ) :ନାରୀଙ୍କୁ ନ୍ୟାୟ ପାଇଁ ପୁଣି କଂଗ୍ରେସ ବିଧାୟକଙ୍କ ଧାରଣା । ବିଧାନସଭାକୁ ପ୍ରବେଶ ଲାଗି ନିଲମ୍ବିତ କଂଗ୍ରେସ ବିଧାୟକମାନେ ଆସିଥିଲେ । ହେଲେ ମୁଖ୍ୟ ଫାଟକ ସାମ୍ନାରେ ସେମାନଙ୍କ ଅଟାଇଥିଲେ ସୁରକ୍ଷା କର୍ମୀ । ବିଧାନସଭା ଭିତରକୁ ନଛାଡ଼ିବାରୁ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ, କଂଗ୍ରେସ ବିଧାୟକ ଅଶୋକ ଦାସ ଗେଟ ନମ୍ବର ୨ରେ ଧାରଣା ଦେଇଥିବା ବେଳେ ଗେଟ ନମ୍ବର ୧ରେ କଂଗ୍ରେସ ବିଧାୟକ ପବିତ୍ର ସାଉଁନ୍ତା ଧାରଣା ଦେଇଥିଲେ । ଫଳରେ କିଛି ସମୟ ପାଇଁ ଯାତାୟତରେ ବାଧାପ୍ରାପ୍ତ ହୋଇଥିଲା । ଶେଷରେ ଆଜି



### ରାଜ୍ୟପାଳଙ୍କୁ ଭେଟି ଫେରାଦ ହେଲା କଂଗ୍ରେସ ଟିମ୍

କଂଗ୍ରେସର ଏକ ପ୍ରତିନିଧି ଦଳ ରାଜ୍ୟପାଳଙ୍କୁ ଭେଟି ଗୃହ କମିଟି ଗଠନ ପାଇଁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ । ରାଜ୍ୟରେ ମହିଳା ଅତ୍ୟାଚାର ବୃଦ୍ଧିର ନିୟନ୍ତ୍ରଣ ଓ ତାଙ୍କ ସୁରକ୍ଷା ଗୁରୁତ୍ୱ ପ୍ରଦାନ କରି ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ ଏକ ପ୍ରତିନିଧିଦଳ ରାଜଭବନ ଯାଇ ରାଜ୍ୟପାଳଙ୍କୁ ଭେଟି ପୁଙ୍ଖାନୁପୁଙ୍ଖ ଆଲୋଚନା କରିବା ସହିତ ନାରୀ ନ୍ୟାୟ ପାଇଁ ଏକ ଗୃହ କମିଟି ଗଠନ କରିବା ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବାପାଇଁ ଅନୁରୋଧ କରିଥିଲେ । ଗତ ୧ ମାସ ଧରି ରାଜ୍ୟ କଂଗ୍ରେସର ବିଧାୟକ ଦଳ ଓ ପ୍ରଦେଶ କଂଗ୍ରେସ ନାରୀ ନ୍ୟାୟ ପାଇଁ କ୍ରମାଗତ ଭାବରେ ଆନ୍ଦୋଳନ ଜାରି ରଖିଛନ୍ତି । ମହିଳାମାନଙ୍କ ସୁରକ୍ଷା ଓ ତାଙ୍କ ପ୍ରତି ହେଉଥିବା ଅତ୍ୟାଚାର ବିରୁଦ୍ଧରେ ବିଧାନସଭାରେ କଂଗ୍ରେସ ବିଧାୟକ ଗୃହ କମିଟି ଦାବି କରିଆସୁଥିବା ବେଳେ ସରକାରୀ ଦଳର ମନ୍ତ୍ରୀ ଓ ବିଧାୟକମାନେ ବିଧାନସଭାର ଅଧକ୍ଷାଙ୍କ ଉପରେ ଚାପ ପ୍ରୟୋଗ କରି (୯ ପୃଷ୍ଠାରେ)

## ସୁଭଦ୍ରା ଦ୍ୱିତୀୟ କିସ୍ତିରୁ ୧.୮୩ ଲକ୍ଷ ବାଦ

ଭୁବନେଶ୍ୱର,୨୯।୩ (ସବ୍ୟୁ): ସୁଭଦ୍ରା ଯୋଜନାର ଦ୍ୱିତୀୟ କିସ୍ତିରୁ ୧ ଲକ୍ଷ ୮୩ ହଜାର ୭୮୫ ଜଣ ହିତାଧିକାରୀଙ୍କୁ ବାଦ ଦିଆଯାଇଛି । ସୁଭଦ୍ରା ଯୋଜନା ଅଧିନରେ ୧ କୋଟି ୬୫ ଲକ୍ଷ ୮୭୭ ହିତାଧିକାରୀ ପ୍ରଥମ କିସ୍ତିରେ ୫୦୩୨ କୋଟି ୯୩ ଲକ୍ଷ ୮୫ ହଜାର ଟଙ୍କା ପାଇଛନ୍ତି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ବିଧାନସଭାରେ ସୂଚନା ଦେଇଛନ୍ତି ।

ବିଧାୟକ ମନୋହର ରନ୍ଧାରୀଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି ଯେ ଦ୍ୱିତୀୟ କିସ୍ତି ୯୮ ଲକ୍ଷ ୨୨ ହଜାର ୯୨ ଜଣ ହିତାଧିକାରୀ ପାଇଛନ୍ତି । ସେମାନଙ୍କୁ ୪୯ ଶହ ୪୧ କୋଟି ୪ ଲକ୍ଷ ୬୦ ହଜାର ଟଙ୍କା ଦିଆଯାଇଛି । ସମସ୍ତ ଯୋଗ୍ୟ ଆବେଦନକାରୀଙ୍କୁ ସୁଭଦ୍ରା ଯୋଜନାରେ ଆର୍ଥିକ ସହାୟତା ଦେବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି । ୨୦୨୪-୨୫ ଆର୍ଥିକ



ବର୍ଷ ପାଇଁ ଯେଉଁ ମହିଳାମାନେ ୨୦୨୪ ଜୁଲାଇ ପହିଲା ସୁଧା ୨୧ ବର୍ଷରୁ ଅଧିକ ଓ ୬୦ ବର୍ଷରୁ କମ୍ ହୋଇଥିବେ ସେମାନେ ସୁଭଦ୍ରା ପାଇଁ ଆବେଦନ କରିପାରିବେ । ଯେଉଁ ମହିଳା ଦୁଇଟି କିସ୍ତି ପାଇବା ପରେ ୫୯ ବର୍ଷ ପୁରୁଣ କରୁଛନ୍ତି ୬୦ ବର୍ଷ ହେବା ପର୍ଯ୍ୟନ୍ତ କିସ୍ତି ପାଇବେ ।

## ସୌଭାଗ୍ୟନଗର, ଭୁବନେଶ୍ୱର ଠାରେ
# ତୃତୀୟ ସୋ'ରୁମ ଉଦଘାଟନ କଲା ମାଲାବାର ଗୋଲ୍ଡ ଆଣ୍ଡ ଡାଏମଣ୍ଡସ



ଭୁବନେଶ୍ୱର, (ସବ୍ୟୁ): ଦାୟିତ୍ୱ ସମ୍ପନ୍ନ ଜ୍ୱେଲର ମାଲାବାର ଗୋଲ୍ଡ ଆଣ୍ଡ ଡାଏମଣ୍ଡସ ଭୁବନେଶ୍ୱର ସୌଭାଗ୍ୟନଗର ଠାରେ ତାହାର ତୃତୀୟ ସୋ'ରୁମ ଉଦଘାଟନ କରିଛି । ଏହି ଅତ୍ୟାଧୁନିକ ସୋ'ରୁମ ଗହଣା ଗୁଡିକର ଆକର୍ଷଣୀୟ କଲେକ୍ସନ ସହିତ ଗ୍ରାହକଙ୍କୁ ଏକ ଅତୁଳନୀୟ କିଣାକିଣି ଅନୁଭୂତି ପ୍ରଦାନ କରିବା ପାଇଁ ଡିଜାଇନ କରାଯାଇଛି, ଯେଉଁଠାରେ ପ୍ରତ୍ୟେକ ଅବସର ନିମନ୍ତେ ବହୁବିଧ ବର୍ଗର ଡିଜାଇନ ଓ ଷ୍ଟାଇଲ ପ୍ରଦର୍ଶିତ ହେଉଛି । ଏହି ଉଲ୍ଲେଖନୀୟ ସଫଳତା ଭାରତରେ ତାହାର ଉପସ୍ଥିତିକୁ ପରିବ୍ୟାପ୍ତ କରିବା ଏବଂ ଗ୍ରାହକମାନଙ୍କୁ ଉନ୍ନତତର କାରିଗରୀ ଏବଂ ଅତୁଳନୀୟ ସେବା ଯୋଗାଇ ଦେବା ନିମନ୍ତେ ବ୍ରାଣ୍ଡର ପ୍ରତିବଦ୍ଧତା କ୍ଷେତ୍ରରେ ଆଉ ଏକ ମାଇଲଖୁଣ୍ଟ ହୋଇଛି। ପରିଚାଳନା ଦଳରସଦସ୍ୟ, ଗ୍ରାହକ ଏବଂ ଶୁଭେଚ୍ଛୁଙ୍କ ଉପସ୍ଥିତିରେ ପ୍ରସିଦ୍ଧ ଓଡ଼ିଆ ଓଲିଉଡ୍ ଅଭିନେତା ତଥା ମାଲାବାର ଜୁଏଲର୍ସ ର ବ୍ରାଣ୍ଡ ଆମ୍ବାସଡର ସବ୍ୟସାଚୀ ମିଶ୍ର ଏବଂ ବିଏମ୍ସି ମେୟର ଶ୍ରୀମତି ସୁଲୋଚନା ଦାସଙ୍କ ଦ୍ୱାରା ଉଦ୍ଘାଟନ କରାଯାଇଥିଲା। ମାଲାବାର ଗୋଲ୍ଡ ଆଣ୍ଡ ଡାଏମଣ୍ଡସର ଭାରତ, ମଧ୍ୟପ୍ରାଚ୍ୟ, ଆମେରିକା, କାନାଡା ଏବଂ ଅଷ୍ଟ୍ରେଲିଆ ସମେତ ୧୩ଟି ରାଷ୍ଟ୍ରରେ ୩୮୦ରୁ ଅଧିକସୋ'ରୁମ ସହିତ ବୈଶ୍ୱିକ ଉପସ୍ଥିତି ରହିଛି । ଏହାର ବିପୁଳ କଲେକ୍ସନ, ଅତୁଳନୀୟ ଗୁଣବତ୍ତା ଏବଂ ଗ୍ରାହକ-କେନ୍ଦ୍ରିକ ଆଭିମୁଖ୍ୟ ପାଇଁ ସୁଖ୍ୟାତି ଅର୍ଜନ କରିଥିବା ଏହି ବ୍ରାଣ୍ଡ ଚଳିତ ମାର୍ଚ୍ଚରେ ଭାରତର ବିଭିନ୍ନ ସ୍ଥାନରେ ୧୨ଟି ନୂଆସୋ'ରୁମ ଉଦଘାଟନ ସହିତ ନିଜର ଉପସ୍ଥିତିକୁ ସମ୍ପ୍ରସାରିତ କରୁଛି । ଏହି ନୂଆ ସୋ'ରୁମ ଭାରତୀୟ ଜୁଏଲାରୀ ବଜାରରେ ମାଲାବାର ଗୋଲ୍ଡ ଆଣ୍ଡ ଡାଏମଣ୍ଡସର ନେତୃତ୍ୱକୁ ପୁନଃସୁଦୃଢ କରୁଛି। ନୂଆସୋ'ରୁମ ସୁନା, ହୀରା, ପ୍ଲାଟିନମ ଏବଂ ଜେମଷ୍ଟୋନ ପିସ ସମେତ ବ୍ୟାପକ ବର୍ଗର ଗହଣା ଉପଲବ୍ଧ କରାଉଛି, ଯେଉଁ ଗୁଡିକ ପ୍ରତ୍ୟେକ ପସନ୍ଦ ଓ ଅବସରକୁ ଖାପ ଖୁଆଇବା ଭଳି ଡିଜାଇନ କରାଯାଇଛି। ଏହି ନୂଆସୋ'ରୁମ ସମ୍ପର୍କରେ ଏକ ବିବୃତିରେ ଏମପି ଅହମ୍ମଦ, ଚେୟାରମ୍ୟାନ, ମାଲାବାରଗ୍ରୁପ କହିଥିଲେ, 'ସମଗ୍ର ଭାରତରେ ଜନସାଧାରଣଙ୍କୁ ବିଶ୍ୱଶ୍ରେଣୀର ଗହଣା ଯୋଗାଇ ଦେବାକୁ ଆମର ଯାତ୍ରା ଜାରିରଖି ସୌଭାଗ୍ୟନଗର ଠାରେ ୩ୟ ନବୀନତମ ସୋ'ରୁମ ଉଦଘାଟନ କରି ଆମେରୋମାଞ୍ଚିତ ଅନୁଭବକରୁଛୁ । ମାଲାବାର ଗୋଲ୍ଡ ଆଣ୍ଡ ଡାଏମଣ୍ଡସରେ ଆମର କାରିଗରୀ ଏବଂ ନୈତିକତାପୂର୍ଣ୍ଣ କାର୍ଯ୍ୟାଭ୍ୟାସକୁ ନେଇଗର୍ବ ଅନୁଭବକରୁଛୁ ଏବଂଭୁବନେଶ୍ୱର ଅଧିବାସୀଙ୍କୁ ଏକ ଅବିସ୍ମରଣୀୟ କିଣାକିଣି ଅନୁଭୂତି ଯୋଗାଇ ଦେବାକୁ ଆମେ ଅଗ୍ରହରଖୁଛୁ ।

## ଆସିଷ୍ଟାଣ୍ଟ ମ୍ୟାନେଜରଙ୍କ ଘରେ ଭିଜିଲାନ୍ସ ଚଢାଉ

ଭୁବନେଶ୍ୱର, (ସବ୍ୟୁ) : ଓଡିଶା ୱାଟର ସପ୍ଲାଏ ଆଣ୍ଡ ସୁରେଜ ବୋଡ (ଓଡବ୍ୟୁଏସ୍ଏସ୍ବି)ର ଆସିଷ୍ଟାଣ୍ଟ ମ୍ୟାନେଜର ଦେବାଶିଷ ସାହୁଙ୍କ ଘରେ ଭିଜିଲାନ୍ସ ଚଢାଉ କରିଛି। ଏକ ସଙ୍ଗେ ଭୁବନେଶ୍ୱର, ଜଟଣୀ, କଟକର ସାତଟି ସ୍ଥାନରେ ଚଢାଉ ହେଉଛି। ଚଢାଉରେ ୭ ଡିଏସ୍ପି, ୯ ଇନ୍ସ୍ପେକ୍ଟର, ୧୦ ଏସ୍ଆଇ ଓ ଅନ୍ୟ କର୍ମଚାରୀମାନେ ସାମିଲ ଅଛନ୍ତି। ଆସିଷ୍ଟାଣ୍ଟ ମ୍ୟାନେଜର ଦେବାଶିଷ ସାହୁ ଭିଜିଲାନ୍ସ ହେପାଜତରେ ଅଛନ୍ତି। ଶ୍ରୀ ସାହୁଙ୍କ ଘରୁ ବହୁ ସ୍ଥାବର ଅସ୍ଥାବର ସମ୍ପତ୍ତି ଠାବ ହେଲାଣି ହେଲେ ଚଢାଉ ଜାରି ରହିଛି। ଜଟଣୀ ଘର ଆଇଗିଣିଆ ସୁକାନ୍ତୀ ଦେବୀ ଏନ୍କ୍ଲେ ଭଡା ଘର, ଜଟଣୀ ସର୍ଦ୍ଦାର ପଟେଲ ମାର୍ଗରେ ଥିବା ଦୁଇ ମହଲା ଘର, ସେହି ସର୍ଦ୍ଦାର ପଟେଲ ମାର୍ଗରେ ନିର୍ମାଣାଧୀନ ତିନି ମହଲା ଘର, ଜଟଣୀ ବନଦୁର୍ଗା ମାର୍କେଟ କମ୍ପ୍ଲେକ୍ସରେ ଥିବା ଦୁଇଟି ଦୋକାନ ଘର, ଚୌଦାର ସମ୍ପର୍କୀୟଙ୍କ ଘର ଓ ଭୁବନେଶ୍ୱର ଅଫିସରେ ଚଢାଉ ଚାଲିଛି। ଏଥିସହ ଜଟଣୀ ଓ ଭୁବନେଶ୍ୱରରେ ଥିବା ଦୁଇଟି ଦାମି ପ୍ଲଟ ମଧ୍ୟ ଠାବ ହୋଇଛି। ଶ୍ରୀ ସାହୁଙ୍କ ଘରୁ ୨୩୦ ଗ୍ରାମ୍ ସୁନା ଅଳଙ୍କାର, ୧.୫୫ ଲକ୍ଷ ନଗଦ ଟଙ୍କା, ୨୦.୫୬ ଲକ୍ଷ ବ୍ୟାଙ୍କ ଜମା, ୩ଟି ଦୁଇ ଚକିଆ ଯାନ ଠାବ ହୋଇସାରିଥିବା ବେଳେ ଚଢାଉ ଜାରି ରହିଛି।



ଲୋକସେବା ଭବନ ଠାରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ରେଖା ଗୁପ୍ତା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଙ୍କ ସହିତ ସୌଜନ୍ୟ ମୂଳକ ସାକ୍ଷାତ କରୁଛନ୍ତି ।

## ଖୋର୍ଦ୍ଧା ଓକିଲ ସଂଘ ନିର୍ବାଚନ
# ସଭାପତି ଜୀବନଜ୍ୟୋତି, ସମ୍ପାଦକ କ୍ଷୀରୋଦ ମୋହନ

ଖୋର୍ଦ୍ଧା, (ସବ୍ୟୁ): ରାଜ୍ୟ ବାର କାଉନ୍ସିଲ ନିଷ୍ପତି କ୍ରମେ ସମଗ୍ର ରାଜ୍ୟର ସମସ୍ତ ଓକିଲ ସଂଘର କର୍ମକର୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ଶନିବାର ଖୋର୍ଦ୍ଧା ଜିଲା ଓକିଲ ସଂଘ ନିର୍ବାଚନ ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି । ଏଥିରେ ସଭାପତି ଭାବେ ଜୀବନ ଜ୍ୟୋତି ମିଶ୍ର (୨୧୫ଖଣ୍ଡ), ଉପସଭାପତି ଭାବେ ପ୍ରଦୀପ୍ତ ପ୍ରସାଦ ରାମ (୨୦୭ଖଣ୍ଡ), ସମ୍ପାଦକ ଭାବେ କ୍ଷୀରୋଦ ମୋହନ ସ୍ୱାଇଁ (୨୦୪ଖଣ୍ଡ), କୋଷାଧକ୍ଷ ଭାବେ ବସନ୍ତ କୁମାର ଭଞ୍ଜ (୨୧୬ଖଣ୍ଡ) ଭୋଟ ପାଇ ବିଜୟୀ ହୋଇଛନ୍ତି । ଯୁଗ୍ମ ସମ୍ପାଦକ ବଳରାମ ସାହୁ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି । ସେହିପରି କାର୍ଯ୍ୟକାରୀ ସଦସ୍ୟ ଭାବେ ବିକ୍ରମ ଛୁଆଳସିଂହ, ବିରେନ୍ଦ୍ର ପ୍ରହରାଜ, ମନୋରଞ୍ଜନ ପାଣ୍ଡା, ଲୋତକ ବିନ୍ଦୁ ପଟ୍ଟନାୟକ, ପ୍ରଦାପ ଦଳେଇ, ମୋନାଲିସା ମିଶ୍ର ମନୋନୀତ ହୋଇଛନ୍ତି । ନିର୍ବାଚନ ସକାଳ ସାଢେ ୭ ରୁ ଆରମ୍ଭ ହୋଇ ଅପରାହ୍ଣ ୩ଟାରେ ଶେଷ ହୋଇଥିଲା । ଭୋଟ ଗଣତି ଅପରାହ୍ଣ ୪ଟାରେ ଆରମ୍ଭ ହୋଇଥିଲା । ସର୍ବମୋଟ ୩୬୧ଭୋଟରଙ୍କ ମଧ୍ୟରୁ ୩୩୪ଜଣ ସେମାନଙ୍କ ମତଦାନ କରିଛନ୍ତି । ନିର୍ବାଚନକୁ ନିର୍ବାଚନ ଅଧିକାରୀ ଭାବେ ବିଜୟ କୁମାର ଛୋଟରାୟ, ପ୍ରଭଞ୍ଜନ ଜେନା ପରିଚାଳନା କରିଥିଲେ।



## ବାଂଲାଦେଶର ହିନ୍ଦୁ ସମାଜ ସହିତ
# ଏକତ୍ର ହୋଇ ଛିଡା ରହିବା ପାଇଁ ପ୍ରତିନିଧି ସଭାର ଆହ୍ୱାନ

ଭୁବନେଶ୍ୱର, (ସବ୍ୟୁ): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଅଖିଳ ଭାରତୀୟ ପ୍ରତିନିଧି ସଭା ବୈଠକ ମାର୍ଚ୍ଚ ୨୧ ତାରିଖରୁ ୨୩ ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି ବେଙ୍ଗାଲୁର ଠାରେ ଅନୁଷ୍ଠିତ ହୋଇଯାଇଛି । ଏଠାରେ ଗୃହିତ ପ୍ରସ୍ତାବ ଅନୁଯାୟୀ ବାଂଲାଦେଶର ଅତ୍ୟାଚାରିତ ହିନ୍ଦୁ ସମାଜ ସହିତ ସମସ୍ତେ ଏକଜୁଟ




ହୋଇ ଠିଆ ରହିବା ଉଚିତ ବୋଲି ସଂଘର ପ୍ରାନ୍ତ ସଂଘଚାଳକ ସମୀର କୁମାର ମହାନ୍ତି ସାମ୍ବାଦିକ ସମ୍ମିଳନୀରେ ଏହି ବିଷୟ ପ୍ରକାଶ କରିଛନ୍ତି । ଶ୍ରୀ ମହାନ୍ତି କହିଛନ୍ତି ଯେ, ଏହି ସଭାରେ ଓଡ଼ିଶା ସମେତ ଭାରତର ବିଭିନ୍ନ ରାଜ୍ୟର ଦିବଙ୍ଗତ ପ୍ରତିଷ୍ଠିତ ବ୍ୟକ୍ତିମାନଙ୍କ ନିମନ୍ତେ ଏକ ଶୋକ ପ୍ରସ୍ତାବ ଗୃହିତ ହୋଇଥିଲା । ଏଥିମଧ୍ୟରୁ ଓଡ଼ିଶାର ସିନେ କଳାକାର ଉତମ ମହାନ୍ତି, ରାଜନେତା ଡ଼ଃ ଦେବେନ୍ଦ୍ର ପ୍ରଧାନ ଏବଂ ବରିଷ୍ଠ ପ୍ରଶାସକ ଏବଂ ପ୍ରସିଦ୍ଧ କବି ରମାକାନ୍ତ ରଥ ଅନ୍ୟତମ । ଏହି ପ୍ରତିନିଧି ସଭାର ବିବରଣୀ ଅନୁଯାୟୀ ସମଗ୍ର ଦେଶରେ ୧ ଲକ୍ଷ ୧୫ ହଜାର ୨୭୬ଟି ଶାଖା(ଦୈନିକ ଓ ସାପ୍ତାହିକ) ଚାଲୁଛି ସେଥିମଧ୍ୟରୁ ଓଡ଼ିଶାରେ ୨୮୪୩ ଶାଖା ଅଛି । ଏହି ସଭାରେ ଉକ୍ତ ପ୍ରସ୍ତାବ ଗୃହିତ ହେବା ସହିତ ଏକ ବକ୍ତବ୍ୟ ମଧ୍ୟ ଜାରି କରାଯାଇଛି । ପ୍ରସ୍ତାବଟି ହେଉଛି ବାଂଲାଦେଶରେ କ୍ଷମତା ପରିବର୍ତନ ପରେ ହିନ୍ଦୁ ଏବଂ ଅନ୍ୟାନ୍ୟ ସଂଖ୍ୟାଲଘୁ ସମ୍ପ୍ରଦାୟଙ୍କ ଉପରେ ଇସଲାମିକ ମୌଳବାଦୀଙ୍କ ଦ୍ୱାରା ହୋଇଥିବା ଅତ୍ୟାଚାର ପ୍ରତି ସଂଘ ଗଭୀର ଚିନ୍ତାପ୍ରକଟ କରିଛି । ମୌଳବାଦୀମାନଙ୍କର ଦୁର୍ଗା ମଣ୍ଡପ ଉପରେ ଆକ୍ରମଣ, ବଳପୂର୍ବକ ଧର୍ମାନ୍ତରୀକରଣ ତଥା ମହିଳାମାନଙ୍କ ପ୍ରତି ଅକଥନୀୟ ଅତ୍ୟାଚାର ଘଟଣା ଅତ୍ୟନ୍ତ ଦୁଃଖର ବିଷୟ । ବଙ୍ଗଳାଦେଶର ପୀଡିତମାନଙ୍କ ସମର୍ଥନରେ ସଂଘ ଦୃଢ଼ ଭାବରେ ଠିଆ ହୋଇଛି । ସେଠାରେ ଭାରତ ବିରୋଧୀ ବାତାବରଣ ତିଆରି କରୁଥିବା ପାକିସ୍ତାନ ଓ ଡିପ୍ ଷ୍ଟେଟ୍ର ଭୂମିକା ପ୍ରତି ସତର୍କ ରହିବା ପାଇଁ ଦେଶବାସୀଙ୍କୁ ପ୍ରତିନିଧି ସଭା ଆହ୍ୱାନ ଦେଇଛି । ଏହା ସହିତ ଅନ୍ୟ କୌଣସି ଦେଶରେ ମଧ୍ୟ ଏମାନଙ୍କର କାର୍ଯ୍ୟକଳାପ ପ୍ରତି ସତର୍କ ଦୃଷ୍ଟି ରଖିବା ପାଇଁ ସଂଘ ପରାମର୍ଶ ଦେଇଛି । ବାଂଲାଦେଶର ହିନ୍ଦୁ ସମାଜ ଏହି ଅତ୍ୟାଚାର ବିରୁଦ୍ଧରେ ଗଣତାନ୍ତ୍ରିକ ଉପାୟରେ ବିରୋଧ କରିଛନ୍ତି ଏବଂ ପୃଥିବୀର ଅନ୍ୟ ଦେଶରେ ମଧ୍ୟ ଏହାର ବିରୋଧ ହୋଇଛି । ପ୍ରତିନିଧି ସଭା ଭାରତ ସରକାରଙ୍କୁ ଅନୁରୋଧ କରଛି ଯେ, ସେମାନେ ବାଂଲାଦେଶର ସରକାରଙ୍କ ସହ ସଂପର୍କ ରଖି ସେଠାରେ ଥିବା ହିନ୍ଦୁ ସମାଜର ସୁରକ୍ଷା ଏବଂ ସ୍ୱାଭିମାନକୁ ସୁନିଶ୍ଚିତ କରିବା ପାଇଁ ନିରନ୍ତର ବାର୍ତାଳାପ ଜାରିରଖନ୍ତୁ । ତାସହିତ ବିଶ୍ୱର ଅନ୍ୟ ଅନ୍ତରାଷ୍ଟ୍ରୀୟ ସଂଗଠନମାନଙ୍କର ସମର୍ଥନ ପାଇଁ ମଧ୍ୟ ଆହ୍ୱାନ ଦିଆଯାଇଛି । ସଂଘ ଯାତ୍ରାର ୧୦୦ ବର୍ଷ ପୂର୍ତି ଅବସରରେ ସଂଘ ତାର ଦୈନିକ ଶାଖାର ସଂସ୍କାର ମାଧ୍ୟମରେ ସମାଜର ଅତୁଟ ବିଶ୍ୱାସ ଏବଂ ଶ୍ରଦ୍ଧାକୁ ଜିତିପାରିଛି ଯାହା କି ଏକ ବିଶେଷ ଉପଲବ୍ଧି । ଏହି ପ୍ରତିନିଧି ସଭାରେ ସମଗ୍ର ଭାରତରୁ ୧୪୪୩ ଜଣ ପ୍ରତିନିଧି ଭାଗ ନେଇଥିବା ବେଳେ ଓଡିଶାରୁ ୫୦ ଜଣ ପ୍ରତିନିଧି ଯୋଗଦେଇଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ପ୍ରାନ୍ତ ପ୍ରଚାର ପ୍ରମୁଖ ସୁମନ୍ତ କୁମାର ପଣ୍ଡା ଓ ସହପ୍ରାନ୍ତ ପ୍ରଚାର ପ୍ରମୁଖ ମନିନ୍ଦ୍ର ସୁନ୍ଦର ଦାସ ଉପସ୍ଥିତ ଥିଲେ ।

## ଗ୍ରୀଷ୍ମ ଋତୁରେ ନିରବଚ୍ଛିନ୍ନ ବିଦ୍ୟୁତ ସେବା ଯୋଗାଇ ଦେବା ପାଇଁ ଟିପିଡବ୍ଲ୍ୟୁଓଡିଏଲ୍ ପ୍ରସ୍ତୁତ : ସିଇଓ

ଭୁବନେଶ୍ୱର (ସବ୍ୟୁ): ଚଳିତ ଗ୍ରୀଷ୍ମ ଋତୁରେ ନିରବଚ୍ଛିନ୍ନ ବିଦ୍ୟୁତ ସେବା ଯୋଗାଇ ଦେବା ପାଇଁ ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ ପ୍ରସ୍ତୁତ କରାଯାଇଛି । ଏହି ପ୍ରାକ୍ ପ୍ରସ୍ତୁତି ସମଗ୍ର ୫ ଗୋଟି ସର୍କଲର ୯ଟି ଜିଲ୍ଲା ନିମନ୍ତେ ଶେଷ ହୋଇଛି । ସମ୍ବଲପୁର ଅଇଁଠାପାଲି କାର୍ଯ୍ୟାଳୟ ପକ୍ଷରୁ ଟିପିଡବ୍ଲ୍ୟୁଓଡିଏଲ୍ର ସିଇଓ ପ୍ରବୀଣ ବର୍ମା ଏକ ସାମ୍ବାଦିକ ସମ୍ମିଳନୀରେ ଏହା କହିଛନ୍ତି । ସେ କହିଛନ୍ତି ଚଳିତ ଆର୍ଥିକବର୍ଷ ଶେଷସୁଦ୍ଧା କମ୍ପାନୀ ତରଫରୁ ୭୯୦ କୋଟି ଏବଂ ସରକାରଙ୍କ ପକ୍ଷରୁ ୪୯୮ କୋଟି ଟଙ୍କା ମୋଟ୍ ୧୨୮୦ କୋଟି ଟଙ୍କା ବିଭିନ୍ନ ବିଦ୍ୟୁତ ଭିତ୍ତିଭୂମି ବିକାଶ ପାଇଁ ଖର୍ଚ୍ଚ କରାଯାଇଛି । ଇତି ମଧ୍ୟରେ ୩୩ କେଭି ଲାଇନ୍ରେ ୨୪ସିକେଏମ୍ର ଉନ୍ନତିକରଣ ସହ ୬୨ ସିକେଏମ୍ ନୂତନ ଲାଇନ୍ ସ୍ଥାପନ ଏବଂ ୫ଟି ନୂତନ ପାୱାର ସବ୍ଷ୍ଟେସନ ନିର୍ମାଣ କରାଯାଇଛି । ଚଳିତ ଆର୍ଥିକ ବର୍ଷରେ ୧୧କେଭି ଲାଇନ୍ରେ ୫୬ସିକେଏମ୍ ଲାଇନ୍ର ଉନ୍ନତିକରଣ ସହ ୬୪ସିକେଏମ୍ ନୂତନ ଲାଇନ୍ର ସ୍ଥାପନ ସହ ୧୧ଟି ଆରଏମ୍ୟୁ ସ୍ଥାପନ କରାଯାଇଛି । କମ୍ପାନୀ ପାଖରେ ୩ଗୋଟି ମୋବାଇଲ୍ ଡିଟିଆର ମହଜୁତ୍ ରହିଛି । ୧୫ଟି ପିଟିଆରର ଉନ୍ନତିକରଣ ଏବଂ ୧୩ଟି ନୂତନ ପିଟିଆରର ସ୍ଥାପନା କରାଯାଇ ମୋଟ୍ ୬୪ଟି ପିଟିଆର କାର୍ଯ୍ୟକ୍ରମ ହେଉଛି । ୬୪୩୧ଟି ଡିଟିଆରର ରକ୍ଷଣାବେକ୍ଷଣ ସଂପୂର୍ଣ୍ଣ କରାଯାଇଛି । ଗ୍ରାହକ ସେବା କ୍ଷେତ୍ରରେ ମଧ୍ୟ ଅନେକ ପଦକ୍ଷେପ ନିଆଯାଇଛି । କାଳବୈଶାଖି ସଂଖ୍ୟା ବୃଦ୍ଧି ପାଇଥିବାରୁ ଏହି ଅଘୋଷିତ ପ୍ରାକୃତିକ ବିପର୍ଯ୍ୟୟକୁ ଆଖିଆଗରେ ରଖି କମ୍ପାନୀ ତରଫରୁ ୬ ଘଣ୍ଟା ମଧ୍ୟରେ ବିଦ୍ୟୁତ ପୂନଃ ସ୍ଥାପିତ କରିବା ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି କରାଯାଇଛି ।

## ବ୍ୟାଙ୍କ ଅଫ୍ ବରୋଦାର ଧନୁପାଲି ମହିଳା ଶାଖା ଉଦ୍ଘାଟିତ



ଭୁବନେଶ୍ୱର (ସବ୍ୟୁ): ବ୍ୟାଙ୍କ ଅଫ୍ ବରୋଦା ସମ୍ବଲପୁର କ୍ଷେତ୍ର ପକ୍ଷରୁ ଧନୁପାଲି ଠାରେ ଏକ ମହିଳା ଶାଖା ବ୍ୟାଙ୍କର କ୍ଷେତ୍ରୀୟ ମୁଖ୍ୟ ଦେବୀ ପ୍ରସାଦ ମହାନ୍ତିଙ୍କ ଦ୍ୱାରା ଉଦ୍ଘାଟିତ ହୋଇଯାଇଛି। ଏହି ଅବସରରେ ବ୍ୟାଙ୍କର ଉପ କ୍ଷେତ୍ରୀୟ ମୁଖ୍ୟ କେଦାର ନାଥ ବେହେରା, ମୁଖ୍ୟ ପ୍ରବନ୍ଧକ ପାର୍ଥସାରଥୀ ମିଶ୍ର, ଆର୍ବିଡିଏମ୍ ଭୂଷଣ ଖେସ୍, ନୂତନ ଶାଖାର ମୁଖ୍ୟ ଉପାସନା ମହାପାତ୍ର ଓ ମୁଖ୍ୟ କ୍ୟାସିୟର ସସ୍ମିତା ସେଠୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଓଡ଼ିଶା ପାଇକ ମହାସଂଘର ଦାବି
# ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ପାଇକମାନଙ୍କ ପାଇଁ ସ୍ୱତନ୍ତ୍ର ସ୍ଥାନ ସଂରକ୍ଷଣ ହେଉ

ଭୁବନେଶ୍ୱର (ସବ୍ୟୁ): ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ପାଇକମାନଙ୍କ ପାଇଁ ସ୍ୱତନ୍ତ୍ର ସ୍ଥାନ ସଂରକ୍ଷଣ ଦେବାକୁ ନିଖିଳ ଓଡ଼ିଶା ପାଇକ ମହାସଂଘ ରାଜ୍ୟ ସଭାପତି ଅଶୋକ କୁମାର ପାଲଟାସିଂହ ଦାବି ଜଣାଇଛନ୍ତି । ରାଜ୍ୟସ୍ତରୀୟ ୨୦୮ତମ ପାଇକ ବିଦ୍ରୋହ ଦିବସ ରାଜ୍ୟ ସଂଯୋଜକ ପାଇକଗୁରୁ କେଦାର ଦାସଙ୍କ ପୌରାହିତରେ ଭୁବନେଶ୍ୱର ସ୍ଥିତ ବକ୍ସିଜଗବନ୍ଧୁଙ୍କ ପ୍ରତୀମୂର୍ତ୍ତି, ମ୍ୟୁଜିୟମ୍ ଛକଠାରେ ଅନୁଷ୍ଠିତ ହୋଇଯାଇଛି । ଗୀତା ଚଇନି, ସଭାପତି ବିଶ୍ୱ ହିନ୍ଦୁ ମହାସଭା ଅତିଥି ଭାବେ ଯୋଗ ଦେଇ ବକ୍ସି ଜଗବନ୍ଧୁଙ୍କ ପ୍ରତୀମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ରାଜ୍ୟ ସରକାର ତୁରନ୍ତ ମାର୍ଚ୍ଚ ୨୯ ତାରିଖକୁ ପାଇକ ବିଦ୍ରୋହ ଦିବସ ଭାବରେ ପାଳନ କରିବା ସହିତ ପାଇକ ବିଦ୍ରୋହ ଦିବସ ଘୋଷଣା କରିବାକୁ ରାଜ୍ୟ ସରକାରଙ୍କ ନିକଟରେ ବରିଷ୍ଠ ପାଇକ ଗୁରୁ ତଥା ଖୋର୍ଦ୍ଧା ଜିଲ୍ଲା ସଭାପତି ପୂର୍ଣ୍ଣଚନ୍ଦ୍ର ପାଟ୍ଟଶାଣୀ ଦାବି ଜଣାଇଛନ୍ତି । ପାଇକ ଆଖଡ଼ାକୁ ରାଜ୍ୟ କ୍ରୀଡ଼ାର ମାନ୍ୟତା ଦେବାକୁ ରାଜ୍ୟ ଉପଦେଷ୍ଟା ଡ଼ଃ ଶଶାଙ୍କ ଶେଖର ଚୁଡ଼ାମଣି ଦାବି ଜଣାଇଥିଲେ । ଆସ'ା ମେ' ମାସରେ ଭୁବନେଶ୍ୱରରେ ଏକ ବିଶାଳ ପାଇକ ସମାବେଶ ହେବ, ରାଜ୍ୟର ପ୍ରତ୍ୟେକ ଜିଲ୍ଲାରୁ ଲକ୍ଷେ ପାଇକ, ତରବାରୀ ଢ଼ାଲ ସହିତ ଯୋଗ ଦେବାକୁ ରାଜ୍ୟ ସଂଯୋଜକ କେଦାର ଦାସ ଆହ୍ୱାନ ପ୍ରଦାନ କରିଥିଲେ । ଶେଷରେ ପାତ୍ରପଡ଼ା ପାଇକ ଆଖଡ଼ା, ବେଲପଡ଼ା ପାଇକ ଆଖଡ଼ା, ସୁକାନ୍ତ ଷଣ୍ଢ, ପାଇକ ଆଖଡ଼ା, ପିପିଲି, କଣାସ ଆଖଡ଼ା ସଂଘ ପକ୍ଷରୁ ପାଇକ ଆଖଡ଼ା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।




## ୩୧ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣି ବନ୍ଦ ରହିବ

ଭୁବନେଶ୍ୱର (ସବ୍ୟୁ): ଆଗାମୀ ମାର୍ଚ୍ଚ ୩୧ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ବନ୍ଦ ରହିବ । ସରକାରୀଛୁଟିଦିନଥିବା ହେତୁ ଏହି ସୋମବାର ଭୁବନେଶ୍ୱର, ୟୁନିଟ-୫ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଠାରେ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ । ପରବର୍ତୀ ଅଭିଯୋଗ ଶୁଣାଣିର ତାରିଖ ସମ୍ବାଦପତ୍ର ଓ ଅନ୍ୟ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ । ଏ ସଂପର୍କରେ ରାଜ୍ୟ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

## ୩୫ ହଜାରଲାଞ୍ଚ ଦେଇ ଅନୁପ୍ରବେଶ କରୁଛନ୍ତି ବାଂଲାଦେଶୀ

ଭୁବନେଶ୍ୱର, (ସବ୍ୟୁ) : ୩୫ ହଜାର ଟଙ୍କା ଦେଇ ଆସାମ ସୀମାରେ ଅନୁପ୍ରବେଶ କରୁଛନ୍ତି ବାଂଲାଦେଶୀ। ଏଷ୍ଟିଏଫ୍ ରିମାଣ୍ଡ ଆଣିଥିବା ଏଜେଣ୍ଟ ମହମ୍ମଦ ହାସିମ୍ ଜେରା ବେଳେ କହିଛି। ଆଇବି ଓ ଏଷ୍ଟିଏଫ୍ ହାତରେ ଏହି ତଥ୍ୟ ଲାଗିବା ସହ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସଂଗ୍ରହ ହୋଇଛି।

ଅନୁପ୍ରବେଶଙ୍କ ମାଷ୍ଟର ମାଇଣ୍ଡ ଆସାମର ନରୋତ୍ତମ ଦାସ। ତାହା ସମ୍ପର୍କରେ ମଧ୍ୟ ହାସିମଠାରୁ ବହୁ ତଥ୍ୟ ସଂଗ୍ରହ ହୋଇଛି। ବିଳମ୍ବିତ ରାତିରେ ଆସାମ ବାଂଲାଦେଶ ସୀମାରେ ପେଟ୍ରୋଲିଂ କମିବା ସମୟରେ ଅନୁପ୍ରବେଶକାରୀ ନରୋତ୍ତମ ଦାସକୁ ଜଣ ପିଛା ୩୫ ହଜାର ଟଙ୍କା ଲେଖାଏଁ ଲାଞ୍ଚ ଦେଇ ଅନୁପ୍ରବେଶ କରିଥାନ୍ତି ବୋଲି ରିମାଣ୍ଡରେ ଆସିଥିବା ଦଲାଲ୍ ମହମ୍ମଦ ହାସିମ୍ କହିଛି। ମହମ୍ମଦ ହାସିମ୍ର ୪ ରାଜ୍ୟ ଦଲାଲଙ୍କ ସହ ସମ୍ପର୍କ ରହିଛି। ବାଂଲାଲୋର, କୋଲକାତା, ଆସାମ, ଦିଲ୍ଲୀ ପ୍ରଭୃତି ଦଲାଲମାନଙ୍କ ପାଖକୁ ଅନୁପ୍ରବେଶକାରୀମାନଙ୍କୁ ପଠାଇଯିବା ପରେ ସେମାନେ ନକଲି କାଗଜପତ୍ର ସଂଗ୍ରହ କରିଥାନ୍ତି।

ମୁଖ୍ୟତଃ ପଶ୍ଚିମବଙ୍ଗ ଯାଇ ଆଧାରକାର୍ଡ, ଫଟୋ ପରିଚୟ ପତ୍ର ସଂଗ୍ରହ କରିଥାନ୍ତି। ଓଡିଶା ସମେତ ୫ ରାଜ୍ୟରେ ଅନୁପ୍ରବେଶକାରୀଙ୍କୁ ସରକାରୀ ଜମି ଯୋଗାଇ ଦଲାଲ୍ମାନେ ମଧ୍ୟ ଟଙ୍କା ଖାଇଥାନ୍ତି। ଚଳିତ ମାସ ୯ ତାରିଖରେ ହାସିମ୍ ୧୦ ଜଣ ଅନୁପ୍ରବେଶକାରୀ ବାଂଲାଦେଶୀଙ୍କୁ ସାଙ୍ଗରେ ଧରି ଟ୍ରେନ୍ରେ ବେଙ୍ଗାଲୁରୁ ଯାଉଥିବା ବେଳେ ଗୁଇନ୍ଦା ସୂଚନା ଆଧାରରେ ଏଷ୍ଟିଏଫ୍ ୧୦ ଜଣଙ୍କୁ ଗିରଫ କରିଥିଲା। ଅନୁପ୍ରବେଶ କରିବା ପରେ ସେମାନେ ଦଲାଲ୍ଙ୍କ ସହାୟତାରେ ସରକାରୀ ଜମି ହାତେଇ ଘର କରିବା ପରେ ସେମାନେ ତାଙ୍କ ଚଞ୍ଚକତା ଆରମ୍ଭ କରିଥାନ୍ତି।

# କିଟ୍ରେ ଇଫ୍ତାର ପାଳିତ




ଭୁବନେଶ୍ୱର, (ସବ୍ୟୁ): ପ୍ରତିବର୍ଷ ଭଳି ଚଳିତବର୍ଷ କିଟ୍ ବିଶ୍ୱବିଦ୍ୟାଳୟରେ ଆଜି ଇଫ୍ତାର ପାଳିତ ହୋଇଯାଇଛି । କିଟ୍ ରେ କାର୍ଯ୍ୟରତ ମୁସଲମାନ ସଂପ୍ରଦାୟର ଅଧ୍ୟାପକ ଅଧ୍ୟାପିକା, କର୍ମଚାରୀ ଓ ଭାରତ ସମେତ ବିଭିନ୍ନ ଦେଶର ଛାତ୍ରଛାତ୍ରୀଙ୍କୁ ନେଇ ଇଫ୍ତାର ପାର୍ଟିର ଆୟୋଜନ କରାଯାଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଲେ ସବୁ ଧର୍ମର ମୂଳ ଆଧାର ହେଉଛି ଦୟା, ମାନବିକତା, ସ୍ନେହ ଓ ସୌହାର୍ଦ୍ଦ୍ୟ । କିଟ୍ ଓ କିସ୍ ଦୟା ଓ ମାନବିକତା ଉପରେ ପର୍ଯ୍ୟବେଶିତ ଦୁଇଟି ଶିକ୍ଷାନୁଷ୍ଠାନ । ଛାତ୍ରଛାତ୍ରୀଙ୍କୁ ଉପଦେଶ ଦେଇ ଶ୍ରୀ ସାମନ୍ତ କହିଲେ, ଅନ୍ୟକୁ ଭଲ ପାଇବା ଅନ୍ୟମାନଙ୍କ ଠାରୁଭଲ ପାଇବା ଓ ସ୍ନେହ ପାଇବା ପାଇଁ ଚେଷ୍ଟା କର । ଏହା ଦ୍ୱାରା ମଣିଷକୁ ଆତ୍ମସନ୍ତୋଷ ମିଳିବା ସହ ଅନ୍ୟମାନେ ମଧ୍ୟ ଏଥିରୁ ଆନନ୍ଦ ପାଇଥାନ୍ତି । ପରସ୍ପରକୁ ଭଲ ପାଇବା ଦ୍ୱାରା ଅନେକ ମାନସିକ ଓ ସାମାଜିକ ସମସ୍ୟା ଦୂର ହୋଇପାରିବ । ଏହାକୁ ସମସ୍ତେ ଆପଣାଇବା ସହ ଅଭ୍ୟାସ କରିବା ଉଚିତ ବୋଲି ସେ କହିଥିଲେ । ଏଥିପାଇଁ ନିଜ ଜୀବନରେ ଆର୍ଟ ଅଫ୍ ଗିଭିଂକୁ ଏକ ଅଭ୍ୟାସରେ ପରଣିତ କରିବା ପାଇଁ ଶ୍ରୀ ସାମନ୍ତ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜି ସିଂହ, ଉପକୁଳପତି ପ୍ରଫେସର ଡା. ସିବିକେ ମହାନ୍ତି, କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି, କିସ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦେବାଶିଷ ବନ୍ଦୋପାଧ୍ୟାୟଙ୍କ ସମେତ କିଟ୍ ଓ କିସ୍ର ବହୁ ପଦାଧିକାରୀ ଉପସ୍ଥିତ ଥିଲେ ।

## ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ କର୍ମଶାଳା
# ସୁରକ୍ଷିତ କାର୍ଯ୍ୟ କ୍ଷେତ୍ର: ମହିଳା ସଶକ୍ତୀକରଣର ଏକ ମାଧ୍ୟମ

ଭୁବନେଶ୍ୱର (ସବ୍ୟୁ): ରମାଦେବୀ ମହିଳା ବିଶ୍ୱ ବିଦ୍ୟାଳୟର ସରଳାଦେବୀ ସେଣ୍ଟର୍ ଫର୍ ଜେଣ୍ଡର୍ ରିସର୍ଚ୍ଚ, ଜେଣ୍ଡର୍ ଅଧ୍ୟୟନ ବିଭାଗ, ଆଇସିସି ସେଲ୍ ଓ ଓ.ସା.ଫି ଓଡିଶାଙ୍କର ମିଳିତ ଆନୁକୂଲ୍ୟରେ ସୁରକ୍ଷିତ କାର୍ଯ୍ୟ କ୍ଷେତ୍ର: ମହିଳା ସଶକ୍ତୀକରଣର ଏକ ମାଧ୍ୟମ ଶୀର୍ଷକ ପ୍ରଶିକ୍ଷଣ କର୍ମଶାଳା ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମର ଉଦ୍ଘାଟନୀ ଉତ୍ସବରେ ଅବସରପ୍ରାପ୍ତ ଜଜ୍ ଉମାଚରଣ ମିଶ୍ର ମୁଖ୍ୟ ଅଥିତି ଭାବେ ଯୋଗଦାନ କରିଥିଲେ । ସେ ତାଙ୍କ ବକ୍ତବ୍ୟରେ କର୍ମକ୍ଷେତ୍ରରେ ମହିଳାମାନଙ୍କର ଆଇନଗତ ଅଧିକାର ସମ୍ବନ୍ଧରେ ଅଭିବ୍ୟକ୍ତି ପ୍ରଦାନ କରିଥିଲେ । ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି, ପ୍ରଫେସର୍ ଚଣ୍ଡୀଚରଣ ରଥ, ମହିଳାମାନଙ୍କର ସମାଜ ପ୍ରତି ଥିବା ତ୍ୟାଗ ଓ ପରିବାରର ସଦସ୍ୟମାନଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବାରେ ମହିଳା ମାନଙ୍କ ଭୂମିକା ଉପରେ ମନ୍ତବ୍ୟ ଦେଇଥିଲେ । ମୋହନ ଚରଣ ବଳିୟାରସିଂହ, ନିର୍ଦ୍ଦେଶକ, ସଂପର୍ଣ୍ଣା ଅନୁଷ୍ଠାନ, ସ୍ୱଳ୍ପରଣ ବ୍ୟବସ୍ଥା କିପରି ମହିଳାମାନଙ୍କୁ ଆର୍ଥନୈତିକ ସଶକ୍ତୀକରଣ ନିମନ୍ତେ ପ୍ରୋତ୍ସାହିତ କରାଉଛି ସେ ବିଷୟରେ ନିଜର ମତ ବ୍ୟକ୍ତ କରିଥିଲେ । ସୁଶ୍ରୀ ଅନନ୍ୟା, ପାନ୍ ସୋସିଆଲ୍ ପରଫରମାନ୍ସ ମ୍ୟାନେଜମେଣ୍ଟ୍ ଅଫିସର୍, ଅନ୍ନପୂର୍ଣ୍ଣା ଅନୁଷ୍ଠାନର ତରଫରୁ ମହିଳାମାନଙ୍କର ସ୍ୱାବଲମ୍ବନରେ ସ୍ୱଳ୍ପରଣର ଉପାଦେୟତା ଓ ସେମାନଙ୍କର ମୁଖ୍ୟସ୍ରୋତକୁ ଆଗେଇ ଆସିବାର ଉଦାହରଣ ସବୁ ପ୍ରଦାନ କରିଥିଲେ ।



ଏହି କାର୍ଯ୍ୟକ୍ରମର ପ୍ରାରମ୍ଭରେ ସାରଳା ଦେବୀ ସେଣ୍ଟର୍ ଫର୍ ଜେଣ୍ଡର୍ ରିସର୍ଚ୍ଚର ନିର୍ଦ୍ଦେଶିକା ପ୍ରଫେସର୍ ଜୋର୍ତିମୟୀ ଆଚାର୍ଯ୍ୟ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ପ୍ରଶିକ୍ଷଣ କସର୍ମଶାଳାର ପ୍ରଥମ ପର୍ଯ୍ୟାୟରେ, ପ୍ରଫେସର୍ ଜୋର୍ତିମୟୀ ଆଚାର୍ଯ୍ୟ ମହିଳାମାନଙ୍କର ଅର୍ଥନୈତିକ ସଶକ୍ତୀକରଣ ସେମାନଙ୍କୁ ମୁଖ୍ୟସ୍ରୋତରେ ଅଗ୍ରଗାମୀ କରିବାରେ କିପରି ପରିଚାୟକ ହୋଇଥାଏ ଏହି ବିଷୟରେ ଛାତ୍ରୀବୃନ୍ଦଙ୍କୁ ଉଦବୋଧନ ଦେଇଥିଲେ । ଏତତ୍ ବ୍ୟତୀତ ଡକ୍ଟର୍ ଶ୍ରାବଣୀ ଦାସ, ଓଡ଼ିଶା ରାଜ୍ୟ ଫାସିଲିଟେଟର୍, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, କର୍ମକ୍ଷେତ୍ରରେ ଯୌନ ନିର୍ଯାତନା ଆଇନ ସମ୍ବନ୍ଧରେ ଛାତ୍ରୀମାନଙ୍କୁ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ । ପରିଶେଷରେ, ସରଳାଦେବୀ ସେଣ୍ଟର୍ ଫର୍ ଜେଣ୍ଡର୍ ରିସର୍ଚ୍ଚର ସଂଯୋଜିକା ପ୍ରଫେସର୍ ଅପରାଜିତା ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଶତାଧିକ ଛାତ୍ରୀ ସକ୍ରିୟ ଭାବରେ ଯୋଗଦାନ କରିଥିଲେ ।

# କାରକୁ ପିଟିଲା ଟ୍ରକ: ୨ ଆହତ, ୧ ଗୁରୁତର

ରଘୁନାଥପୁର,(ସବ୍ୟୁ) :କଟକ ପାରାଦ୍ୱୀପ ରାଜରାସ୍ତାର ତାରାପୁର ବାଇପାସ୍ ନିକଟରେ ଏକ ଟ୍ରକ ଅପରପକ୍ଷରୁ ଆସୁଥିବା ଏକ କାରକୁ ଧକ୍କା ଦେବାରୁ କାର ଚାଳକ କନକପୁର ଅଂଚଳର ସତ୍ୟ ଭୁଷଣ ଦାଶ (୫୧)ଗୁରୁତର ଆହତ ହୋଇ ରଘୁନାଥପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ଅଧିକ ଚିକିତ୍ସା ପାଇଁ ଭୁବନେଶ୍ୱର ଆପୋଲ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି ।



କନକପୁର ଅଂଚଳର ସତ୍ୟ ଭୁଷଣ ଦାଶ ଓ ତାଙ୍କର ଜଣେ ସାଥୀ କଟକରୁ ଘରକୁ ଫେରୁଥିବା ବେଳେ ଅପରାହ୍ନ ୩ଟା ସମୟରେ ପାରାଦ୍ୱୀପ ପଟରୁ ଆସୁଥିବା ଏକ ଦ୍ରୁତଗାମୀ ଟ୍ରକର ପଛ ଚକ ବାହାରି ଯିବାରୁ ଟ୍ରକଟି ଭାରସାମ୍ୟ ହରାଇ କାରକୁ ସମ୍ମୁଖ ପଟରେ ଧକ୍କା ଦେଇଥିଲା । ଫଳରେ ଶ୍ରୀ ଦାଶ ଘଟଣା ସ୍ଥଳରେ ଗୁରୁତର ଆହତ ହୋଇଥିବା ବେଳେ ସାଥୀ ଆରୋହୀ ଜଣକ ଆହତ ହୋଇ ରଘୁନାଥପୁର ଡାକ୍ତରଖାନାରେ ଚିକିତ୍ସିତ ହୋଇଥିଲେ। ସେଠାରେ ଶ୍ରୀ ଦାଶଙ୍କ ଅବସ୍ଥା ଗୁରୁତର ଯୋଗୁଁ ତାଙ୍କୁ ଅଧିକ ଚିକିତ୍ସା ପାଇଁ ଭୁବନେଶ୍ୱର ଆପୋଲ ହସ୍ପିଟାଲକୁ ନିଆଯାଇଛି । ଘଟଣାସ୍ଥଳରୁ ଟ୍ରକ ଡ୍ରାଇଭର ଫେରାର ହୋଇ ଯାଇଥିବା ବେଳେ ଖବରପାଇ ରଘୁନାଥପୁର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର ଛାନଭିନ କରିଛନ୍ତି ।

# ଠିପି ଖୋଲା ବିଦେଶୀ ମଦ ଦୋକାନ ବନ୍ଦ କରିବାକୁ ଦାବି

ରାଜନଗର,(ସବ୍ୟୁ) : ରାଜନଗର ବ୍ଲକ ଚାନ୍ଦିବାଉଁଶମୂଳ ବଜାରରେ ଥିବା ଠିପି ବନ୍ଦ ବିଦେଶୀ ମଦ ଦୋକାନକୁ ନେଇ ପତିକ୍ରିୟା ବଢିବାରେ ଲାଗିଛି ।ଅବକାରୀ ବିଭାଗର ନୀତି ନିୟମକୁ ଉଲଘନ୍ନ କରି ଜନ ଗହଳି ପୂର୍ଣ୍ଣ ସ୍ଥାନରେ ଖୋଲାଯାଇଛି ଏହି ମଦ ଦୋକାନ । ସ୍ଥାନୀୟ ଅଞ୍ଚଳବାସୀ ଓ ମହିଳା ମାନେ ବାରମ୍ବାର ଜିଲ୍ଲା ପ୍ରଶାସନକୁ ଜଣାଇଲା ପରେବି ପ୍ରଶାସନପକ୍ଷରୁ ମଦ ଦୋକାନ କୁ ଉଚ୍ଛେଦ ପାଇଁ କୌଣସି ପଦକ୍ଷେପ ନନେବାରୁ ମହିଳାମାନେ ଏହାକୁ ସାତ ଦିନ ମଧ୍ୟରେ ଉଚ୍ଛେଦ ନକଲେ ଅନଶନରେ ବସିବେ ବୋଲି ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି ।ଏଥି ସହ ହଂସିଣା ଫେରି ଘାଟ ନିକଟରେ ଥିବା ବିଦେଶୀ ମଦ ଦୋକାନ ଓପନ ବାରରେ ପରିଣତ ହେବା ସହ ସେଠାରେ ଅସମାଜିକ ବ୍ୟକ୍ତିଙ୍କ ଭିଡ ଜମୁଥିବା ଅଭିଯୋଗ ହୋଇଛି ।ହଂସିଣା ଫେରିଘାଟ ନିକଟରେ ଅବକାରୀ ବିଭାଗର ନୀତି ନିୟମକୁ ଉଲଘନ୍ନ କରି ବିଦେଶୀ ମଦ ଦୋକାନ ଖୋଲାଯାଇଛି ।ଏହା ଠିପି ବନ୍ଦ ବିଦେଶୀ ମଦ ଦୋକାନ ହୋଇଥିଲେ ମଧ ବେଆଇନ ଭାବେ ମଦ ଦୋକାନ ସମୁଖ ଓପନ ବାରରେ ପରିଣତ ହୋଇଛି ।ଏହି ମଦ ଦୋକାନ ବନ୍ଦ କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ଆନ୍ଦୋଳନକୁ ଓହ୍ଲାଇବାକୁ ପ୍ରସ୍ତୁତ ହେଉଥିବା ଜଣାପଡିଛି ।

ଅଭିଯୋଗ ମୁତାବକ ଏହି ଠିପି ଖୋଲା ମଦ ଦୋକାଳ ପଞ୍ଚାୟତବାସୀଙ୍କ ପାଇଁ କାଳ ସାଜିଛି । ପ୍ରତ୍ୟେକ ଦିନ ଏହି ବିଦେଶୀ ମଦ ଦୋକାନରେ ଅସାମାଜିକ ବ୍ୟକ୍ତିଙ୍କ ଭିଡ ଜମୁଛି । ଅସାମାଜିକ ଯୁବକମାନେ ମଦ ପିଇ ଅଶ୍ଳୀଳ ଭାଷା ପ୍ରୟୋଗ କରୁଛନ୍ତି । ଏହି ବିଦେଶୀ ମଦ ଦୋକାନଠାରୁ ମାତ୍ର କିଛି ଦୂରତାରେ ଗ୍ରାମଦେବୀ ମନ୍ଦିର ରହିଛି । ୨ଶହ ମିଟର ଦୂରରେ ଶ୍ରୀ ଜଗନ୍ନାଥ ଇଚ୍ଚ ବିଦ୍ୟାଳୟ ଓ ୧୫୦ ମିଟର ଦୂରରେ ଅଙ୍ଗନୱାଡି କେନ୍ଦ୍ର , ସରକାରୀ ପ୍ରାଥମିକ ବିଦ୍ୟାଳୟ ରହିଛି । ଏହି ମଦ ଦୋକାନ ପାଇଁ ଅନେକ ଘଟଣା ଓ ଦୁର୍ଘଟଣା ସ୍ଥାନୀୟ ଅଞ୍ଚଳରେ ଘଟୁଛି । ପ୍ରତ୍ୟେକ ଦିନ ଏହି ମଦ ଦୋକାନ ବାଟ ଦେଇ ପାଠ ପଢିବାକୁ ଯାଇଥିବା ଛାତ୍ରୀମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ଖରାପ ବ୍ୟବହାର ମଧ କରୁଛନ୍ତି । ଯାହାଦ୍ୱାରା ନାବାଳିକା ଛାତ୍ରୀମାନେ ପାଠ ପଢିବାକୁ ସେହି ବାଟ ଦେଇ ଯିବାକୁ ଅସୁରକ୍ଷିତ ମନେ କରୁଛନ୍ତି । ବିଦ୍ୟାଳୟରେ ପଢୁଥିବା ଛାତ୍ରଛାତ୍ରୀ ଏହି ମଦ ଦୋକାନ ପାଇଁ ବିଦ୍ୟାଳୟକୁ ଯିବା ଆସିବା କରିବାରେ ହଇରାଣ ହେଉଛନ୍ତି । ଏହି ବିଦେଶୀ ମଦ ଦୋକାନକୁ ବନ୍ଦ କରିବା ପାଇଁ ପୂର୍ବରୁ ଅଞ୍ଚଳର ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ପକ୍ଷରୁ ବାରମ୍ବାର କେନ୍ଦ୍ରାପଡା ଜିଲ୍ଲାପାଳଙ୍କୁ ଅଭିଯୋଗ କରାଯାଇଥିଲେ ମଧ କୌଣସି ପଦକ୍ଷେପ ନିଆଯାଇନି । ତୁରନ୍ତ ମଦ ଦୋକାନକୁ ବନ୍ଦ କରିବାକୁ ମୀନା ରାଉତ, ବାନାମ୍ବର ଗାଉତ, ରଶ୍ମିରଞ୍ଜନ ରାଇତ, ମନୋରମା ନୟକ, ପ୍ରଭାତୀ ନାୟକ, ସୁମିତ୍ରା ରାଉତ, ସାବିତ୍ରୀ ପ୍ରଧାନ, ମଞ୍ଜୁଲତା ରାଉଳ, , ବାସନ୍ତୀ ରାଉତ ପ୍ରମୁଖ ଜିଲ୍ଲାପାଳଙ୍କୁ ଭେଟି ଲିଖିତ ଅଭିଯୋଗ କରିଛନ୍ତି । ପ୍ରଶାସନ ଏହି ବିଦେଶୀ ଠିପି ବନ୍ଦ ମଦ ଦୋକାନ ବନ୍ଦ କରିବାକୁ ପଦକ୍ଷେପ ନନେଲେ ମହିଳା ମାନେ ଅନଶନରେ ବସିବେ ବୋଲି ଲିଖିତ ଭାବେ ଜଣାଇଛନ୍ତି

## ଚଣ୍ଡିଖୋଲ କୋର୍ଟ ବାର ଆସୋସିଏସନ ନିର୍ବାଚନ

# ସୁରେଶ ପଣ୍ଡା ସଭାପତି, ପ୍ରକାଶ ଦାଶ ସମ୍ପାଦକ





ଚଣ୍ଡିଖୋଲ ,(ସବ୍ୟୁ) :ରାଜ୍ୟ ବାର ଆସୋସିଏସନ୍ ଦ୍ୱାରା ଅନୁବନ୍ଧିତ ଚଣ୍ଡିଖଲ କୋର୍ଟ ବାର ଆସୋସିଏସନର କର୍ମକର୍ତ୍ତା ନିର୍ବାଚନ ଶନିବାର ଦିନ ଶାନ୍ତି ଶୃଙ୍ଖଳାର ସହ ଅନୁଷ୍ଠିତ ହୋଇଥିଲା । ଏହି ନିର୍ବାଚନରେ ସୁରେଶଚନ୍ଦ୍ର ପଣ୍ଡା ସଭାପତି ଓ ପ୍ରକାଶଚନ୍ଦ୍ର ଦାଶ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି । ପ୍ରକାଶ ତାଙ୍କ ପ୍ରତିଦ୍ୱନ୍ଦୀ ଉଦୟନାଥ ସାହୁଙ୍କ ଠାରୁ ୨୫ଟି ଅଧିକ ଭୋଟ ପାଇ ସମ୍ପାଦକ ଭାବେନିର୍ବାଚିତ ହୋଇଥିଲା ବେଳେ ସୁରେଶ ମାତ୍ର ଖଣ୍ଡିଏ ଭୋଟରେ ତାଙ୍କ ପ୍ରତିଦ୍ୱନ୍ଦୀ ଶରତକୁମାର ଷଡ଼ଙ୍ଗୀଙ୍କୁ ହରାଇ ନିର୍ବାଚିତ ହୋଇଥିବା ଜଣାପଡିଛି । ତେବେ ପ୍ରକାଶଚନ୍ଦ୍ର ଦାଶ ଚଳିତ ଥରକୁ ମିଶାଇ ୧୧ ଥର ସମ୍ପାଦକ ଭାବେ ନିର୍ବାଚିତ ହୋଇ ରେକର୍ଡ ସୃଷ୍ଟି କରିଥିବା ଜଣାପଡ଼ିଛି । ମୋଟ ୧୯୩ ଜଣ ଭୋଟରଙ୍କ ମଧ୍ୟରୁ ୧୮୦ଜଣ ମତଦାନ କରିଥିଲେ । ସଭାପତି ଭାବେ ସୁରେଶ ପଣ୍ଡା ୮୮ ଖଣ୍ଡ ଭୋଟ ପାଇଥିବା ବେଳେ ତାଙ୍କ ପ୍ରତିଦ୍ୱନ୍ଦୀ ଶରତ ଷଡଙ୍ଗୀ ୮୭ଖଣ୍ଡ ଭୋଟ ପାଇଥିଲେ । ଉପ ସଭାପତି ଭାବେ ରାମଚନ୍ଦ୍ର ତ୍ରିପାଠୀ ଓ କୋଷାଧ୍ୟକ୍ଷ ଭାବେ ବାବାଜୀ ଚରଣ ସାମଲ ନିର୍ବାଚିତ ହୋଇଥିଲେ । ପ୍ରତାପ କୁମାର ବଳ ଓ ମନ୍ମଥ କେଶରୀ ସାହେବ ରାୟ ନିର୍ବାଚନ ପରିଚାଳନା କରିଥିଲେ । ପୂର୍ବରୁ ସାଂସ୍କୃତିକ ସଂପାଦକ ଭାବେ ବୀରେନ କୁମାର ବିଶ୍ୱାଳ, ଯୁଗ୍ମ ସମ୍ପାଦକ ଭାବେ ଶିରିଶ ସାମଲ, ପାଠାଗାର ସମ୍ପାଦକ ଭାବେ ଦୀନବନ୍ଧୁ ନାୟକ, କ୍ରୀଡ଼ା ସମ୍ପାଦକ ଭାବରେ ତରୁଣ କୁମାର ବିଶ୍ୱାଳ ବିନା ପ୍ରତିଦ୍ୱନ୍ଦିତାରେନିର୍ବାଚିତ ହୋଇଥିବା ନିର୍ବାଚନ ଅଧିକାରୀ ଘୋଷଣା କରିଥିଲେ ।

## ୪ ବଖରା ଜଳିଗଲା

କୋରେଇ ,(ସବ୍ୟୁ) :କୋରେଇ ବ୍ଲକ ଅନ୍ତର୍ଗତ ଗୌରପୁର ପଚାଂୟତ ଗୌରପୁର ଗ୍ରାମର ଗୋଡ଼ିପାଟଣା ସାହିର ସାନ୍ତନୁ ପାତ୍ର, ସନାତନ ପାତ୍ର, ଚନ୍ଦନ ପାତ୍ର ଓ ମନୋରଂଜନ ପାତ୍ରଙ୍କ ଘରେ ନିଆଁ ଲାଗି ୪ ବଖରା ସହ ଘରର ସମସ୍ତ ଆସବାବ ପାତ୍ର ଧାନ, ଚାଉଳ, ଟଙ୍କା ଓ ସୁନା ସମ୍ପୂର୍ଣ୍ଣ ଭାବେ ପୋଡି ପାଉଁଶ ହୋଇଯାଇଛି । ଖବର ପାଇ ବୈତରଣୀ ରୋଡ ଦମକଳ ବାହିନୀ ସେଠାରେ ପହଂଚିଥିଲେ ମଧ୍ୟ ସେତେବେଳକୁ ୪ ବଖରା ଘର ସମ୍ପୂର୍ଣ୍ଣ ପୋଡିଯାଇଥିଲା । ସୂଚନା ଥାଉକି ଶନିବାର ମଧ୍ୟାହ୍ନ ୧ ଟା ବେଳେ ହଠାତ୍ ସାନ୍ତନୁଙ୍କ ଘରେ ନିଆଁ ଜଳିବା ଦେଖା ଯାଇଥିଲା । ପରିବାର ଲୋକେ ଘରେ ନିଆଁ ଲାଗିଯିବା ଦେଖି ଗ୍ରାମ ବାସୀଙ୍କୁ ଡ଼ାକିଥିଲେ । ଗାଁ ଲୋକମାନେ ଘଟଣା ସ୍ଥଳରେ ପହଁଚି ନିଆଁ ଲିଭାଇବା ସହ ବୈତରଣୀ ରୋଡ ଦମକଳ କେନ୍ଦ୍ରକୁ ଖବର ଦେଇଥିଲେ । ଖବର ପାଇ ଦମକଳ ବାହିନୀ ସେଠାରେ ପହଁଚିଲା ବେଳେକୁ ୪ ବଖରା ଘର ସମ୍ପୂର୍ଣ୍ଣ ପୋଡ଼ି ଯାଇଥିଲା । ଏହି ଅଗ୍ନିକାଣ୍ଡ ସଟସର୍କିଟ୍‌ରୁ ହୋଇଥାଏ ବୋଲି ଅନୁମାନ କରାଯାଉଛି । ସରପଞ୍ଚ ସତ୍ୟାନନ୍ଦ ମହାପାତ୍ର ବିପନ୍ନଙ୍କୁ ଶୁଖିଲା ଖାଦ୍ୟ ଯୋଗାଇ ଦେଇଛନ୍ତି ।

# ବାଲୁଙ୍କେଶ୍ୱର ନୋଡାଲ ବିଦ୍ୟାପୀଠରେ ବାର୍ଷିକ ଉତ୍ସବ

ଡେରାବିଶ ,(ସବ୍ୟୁ) :ଡେରାବିଶ ବ୍ଲକ ଲକ୍ଷ୍ମୀନାରାୟଣପୁର ପଂଚାୟତ ଅନ୍ତର୍ଗତ ବଳଭଦ୍ରପୁର ସ୍ଥିତ ବାଲୁଙ୍କେଶ୍ୱର ନୋଡାଲ ବିଦ୍ୟାପୀଠର ୪୫ ତମ ବାର୍ଷିକ ଉତ୍ସବ ଓ ପୁରୁଷ୍କାର ବିତରଣ ସଭା ଆଜି ବିଦ୍ୟାପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାପୀଠର ପ୍ରଧାନ ଶିକ୍ଷୟିତ୍ରୀ ଡକ୍ଟର କାନନବାଳା ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବାର୍ଷିକ ଉତ୍ସବରେ ବିଶିଷ୍ଟ ଅତିଥିଭାବେ କେନ୍ଦ୍ରାପଡ଼ା ଏଡିଏମ୍ ନିଲୁ ମହାପାତ୍ର ଓ ଓଡ଼ିଶା ଉଚ୍ଚନ୍ୟାୟାଳୟର ବରିଷ୍ଠ ଆଇନଜୀବୀ ଧରଣୀ ଧର ନାୟକ ଯୋଗଦେଇ କୁନି କୁନି ଛାତ୍ରଛାତ୍ରୀମାନେ ଦେଶର ଭବଷ୍ୟତ । ତେଣୁ ଶିକ୍ଷକ ଶିକ୍ଷୟିତ୍ରୀମାନେ ବିଦ୍ୟାଳୟ ରୂପୀ କାରଖାନାରେ ସେମାନଙ୍କୁ ସଠିକ ଭାବରେ ଗଢ଼ିବା ପାଇଁ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରାଧାପିକା ତଥା ବିଶିଷ୍ଟ ସାହିତ୍ୟିକା ଅପର୍ଣ୍ଣା ମହାନ୍ତି, ସମ୍ମାନିତ ଅତିଥିଭାବେ ବିଶିଷ୍ଟ ସମାଜସେବୀ ପ୍ରାଧାପକ ଅଜୟ କୁମାର ରାଉତ, ମହାକାଳପଡ଼ାର ଅତିରିକ୍ତ ତହସିଲଦାର ପ୍ରଭଞ୍ଜନ ମିଶ୍ର, ଡେରାବିଶ ବ୍ଲକ ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରା, ଜିଲ୍ଲା ପରିଷଦ ସଭ୍ୟ ଧନେଶ୍ୱର ସେଠୀ, ଲକ୍ଷ୍ମୀନାରାୟଣପୁର ସରପଂଚ ଅରକ୍ଷିତ କାଣ୍ଡି, ସମିତିସଭ୍ୟ ଫନିନ୍ଦ୍ର ବେହେରା, ଆଇନଜୀବୀ ଦିପକ କୁମାର ସାହୁ, ସମାଜସେବୀ ଦେବାଶିଷ ଗିରିଜା ଭୂଷଣ ନାୟକ ପ୍ରମୁଖ ଯୋଗଦେଇଥିଲେ । ଶିକ୍ଷୟିତ୍ରୀ ରୋଜାଲିନ ସାମନ୍ତରାୟ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଶିକ୍ଷକ ସଂଜୟ କୁମାର ପୃଷ୍ଟି ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ । ପ୍ରାରମ୍ଭରେ ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ଅତିଥିମାନଙ୍କ ନିମନ୍ତେ ସ୍ୱାଗତ ସଙ୍ଗୀତ ଓ ନୃତ୍ୟ ପରିବେଶଣ କରାଯାଇଥିଲା । ଏହି ଅବସରରେ ଶିକ୍ଷୟିତ୍ରୀ ସୀମାରାଣୀ ନାୟକ ଓ ରାଜଲକ୍ଷ୍ମୀ ମହାରଣାଙ୍କ ତତ୍ତ୍ୱାବଧାନରେ ଅତିଥିମାନେ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥିଲେ । ଶିକ୍ଷୟିତ୍ରୀ ମୌସୁମୀ ନାୟକ ମଂଚ ପରିଚାଳନା କରିଥିବା ବେଳେ ଶେଷରେ ଶିକ୍ଷୟିତ୍ରୀ ସୁହାସିନୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ବେହେରା, ଶୁଶ୍ରୀ ସଙ୍ଗିତା ଜେନା, ରହତଜାନ୍ ବେଗମ୍, ଅଞ୍ଜନା ଦାସ, ନିରୁପ୍ରଭା ଦେଈ, ପ୍ରଭାତି ପାତ୍ର, ବନ୍ଦିତା ଦାସ, ମୋନାଲି ମନିଷା ମହାନ୍ତି ଓ ଶିକ୍ଷକ ଶିବସୁନ୍ଦର ପରିଜା ପ୍ରମୁଖ ପରିଚାଳନା କରିଥିଲେ । ଶେଷରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଉପସ୍ଥିତ ଛାତ୍ରଛାତ୍ରୀ, ଛାତ୍ରାଭିଭାବକ ଓ ଜନସାଧାରଣଙ୍କୁ ମନ୍ତ୍ରମୁଗ୍ଧ କରିଥିଲା ।

## ଓକିଲ ସଂଘ ନିର୍ବାଚନ: କଳିଙ୍ଗନଗର ବାର ଆସୋସିଏସନ

ବ୍ୟାସନଗର,(ଜିପ୍ର): କଳିଙ୍ଗନଗର ବାର୍ ଆସୋସିଏସନ ଯାଜପୁର ରୋଡ଼ର ବାର୍ଷିକ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । ସମସ୍ତ ପଦବୀ ପାଇଁ ଜଣେ ଲେଖାଏଁ ମନୋନୟନ ପତ୍ର ଦାଖଲ କରିଥିବାରୁ ସମସ୍ତେ ନିର୍ଦ୍ୱନ୍ଦ ନିର୍ବାଚିତ ହୋଇଛନ୍ତି । ୨୦୨୫-୨୬ ପାଇଁ ହୋଇଥିବା ନିର୍ବାଚନରେ ସଭାପତି ଭାବେ ଆଇନଜୀବୀ ମନୀନ୍ଦ୍ର ଧଳ, ଉପସଭାପତି ମହେନ୍ଦ୍ର ସାହୁ, ସଂପାଦକ ଭାବେ ନବକିଶୋର ସାହୁ ନିର୍ବାଚିତ ହୋଇଛନ୍ତି । ସେହିପରି ଯୁଗ୍ମ ସଂପାଦକ ପ୍ରୟଦର୍ଶୀ ମଲ୍ଲ, ସହ ସଂପାଦକ ଜିତେନ୍ଦ୍ର କୁମାର ବାରିକ, କୋଷାଧକ୍ଷ ଭାବେ ଅରୁଣ କୁମାର ବୋଇତାଇ ନିର୍ବାଚିତ ହୋଇଛନ୍ତି । ଏଥିସହ କାର୍ଯ୍ୟକାରୀ କମିଟି ସଭ୍ୟଭାବେ ରବିନ୍ଦ୍ର ମୋହନ ଭୂୟାଁ, ଅଜୟ କୁମାର ମଲିକ, ଅମୂଲ୍ୟ କୁମାର ରାଉତ୍, ପ୍ରକାଶ ଚନ୍ଦ୍ର ଜେନା, ଅଜୟ କୁମାର ସାମଲ, ସର୍ବସମ୍ମତି କ୍ରମେ ନିର୍ବାଚିତ ହୋଇଥିବା ନିର୍ବାଚନ ଅଧିକାରୀ ପ୍ରଣୟ କୁମାର ନାୟକ ସୂଚନା ଦେଇଛନ୍ତି । ନବ ନିର୍ବାଚିତ କାର୍ଯ୍ୟକର୍ତାଙ୍କୁ ବରିଷ୍ଠ ସଭ୍ୟ ବ୍ରଜକିଶୋର ପତି ପଦ ଓ ଗୋପନିୟତାର ଶପଥପାଠ କରାଇଥିଲେ ।

### ଯାଜପୁର ରୋଡ ଓକିଲ ସଂଘ

ଯାଜପୁର ରୋଡ ବାର ଆସୋସିଏସନର ନିର୍ବାଚନ ଯାଜପୁର ରୋଡ ଜୁଡ଼ିସିଆଲ କୋର୍ଟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଆଇନଜୀବୀ ଅଚ୍ୟୁତାନନ୍ଦ ଦାଶ ସଭାପତି ଭାବେ ନିର୍ବାଚିତ ହୋଇଥିବା ବେଳେ ଉପସଭାପତି ଭାବେ ରାକେଶ କୁମାର ସାହୁ, ସାଧାରଣ ସମ୍ପାଦକ ଭାବେ ରାଜେନ୍ଦ୍ର କୁମାର ବେହୁରା, ଯୁଗ୍ମ ସଂପାଦକ ବିକ୍ରମ କେଶରୀ ଓଝା, ସହସଂପାଦକ ସନ୍ତୋଷ କୁମାର ଆଚାର୍ଯ୍ୟ, କୋଷାଧ୍ୟକ୍ଷ ଭାବେ ତନ୍ମୟୀ ପ୍ରୀୟଦର୍ଶନୀ ଧଳ ନିର୍ବାଚିତ ହୋଇଥିବା ବେଳେ କାର୍ଯ୍ୟକାରୀ କମିଟିକୁ ମଧୁସୂଦନ ରାଉତରାୟ ଓ ପିତବାସ ଭୂୟାଁ ନିର୍ବାଚିତ ହୋଇଛନ୍ତି ।

### ଯାଜପୁର ଜିଲା ଟ୍ୟାକ୍ସ ବାର ଆସୋସିଏସନ୍

ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦ ଅନୁବନ୍ଧିତ ଯାଜପୁର ଜିଲ୍ଲା ଟ୍ୟାକ୍ସ ବାର ଆସୋସିଏସନ୍‌ର ନିର୍ବାଚନ ଫଳ ପ୍ରକାଶପାଇଛି। ସଭାପତି ଭାବେ ବିବେକାନନ୍ଦ ମହାନ୍ତି, ଉପସଭାପତି ସସ୍ମିତା ସ୍ୱାଇଁ, ସଧାରଣ ସମ୍ପାଦକ ଧନେଶ୍ୱର ବାରିକ , ଯୁଗ୍ମ ସମ୍ପାଦକ ଅଶୋକ କୁମାର ଶର୍ମା, ସହ ସମ୍ପାଦକ ଦିପୁ ବାରିକ୍, କୋଷାଧକ୍ଷ ଅକ୍ଷୟ କୁମାର ବାରିକ, ଲାଇବ୍ରେରୀ ସମ୍ପାଦକ ରମାକାନ୍ତ ସେଠୀ ଏବଂ କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ରାଜେନ୍ଦ୍ର ଧୀର ସାମନ୍ତ ଓ ସତ୍ୟଜିତ ଶତପଥୀ ନିଦର୍‌ବନ୍ଦରେ ନିର୍ବାଚିତ ହୋଇଛନ୍ତି ବୋଲି ନିର୍ବାଚନ ଅଧିକାରୀ ଲକ୍ଷ୍ମୀଧର ସାହୁ ସୂଚନା ଦେଇଛନ୍ତି। ନିର୍ବାଚନ ପରିଚାଳନରେ ମନସ ରଞ୍ଜନ ସାମଲ ଏବଂ ପ୍ରବୀର କୁମାର ରାଉତ ସହଯୋଗ କରିଥିଲେ।

## ଗଣଶିକ୍ଷା ବିଭାଗ ନିୟମକୁ ଫୁ

ନିଶ୍ଚିନ୍ତକୋଇଲି,(ସବ୍ୟୁ) : ପ୍ରଚଣ୍ଡ ରୌଦ୍ରତାପକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରତ୍ୟେକ ବିଦ୍ୟାଳୟକୁ ସକାଳୁଆ ଖୋଲାଯିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ସକାଳ ୬.୩୦ ମିନିଟ୍ ରୁ ବିଦ୍ୟାଳୟ ଖୋଲାଯାଇ ୧୦.୩୦ ପର୍ଯ୍ୟନ୍ତ ବିଦ୍ୟାଳୟ ଗୁଡିକ ଖୋଲା ରହି ଶିକ୍ଷାଦାନ କରାଯିବାକୁ ସରକାରୀ ନିର୍ଦ୍ଦେଶ ରହିଥିବା ବେଳେ ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳୁଛି ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଅଧିନରେ ଥିବା ଅନେକ ବିଦ୍ୟାଳୟରେ । ସରକାରୀ କାର୍ଯ୍ୟ ଦିବସରେ ନିର୍ଦ୍ଧାରିତ ସମୟ ସକାଳ ୬.୩୦ ମିନିଟ୍‌ରେ ଅଧିକାଂଶ ଶିକ୍ଷକ ଶିକ୍ଷୟିତ୍ରୀ ସେମାନକାର୍ଯ୍ୟରତ ନିଜ ନିଜର ବିଦ୍ୟାଳୟରେ ପହଞ୍ଚୁନଥିବା ଅଭିଯୋଗ ହେଉଛି । ବିଶେଷ କରି ଶିକ୍ଷୟିତ୍ରୀମାନଙ୍କ କ୍ଷେତ୍ରରେ ଏହା ଦେଖିବାକୁ ମିଳୁଛି । ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଅଧିନରେ କାର୍ଯ୍ୟରତ ଅନେକ ଶିକ୍ଷୟିତ୍ରୀ ଯାତ୍ରୀବାହୀ ଯାନ (ବସ୍‌ରେ) ଯିବା ଆସିବା କରୁଛନ୍ତି । ସେମାନଙ୍କ ମଧ୍ୟରୁ ଅଧିକାଂଶ ଶିକ୍ଷୟିତ୍ରୀ କୁଳିଆଠାରୁ କଟିକଟା ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନର ବସ୍‌ଷ୍ଟାଣ୍ଡରେ ୭ଟାରୁ ୭.୩୦ ମିନିଟ୍ ସମୟରେ ଓହ୍ଲାଉଥିବାର ଦୃଶ୍ୟ ଦେଖିବାକୁ ମିଳୁଛି । ବସ୍‌ଷ୍ଟାଣ୍ଡରୁ ସେମାନେ କାର୍ଯ୍ୟରତ ବିଦ୍ୟାଳୟ ଗୁଡିକୁ ଯିବା ପାଇଁ ମଧ କିଛି ସମୟ ଲାଗୁଛି । ଯାହାଫଳରେ ସେମାନେ ବିଦ୍ୟାଳୟରେ ପହଞ୍ଚିଲାବେଳକୁ ୮ଟାରୁ ଊର୍ଦ୍ଧ୍ୱ ସମୟ ହେଉଥିବା ଅଭିଯୋଗ ହେଉଛି । ଏ ସବୁ ସତ୍ତ୍ୱେ ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରିଣୀ ଏଥିପ୍ରତି ଗୁରତ୍ୱ ଦେଉନଥିବାରୁ କଟକ ଜିଲ୍ଲା ଶିକ୍ଷାଧିକାରୀ ଏ ବିଷୟକୁ ଗୁରୁତ୍ୱର ସହ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଛାତ୍ରାଭିଭାବକ ମହଲରୁ ଦାବି ହେଉଛି ।

## ଜିଲ୍ଲା ଓକିଲ ସଂଘ ନିର୍ବାଚନ

# ସୁବାସ ଭୂଷଣ ମହାପାତ୍ର ସଭାପତି ଓ ପ୍ରସନ୍ନ କୁମାର ମହାନ୍ତି ସଂପାଦକ



ଜଗତସିଂହପୁର,(ସବ୍ୟୁ) :ଜଗତସିଂହପୁର ଜିଲ୍ଲା ଓକିଲ ସଂଘର ନିର୍ବାଚନ ଶେଷ ହୋଇଛି । ସକାଳ ୭.୩୦ ରୁ ଅପରାହ୍ନ ୩ ଟା ପର୍ଯ୍ୟନ୍ତ ଏହି ନିର୍ବାଚନ ଚାଲିଥିଲା। ମୋଟ ୩୭୩ ଜଣ ଭୋଟରଙ୍କ ଭୋଟରଙ୍କ ମଧ୍ୟରୁ ୩୪୨ ଜଣ ଓକିଲ ଆଜି ତାଙ୍କର ମତଦାନ ସାବ୍ୟସ୍ତ କରିଥିଲେ ।ବରିଷ୍ଠ ଆଇନଜୀବୀ ସୁବାସ ଭୂଷଣ ମହାପାତ୍ର ସଭାପତି ଭାବେ ନିର୍ବାଚିତ ହୋଇଥିବା ବେଳେ ପ୍ରସନ୍ନ କୁମାର ମହାନ୍ତି ସମ୍ପାଦକ ଭାବରେ ବିଜୟ ଲାଭ କରିଛନ୍ତି ।ସେହିପରି ଉପସଭାପତି ଭାବେ ସରୋଜ କୁମାର ବିଶ୍ୱାଳ, ଯୁଗ୍ମ ସମ୍ପାଦକ ଭାବେ ଜ୍ଞାନ ରଞ୍ଜନ ମହାନ୍ତି ଓ କୋଷାଧକ୍ଷ ଭାବେ ଅଲେଖ ଚରଣ ବାରିକ ବିଜୟ ଲାଭ କରିଛନ୍ତି। ତେବେ ଶାନ୍ତି ଶୃଙ୍ଖଳା ସହିତ ନିର୍ବାଚନ ଶେଷ ହୋଇଥିବା ବେଳେ ନିର୍ବାଚନ ଫଳାଫଳ ପ୍ରକାଶ ପାଇଛି।ତେବେ ବିଜୟୀ ପ୍ରାର୍ଥୀ ମାନେ ଆଗାମୀ ଦିନରେ ଓକିଲ ଭାଇ ଭଉଣୀ ମାନଙ୍କ ବିଭିନ୍ନ ସମସ୍ୟା ଉପରେ ଗୁରୁତ୍ୱ ଦେବେ ବୋଲି କହିଛନ୍ତି ।ଏହି ବିଜୟ ସମସ୍ତ ଓକିଲ ବନ୍ଧୁ ମାନଙ୍କର ବୋଲି ସଭାପତି କହିଥିଲେ ।ବାର ଆସୋସିଏସନ ଗୃହକୁ ସଂପୁର୍ଣ୍ଣ କରିବା,ବାରର ଲାଇବ୍ରେରୀ,ହେଲଥ କାର୍ଡ ଆଦି ସମସ୍ୟା ଉପରେ ଗୁରୁତ୍ୱ ଦିଆଯିବ ବୋଲି ନବ ନିର୍ବାଚିତ କର୍ମକର୍ତ୍ତାମାନେ କହିଛନ୍ତି ।

# ଶ୍ରୀ ଜଗନ୍ନାଥଙ୍କ ରଥ କାଠ ପାଇଁ ଜିଲ୍ଲାପାଳଙ୍କୁ ଭେଟିଲେ ଗ୍ରାମବାସୀ



କେନ୍ଦ୍ରାପଡା,(ସବ୍ୟୁ) :କେନ୍ଦ୍ରାପଡା ଜିଲ୍ଲା ରାଜନଗର ବ୍ଲକ ଅଂର୍ଗତ ସଛପଡା ଓ ଗୋବିନ୍ଦପୁର ସ୍ଥିତ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା ପାଇଁ ରଥ ନିର୍ମାଣରେ କାଠର ଆବଶ୍ୟକ ଥିବାରୁ ଗ୍ରାମବାସୀ ମାନେ ଜିଲ୍ଲାପାଳଙ୍କୁ ଭେଟିଛଁି । ରଥ ନିର୍ମାଣ ପାଇଁ ୮୦ କେବି ଶାଳ କିମ୍ବା ପିଆଶାଳ କାଠ ଦେବାକୁ ନିବେଦନ କରିଛଁି । ଏହି ଅଂଚଳରେ ପ୍ରସିଦ୍ଧ ଥିବା ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ରଥ ରାଜନଗର ଅଂଚଳରେ ପ୍ରତିବର୍ଷ ବାହାରି ଥାଏ । ଚଳିତ ବର୍ଷ ରଥର ନିର୍ମାଣ ପାଇଁ କାଠର ନିହାତି ଆବଶ୍ୟକ ଥିବାରୁ କାଠ ଯୋଗାଡ କରିବା ଗ୍ରାମବାସୀ ଙ୍କ ପକ୍ଷରେ ସମ୍ଭବ ନହେବାରୁ ଜିଲ୍ଲାପାଳଙ୍କର ସହାୟତା ଲୋଡିଛଁି । ତେବେ ଜିଲ୍ଲପାଳ ସ୍ମୃତି ରନ ପ୍ରଧାନ କାଠର ବ୍ୟବସ୍ଥା କରିବା ପାଇଁ ପ୍ରତିଶୃତି ଦେଇଛଁି । ଆଜିର ଏହି ସାକ୍ଷାତ ସମୟରେ ସଛପଡା, ଗୋବିନ୍ଦପୁର, ବନ୍ଧପଡା, ରାଜନଗର ଅଂଚଳର ରମାକା‘ ମହ’, ଅନ ପାତ୍ର, ଫକିର ଚନ୍ଦ୍ର ପାତ୍ର, କ୍ଷିରୋଦ କୁମାର ପାତ୍ର, ବିଶ୍ୱ ରନ ସ୍ୱାଇଁ, ଦିଗାମ୍ବର ରାଉତ, ଜ୍ୟୋତି ରନ ପାତ୍ର, ସମୀର ସ୍ୱାଇଁଙ୍କ ସମେତ ଗ୍ରାମବାସୀ ମାନେ ଉପସ୍ଥିତ ଥିଲେ ।

## ଅପ୍ରେଲ ୧ ରୁ ୫ ଜିଲ୍ଲା ମହୋତ୍ସବ କଲ୍ଲୋଳ - ୨୦୨୫

# ଜିଲ୍ଲା ପ୍ରତିଷ୍ଠା ଦିବସରେ ଯୋଗଦେବେ ମୁଖ୍ୟମନ୍ତ୍ରୀ

ଜଗତସିଂହପୁର,(ସବ୍ୟୁ) :ଆସନ୍ତା ଅପ୍ରେଲ ୧ ରୁ ୫ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ ଠାରେ ଅନୁଷ୍ଠିତ ହେବାକୁ ଥିବା ଜଗତସିଂହପୁର ଜିଲ୍ଲା ମହୋତ୍ସବ କଲ୍ଲୋଳ - ୨୦୨୫ରେ ଯୋଗ ଦେବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ।ଜିଲ୍ଲା ପ୍ରତିଷ୍ଠା ଦିବସ ତଥା ଅପ୍ରେଲ ୩ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଯୋଗ ଦେବାକୁ ସୀକୃତି ପ୍ରଦାନ କରିଥିବା ବେଳେ ଆଇନ, ପୂର୍ତ୍ତ ଓ ଅବକାରୀ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମୁଖ୍ୟବକ୍ତା ଭାବରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ବୋଲି ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲାପାଳ ଜେ ସୋନାଲ ପ୍ରକାଶ କରିଛନ୍ତି ।ଅପ୍ରେଲ ୧ ତାରିଖ ଦିନ ଜଗତସିଂହପୁର ଜିଲ୍ଲା ମହୋତ୍ସବ କଲ୍ଲୋଳ - ୨୦୨୫ ଓ ଓଡିଶା ଦିବସ ମହୋତ୍ସବର ଉଦଘାଟନୀ ଉତ୍ସବରେ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥୀ ଭାବରେ ଯୋଗ ଦେଇ ଶୁଭ ଉଦଘାଟନ କରିବା କାର୍ଯ୍ୟକ୍ରମ ରହିଛି।ଜିଲ୍ଲା ମହୋତ୍ସବ କଲ୍ଲୋଳ - ୨୦୨୫ ଏବଂ ପଲ୍ଲୀଶ୍ରୀ ମେଳା ଏପ୍ରିଲ୍ ୧ ତାରିଖରୁ ଆରମ୍ଭ ହୋଇ ୫ ତାରିଖ ପର୍ଯ୍ୟନ୍ତ ଚାଲିବ।ଏହା ସହିତ ଏହି ମହୋତ୍ସବର ଉଦଯାପନୀ ଉତ୍ସବରେ ଅର୍ଥାତ ୫ ତାରିଖ ଦିନ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ,୨ ତାରିଖରେ ପଦ୍ମ ଭୂଷଣ ଡଃ ପ୍ରତିଭା ରାୟଙ୍କ ସମେତ, ମନ୍ତ୍ରୀ, ସାଂସଦ, ବିଧାୟକ, ପାରାଦ୍ୱୀପ ବନ୍ଦର ପ୍ରାଧିକରଣ ଅଧକ୍ଷ, ଉପାଧକ୍ଷ , ଆଇ ଓ ସି ଏଲ ନିର୍ଦ୍ଦେଶକ ଓ ବରିଷ୍ଠ ଅଧିକାରୀ ମାନେ ଅତିଥି ଭାବେ ଯୋଗଦାନ କରିବାର କାର୍ଯ୍ୟକ୍ରମ ରହିଛି । ଏହା ସହିତ ଜିଲ୍ଲା ପ୍ରତିଷ୍ଠା ଦିବସ ଦିନ ଆନ୍ତର୍ଜାତୀୟ ଓଡିଶୀ ନୃତ୍ୟଶିଳ୍ପୀ ତଥା ଗୁରୁ ପଦ୍ମଶ୍ରୀ ଦୁର୍ଗାଚରଣ ରଣବୀର ଯୋଗ ଦେବା ସହିତ ଦୁର୍ଗାଚରଣ ରଣବୀରଙ୍କ ସଂଯୋଜନାରେ ନୃତ୍ୟାୟନର ଓଡିଶୀ ନୃତ୍ୟଶିଳ୍ପୀମାନେ ଓଡିଶୀ ନୃତ୍ୟ ପରିବେଷଣ କରିବେ । ନୃତ୍ୟାନୁଷ୍ଠାନ କଲ୍ଲୋଳ - ୨୦୨୫ ଆରମ୍ଭରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରୁ ଏକ ସାଂସ୍କୃତିକ ଶୋଭାଯାତ୍ରା ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ୍ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ୧୫୦ଷ୍ଟଲ ବିଶିଷ୍ଟ ପଲ୍ଲିଶ୍ରୀ ମେଳାରେ ୨୦ଷ୍ଟଲର ଫୁଡ କୋର୍ଟ ଆୟୋଜିତ ହେବ। ପଲ୍ଲୀଶ୍ରୀ ମେଳାରେ ସ୍ଥାନୀୟ ଓ ଅନ୍ୟ ଜିଲ୍ଲାର ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ଉତ୍ପାଦିତ ଜିନିଷ ବିକ୍ରୟ କରାଯିବ। ପ୍ରତ୍ୟେକ ଦିନ ସଭା ପୂର୍ବରୁ ସ୍ଥାନୀୟ କଳାକାର ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ୪ ତାରିଖ ଦିନ ବଲିଉଡ୍ ଗାୟକ ଜାଭେଦ ଅଲ୍ଲୀ ଓ ଟିମ୍ ମୁଖ୍ୟ ଆକର୍ଷଣ ରହିବେ।ଏହା ବ୍ୟତୀତ ୫ ଦିନ ବ୍ୟାପି ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଏତଦବ୍ୟତୀତ ଜିଲ୍ଲାପାଳ ଆଇନ୍ ଶୃଙ୍ଖଳା ବ୍ୟବସ୍ଥା, ପାର୍କିଂ ଆଦି ବିଷୟ ରେ ସବିଶେଷ ଆଲୋଚନା କରିଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସଂସ୍କୃତି ଅଧିକାରୀ ଦିଲ୍ଲୀପ କୁମାର ଜେନା, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଶ୍ରୀମତୀ ପ୍ରତିଚୀ ତନୟା ମହାନ୍ତି ଓ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

# ଅନ୍ତର୍ଯ୍ୟାମୀ ନାରାୟଣ ସଭାପତି, ବ୍ରଜ କିଶୋର ସାଧାରଣ ସମ୍ପାଦକ

## କୁଜଙ୍ଗ ଓକିଲ ସଂଘ ନିର୍ବାଚନ

କୁଜଙ୍ଗ,(ସବ୍ୟୁ) : କୁଜଙ୍ଗ ଓକିଲ ସଂଘ ର ନିର୍ବାଚନ ଜୋରଦାର ଲଢେଇ ମଧ୍ୟରେ ସମାପ୍ତ ହୋଇଛିଛ ଅନ୍ତର୍ଯ୍ୟାମୀ ନାରାୟଣ ଦାସ ଯାଦବ ସଭାପତି ଭାବେ ବିଜୟ ଲାଭ କରିଥିବାବେଳେ ସାଧାରଣ ସମ୍ପାଦକ ଭାବେ ବ୍ରଜ କିଶୋର ରାଉତନିର୍ବାଚିତ ହୋଇଛନ୍ତି । ବିଚିତ୍ରାନନ୍ଦ ସ୍ୱାଇଁ ଉପସଭାପତି, ଦୀପକ କୁମାର ନାୟକ ଯୁଗ୍ମ ସମ୍ପାଦକ, ରଞ୍ଜିତ ବିଶ୍ୱାଳ ସହ ସମ୍ପାଦକ, ଜ୍ଞାନ ରଞ୍ଜନ ବିଶ୍ୱାଳ ପାଠାଗାର ସମ୍ପାଦକ ଓ ଅଭୟ କୁମାର ବେହେରା କୋଷାଧକ୍ଷ ଭାବେ ନିର୍ବାଚିତ ହୋଇଥିଲେ । ସେହିପରି କାର୍ଯ୍ୟକାରୀ କମିଟିକୁ ଆଠ ଜଣ ସଦସ୍ୟ ନିର୍ବାଚିତ ହୋଇଛନ୍ତିଛ ଏହି ସଦସ୍ୟ ମାନେ ବହୁ ପୂର୍ବରୁ ବିନା ପ୍ରତିଦ୍ୱନ୍ଦିତାରେ ନିର୍ବାଚିତ ହୋଇଥିଲେ । ସେମାନଙ୍କ ମଧ୍ୟରେ ଦେବେନ୍ଦ୍ର କୁମାର ରାଉତ, ମହେଶ୍ୱର ଦାସ, ନିର୍ମଳ କୁମାର ମଲ୍ଲିକ, ପାର୍ଥସାରଥୀ ମହାନ୍ତି, ପ୍ରଶାନ୍ତ କୁମାର ବାରିକ, ପ୍ରଶାନ୍ତ କୁମାର ଦାସ, ସୁବୋଧ କୁମାର ଶତପଥୀ ଓ ତୋଫାନ କୁମାର ସାହୁ ନିର୍ବାଚିତ ହୋଇଛନ୍ତି ବୋଲି କୁଜଙ୍ଗ ଓକିଲ ସଂଘନିର୍ବାଚନ ରେ ନିବାଚନ ଅଧିକାରୀ କାର୍ତ୍ତିକ ଚନ୍ଦ୍ର ମହାନ୍ତି ପ୍ରକାଶ କରିଛନ୍ତି । ଏହିନିର୍ବାଚନରେ ସଭାପତି ଭାବେ ତିନି ଜଣ ବରିଷ୍ଠ ଆଇନଜୀବୀ ମାନେ ନିର୍ବାଚନ ଲଢୁଥିଲେ ।

# ସ୍ୱାଧିନତା ସଂଗ୍ରାମୀ ଶହୀଦ ଲକ୍ଷ୍ମଣ ନାୟକଙ୍କ ଶ୍ରାଦ୍ଧ ଦିବସ ପାଳିତ

ପାଣିକୋଇଲି,(ସବ୍ୟୁ) :ଭାରତ ବର୍ଷ ସ୍ୱାଧିନତା ଆନ୍ଦୋଳନର ମହାନ ସ୍ୱାଧିନତା ସଂଗ୍ରାମୀ ଶହୀଦ ଲକ୍ଷ୍ମଣ ନାୟକଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଛି । କୋରେଇ ବ୍ଲକ ଅନ୍ତର୍ଗତ ପଥରପଦା ପଂଚାୟତ ଓଚିନ୍ଦା ଗ୍ରାମ (ତାଜପୁର ଆଦିବାସୀ ସାହି) ନିକଟରେ ଥିବା ଶହୀଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତିରେ ଆଜି ସକାଳୁ ମାଲ୍ୟାର୍ପଣ କରାଯାଇଥିଲା । ଡାକ୍ତର ନିର୍ମଳ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସ୍ମୃତି ଚାରଣ ସଭାରେ ପଣ୍ଡିତ ଡକ୍ଟର ସୂର୍ଯ୍ୟମଣି ଖୁଂଟିଆ, ବରିଷ୍ଠ ସମ୍ବାଦିକ ସୁବାସ ଧଳ ପ୍ରମୁଖ ଯୋଗଦେଇ ସ୍ୱାଧିନତା ସଂଗ୍ରାମରେ ଇଂରେଜ ମାନଙ୍କ ବିରୁଦ୍ଧରେ ଆଦିବାସୀ ଓ ଭୂୟାଁ ମାନଙ୍କୁ ଏକତ୍ରିତ କରିବାରେ ଲକ୍ଷ୍ମଣ ନାୟକଙ୍କ ଭୂମିକା ସର୍ମ୍ପକରେ ଆଲୋଚନା କରିଥିଲେ । ବ୍ରହ୍ମପୁର ଜେଲରେ ଶହୀଦ ଲକ୍ଷ୍ମଣ ନାୟକଙ୍କୁ ଦିଆଯାଇଥିବା ଫାଶୀକୁ ମନେପକାଇ ତାଙ୍କର ଉକ୍ତି ସୂର୍ଯ୍ୟ, ଚନ୍ଦ୍ର, ତାରା ଯେମିତି ସତ୍ୟ ଭାରତର ସ୍ୱାଧିନତା ସଂଗ୍ରମାରେ ଭାରତର ସ୍ୱାଧିନତା ବିଜୟ ସୁନିଶ୍ଚିତ ବୋଲି କହିଥିବା ଉକ୍ତିର ଯଥାର୍ଥତା ସର୍ମ୍ପକରେ ଅଲୋଚନା କରାଯିବା ସହ ତାଙ୍କର ମହାନ ଆଦର୍ଶ ସଂଗ୍ରାମୀ ମନୋଭାବକୁ ଚରିତାର୍ଥ କଲେ ତାଙ୍କ ପାଇଁ ଏହା ଶ୍ରେଷ୍ଠ ଶ୍ରଦ୍ଧାଂଜଳୀ ହେବ ବୋଲି ମତ ପ୍ରକାଶ ପାଇଥିଲା । ବରିଷ୍ଠ ନାଗରିକ ମନ୍ମଥ ଗିରି, ଅଚୁତ୍ୟାନନ୍ଦ ସାହୁ, ଶରତ ଚନ୍ଦ୍ର ଦାଶ, ଶୁଭ୍ର ମହାରଣା, ରାମଚନ୍ଦ୍ର ନାୟକ, ଜଗତମୋହନ ଦାସ, ପଦ୍ମାଳୟା ଖୁଂଟିଆ, ଶଶିକାନ୍ତ ସେନାପତିଙ୍କ ସମତେ ଗ୍ରାମାବସୀମାନେ ଉପସ୍ଥିତ ଥିଲେ ।

# କବି ରମାକାନ୍ତ ରଥଙ୍କ ସ୍ମରଣେ

**ଡକ୍ଟର ଲକ୍ଷ୍ମଣ ସାହୁ**

ଅତ୍ୟାଧୁନିକ କାଳର ଓଡ଼ିଆ କବିମାନଙ୍କ ମଧ୍ୟରେ ରମାକାନ୍ତ ରଥ ଜଣେ ସ୍ୱତନ୍ତ୍ର ପ୍ରତିଭା ଭାବରେ ପରିଚିତ ଓ ସମ୍ମାନିତ କବି । ଆଧୁନିକ ଜୀବନର ବହୁ ଘାତ-ପ୍ରତିଘାତ, ମାନସିକ ଦ୍ୱନ୍ଦ୍ୱ ଓ ଜାଗତିକ କ୍ରିୟା-ପ୍ରତିକ୍ରିୟା, ଶ୍ରୀଯୁକ୍ତ ରଥଙ୍କ କବିତାରେ ସ୍ଥାନ ପାଇଥାଏ । ତାଙ୍କ କବିତାରେ ସେ ଆଧୁନିକ କବିତାର ଆଙ୍ଗିକ ଦୃଷ୍ଟିରୁ ଚିତ୍ରକଳ୍ପ ଓ ପ୍ରତୀକ ଇତ୍ୟାଦି ପ୍ରୟୋଗ କରି ଯଥେଷ୍ଟ କୃତିତ୍ୱ ପ୍ରଦର୍ଶନ କରି ଅଛନ୍ତି । ତାଙ୍କ କବିତାରେ ସ୍ଥାପତ୍ୟଗତ ସିଦ୍ଧି, ବିଭିନ୍ନ ପରୀକ୍ଷା ଓ ପ୍ରୟୋଗ କରି ବିଶେଷ କୃତିତ୍ୱ ପ୍ରଦର୍ଶନ କରିଛନ୍ତି । ମିଥ୍ ପ୍ରୟୋଗରେ ସେ ଯଥେଷ୍ଟ ସ୍ୱାତନ୍ତ୍ର୍ୟ ଦେଖାଇଛନ୍ତି ।

୧୯୩୪ ମସିହାରେ ରମାକାନ୍ତ ରଥଙ୍କର ଜନ୍ମ । ବାଲ୍ୟକାଳରୁ ସେ ଥିଲେ ମେଧାବୀ । ଆନୁଷ୍ଠାନିକ ଭାବରେ ସ୍ନାତକ ଶିକ୍ଷା ସମାପ୍ତ କରିବା ପରେ ସେ ଭାରତୀୟ ପ୍ରଶାସନିକ ଏହା ପରୀକ୍ଷାରେ କୃତିତ୍ୱର ସହିତ ଉତ୍ତୀର୍ଣ୍ଣ ହୋଇ ଆଇ. ଏ. ଏସ୍. ପାଇଥିଲେ । ଭାରତୀୟ ପ୍ରଶାସନରେ ବିଭିନ୍ନ ବିଭାଗରେ ଦକ୍ଷତାର ସହ ନିଜର ଦାୟିତ୍ୱ ସଂପାଦନ କରିବା ଭିତରେ ଜନଜୀବନ ସହ ନିକଟତର ହୋଇଛନ୍ତି ଓ ସେସବୁ ବିଶ୍ଳେଷଣ କରି ସଫଳ କବିତା ରଚନା କରିପାରିଛନ୍ତି । ଅତ୍ୟାଧୁନିକ ଜୀବନକୁ ଓ ଅନୁଭୂତିକୁ ସୂକ୍ଷ୍ମ କାବ୍ୟରୂପ ପ୍ରଦାନ କରିଛନ୍ତି । କବିତା ସଂପର୍କରେ ସେ କୁହନ୍ତି – ସୁଖୀ ଲୋକମାନେ କ'ଣ କବିତା ଲେଖନ୍ତି ? ଯେଉଁମାନେ ଦୁଃଖୀ ସେହିମାନେ ହିଁ କବିତା ଓ ଗଳ୍ପ ଲେଖନ୍ତି । କାରଣ ବାଣ୍ଟି ଦେବା ଦ୍ୱାରା କାଳେ ସେମାନଙ୍କ ଦୁଃଖ କମ୍ ହୋଇଯିବ । ସୁଖୀ ଲୋକ କ'ଣ କିଛି ବାଣ୍ଟେ ? ସେ ତ ସବୁକିଛି ନିଜ ପାଖରେ ରଖିବା ପାଇଁ ଚାହେଁ । ସୁଖୀ ହୋଇଥିଲେ ଏତେ କବିତା ଲେଖୁଥାନ୍ତି କାହିଁକି ?

ସେ ପ୍ରଶାସନିକ ସେବାରୁ ୧୯୯୨ରେ ଅବସର ଗ୍ରହଣ କରିବା ପୂର୍ବରୁ ଓଡ଼ିଶାର ମୁଖ୍ୟ ସଚିବ ଥିଲେ । ତାଙ୍କର କେତେ ଦିନର , ସନ୍ଦିଗ୍ଧ ମୃଗୟା , ସପ୍ତମ ଋତୁ, ସଚିତ୍ର ଅନ୍ଧାର, ଶ୍ରୀରାଧା ଓ ଶ୍ରେଷ୍ଠ କବିତା ନାମରେ ସାତଟି କବିତା ସଂକଳନ ପ୍ରକାଶ ପାଇଥିଲା । କେନ୍ଦ୍ର ସାହିତ୍ୟ ଏକାଡେମୀ ୧୯୭୮ ମସିହାରେ ତାଙ୍କ କବିତା ସଂକଳନ 'ସପ୍ତମ ଋତୁ' ପାଇଁ ତାଙ୍କୁ ପୁରସ୍କୃତ କରିଥିଲା । ୧୯୮୪ରେ ସଚିତ୍ର ଅନ୍ଧାର ପାଇଁ ତାଙ୍କୁ ଶାରଳା ପୁରସ୍କାର ମିଳିଥିଲା । ୧୯୯୨ ମସିହାପାଇଁ ସେ ଶ୍ରୀରାଧା ନିମନ୍ତେ ସରସ୍ୱତୀ ସମ୍ମାନରେ ସମ୍ମାନୀତ ହୋଇଥିଲେ । ଏହି କାବ୍ୟଗ୍ରନ୍ଥ ଇଂରାଜୀ ଓ ଆଠଟି ଭାରତୀୟ ଭାଷାରେ ଅନୁଦିତ । ଫେବୃଆରୀ ୨୦୦୯ରେ ସେ ଫେଲୋସିପ ସମ୍ମାନ ଲାଭ କରିଥିଲେ ।

କବି ରମାକାନ୍ତ ରଥ ଆଧୁନିକ ମାନବର ଯନ୍ତ୍ରଣା ଦଗ୍ଧ ଜୀବନ ଜଞ୍ଜାଳକୁ ଓ ବିକଳ ମାନସିକତାକୁ ତାଙ୍କର ଅନେକ କବିତାରେ ସଫଳ ଭାବରେ ରୂପ ପ୍ରଦାନ କରିଥିଲେ । ରମାକାନ୍ତଙ୍କ କାବ୍ୟ-ଶୈଳୀ ବ୍ୟକ୍ତିକୈନ୍ଦ୍ରିକ । ତାଙ୍କ ସମ୍ପର୍କରେ ଡ . ସୁରେନ୍ଦ୍ର ମହାରଣା କହିଛନ୍ତି –'ଆଧୁନିକ ଓଡ଼ିଆ କବିତାରେ ବୈପ୍ଳବିକ ସମୃଦ୍ଧି ଆନୟନକାରୀ ରୂପକଳ୍ପ କବି ରମାକାନ୍ତ ରଥ ନିଜ କାବ୍ୟ ଚେତନାର ପ୍ରାରମ୍ଭରୁ ହିଁ ସଚେତନ । ଏକ ଅଭିନବ ଢଙ୍ଗରେ ନିଜ କବିତାରେ ଚିତ୍ରକଳ୍ପ ପ୍ରତି ପ୍ରତୀକର ବିଚିତ୍ର ସମାବେଶ ଘଟାଇ, ସେ କବିତାର ଆତ୍ମିକ ଦିଗଟିକୁ ଉନ୍ନତ ଓ ମାର୍ଜିତ କରିପାରିଛନ୍ତି ।'' ରମାକାନ୍ତ ତାଙ୍କ କବିତାରେ ବିଭିନ୍ନ ଗଦ୍ୟଛନ୍ଦ ପ୍ରୟୋଗ କରି ନିଜର ସ୍ୱାତନ୍ତ୍ର୍ୟତାକୁ ପ୍ରକାଶ କରିଛନ୍ତି । ତାଙ୍କ କବିତାର ଭାଷା ଗଦ୍ୟଧର୍ମୀ । ଆଲୋଚକ ଡକ୍ଟର ବୃନ୍ଦାବନ ଚନ୍ଦ୍ର ଆଚାର୍ଯ୍ୟ କହିଛନ୍ତି–''ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କବିତା କ୍ଷେତ୍ରରେ କବି ରମାକାନ୍ତଙ୍କ ଆସନ ବିଶେଷ ଗୌରବପୂର୍ଣ୍ଣ । ପୂର୍ବବର୍ତ୍ତୀ ସମସ୍ତ କବିମାନଙ୍କଠାରୁ ଓ କାବ୍ୟ ଶିଳ୍ପ ଠାରୁ ଭାଷା ପ୍ରୟୋଗରେ ଓ ଛନ୍ଦ ସଂଯୋଜନାରେ ସେ ତାଙ୍କ ନିଜସ୍ୱ ମୌଳିକତା ପ୍ରଦର୍ଶନ କରିଅଛନ୍ତି । ସେ କୌଣସି ବାଦରେ ବିଶ୍ୱାସ କରୁନଥିବା ଜଣେ ସ୍ୱାଧୀନ ଚେତନା ସଂପନ୍ନ ଦାର୍ଶନିକ କବି । କବିତାରେ ଦର୍ଶନ ଓ ଭାବଗତ ଭାବ ରହିଛି । 'ଜହ୍ନରାତି' କବିତାରୁ ଏକ ଦୃଷ୍ଟାନ୍ତ ନିଆଯାଇ ପାରେ । ଯଥା–

**'ବେଳେ ବେଳେ ମନେହୁଏ / ମୁଁ**
**ଆକାଶ ପ୍ରଶସ୍ତ ଅଥଚ ଫାଙ୍କା**
**ଏବଂ ଦେଖୁଅଛି ପୃଥିବୀ ଯେପରି /**
**ତମେ ଠିକ୍ ମେଲା କରିଅଛ ହାତମାନ/**
**ଯେଉଁଠାରେ ଓହ୍ଲାଇଲେ/ ସେହି ଠାରେ**
**ତମ ଆଲିଙ୍ଗନ ।'**

ଆଧୁନିକ ମାନବ ଜୀବନର ତୀବ୍ର ଯନ୍ତ୍ରଣାବୋଧ ଓ ଦହନକୁ କବି 'ଲଣ୍ଠନ' କବିତାରେ ପ୍ରକାଶ କରିଛନ୍ତି । ସେଭଳି କବିଙ୍କର ବାଘାଲୋକନ କବିତାରେ ମୁକ୍ତ ବାଘ ଓ ମଣିଷ ସର୍କସର ବାଘକୁ ନେଇ ତୁଳନା କରିଛନ୍ତି । କବି ଅତ୍ୟନ୍ତ ଚମତ୍କାର ଢଙ୍ଗରେ ବ୍ୟାଘ ଛଳରେ ମାନବର ଅବସ୍ଥାଭେଦ କଥା ହିଁ ସୂଚାଇ ଅଛନ୍ତି । କବିଙ୍କ ଭାଷାରେ– ''ମୁଁ କିନ୍ତୁ ଦେଖିବି ତାକୁ ଗ୍ୟାଲେରିର ତୃତୀୟ ପାହାଚୁ /ଭଗ୍ନ ଏକ ସ୍ୱାସ୍ଥ୍ୟ ନେଇ ଗ୍ୟାଲେରୀରେ ପେଟ ପୋଷେତାର/ ଦେଖୁ ଦେଖୁ ମନେ ପଡ଼େ ପିଲାଦିନେ ପଢ଼ିଥିବା ଗୀତ ଆଜି ଯେ ରାଜେନ୍ଦ୍ରାସନେ କାଲି ସେ ପଥର ଫକୀର ।''

ସମସାମୟିକ ସ୍ୱର ତାଙ୍କ ସୃଷ୍ଟିରେ ଅତ୍ୟନ୍ତ ସ୍ପଷ୍ଟ ହୋଇଛି । ନିଃସଙ୍ଗତାର ଆସେ ଅସହାୟତା ଓ ସେଇ ଅସହାୟତାରୁ ସୃଷ୍ଟି ହୁଏ ନିଜପ୍ରତି, ସମଗ୍ର ସୃଷ୍ଟିପ୍ରତି । ଆବେଗ ନିଷିକ୍ତ ସେଇ କାରୁଣ୍ୟର, ବିଷର୍ଣ୍ଣତାର ସ୍ୱର ତାଙ୍କ ସୃଷ୍ଟିଭୂମି ପ୍ଳାବିତ କରି ପ୍ରବହମାନ । ଯେମିତି ସେ ଲେଖୁଛନ୍ତି– ଯେଉଁ ଲୋକ ମଲା / ସେ ନିଶ୍ଚୟ ତମ ହାତ ଧରିବ ଜାବୁଡ଼ି, ତମକୁ /ବୁଝିବାର ସେ ସଂକ୍ଷିପ୍ତ ବିଷର୍ଣ୍ଣ ବେଳରେ/ ସବୁରଙ୍ଗ ଦିଶିଥିବେ କଳା, ତାରାମାନେ/ ପ୍ରତାରଣା ଦେଖୁଥିବେ ଦାରୁଭୂତ ମୁରାରି ଭାବରେ – ।

ସତରେ ଏକ ଅସହାୟ ମଣିଷର ସମ୍ବେଦନଶୀଳ ମୃତ୍ୟୁ ପ୍ରାଣ କବିଙ୍କର ସମ୍ବେଦନଶୀଳ ପ୍ରାଣରେ ପ୍ରତିବାଦ ସୃଷ୍ଟି କରିଛି । ମରିଯିବା ପୂର୍ବରୁ ମୃତ୍ୟୁର ଘନକଳା ବଞ୍ଚିବା ପାଇଁ ତା'ର ଯେଉଁ ଅଦମ୍ୟ ଲାଳସା କାହା ହାତକୁ ଜାବୁଡ଼ି ଧରିବାରେ ବିକଳ ପ୍ରୟାସ । ମୃତ୍ୟୁର ସେଇ ହିମଶୀତଳ ବିଷର୍ଣ୍ଣ ଛାୟା ଧୀରେ ଧୀରେ ମଣିଷକୁ ଗ୍ରାସ କରିଥିବ । ଜୀବନର ଏହି ଅନ୍ତିମ ପରିଣତି ଅତ୍ୟନ୍ତ ମର୍ମସ୍ପର୍ଶୀ । ଉକ୍ତ କବିତାରେ ବୌଦ୍ଧିକ ଭାବ ଗାମ୍ଭୀର୍ଯ୍ୟର, ମୃତ୍ୟୁ ଚେତନାର ଓ ଦାର୍ଶନିକତାର ଏକ ଆନୁପାତିକ ସମନ୍ୱୟ ବେଶ୍ ଚାତୁର୍ଯ୍ୟ । ବିଶେଷ କରି ରୂପକଳ୍ପର ପ୍ରୟୋଗ ଓ ଚିତ୍ରକଳ୍ପର ବ୍ୟବହାର ପ୍ରଭାବଶାଳୀ । ସେଭଳି ଭିନ୍ନ ଆଉ ଏକ କବିତା ମାଷ୍ଟାଣୀ । କବିତାରେ ଜୀବନ ଯୁଦ୍ଧରେ ପରାଜିତ ସୈନିକର କାହାଣୀ । ହାରିଯାଇଥିବାର ବେଦନାର୍ତ୍ତ ଅସହାୟ ଆର୍ତ୍ତନାଦ ।

'ଦିନେନା ଦିନେ ମୁଁ ପ୍ରୌଢ଼ା ହୋଇଯିବି, / ଏବଂ ଚଷମାର ମୋଟା ଫ୍ରେମରୁ ମୋ/ ପଶିଯାଇଥିବା ଗାଲ/ ଝୁଲିବ ବାଦୁଡ଼ି ପରି, ବା/ ମୁଁ ଘୋଷାରି ଚାଲୁଥିବି ଅସହଜ/ ପୃଥୁଳ ଶରୀର–'

ଘର କୋଣରେ ନିରାପଦ ଆଶ୍ରୟ ଛାଡ଼ି ଜୀବନ ସଂଗ୍ରାମରେ ଯୋଗ ଦେବାପାଇଁ ବାହାରକୁ ଆସିଥିବା ଆଉ ଏକ ଅସହାୟ ଜୀବ ବିଂଶ ଶତାବ୍ଦୀର ଅଭିଶାପ । ତୁଳସୀ ଚଉରା, ଦୀପର ମହକ ବୋଧହୁଏ ଏମାନଙ୍କ ପାଇଁ ଦିବା ସ୍ୱପ୍ନ । ମୃତ୍ୟୁ ଚେତନାର କବି ରମାକାନ୍ତ । ମୃତ୍ୟୁ ପାଇଁ କେବେ ଭୟଭୀତ ନୁହନ୍ତି । କବି ରମାକାନ୍ତ ମୃତ୍ୟୁ ଚେତନା ସମ୍ପର୍କରେ ସଚେତନ ମୃତ୍ୟୁକୁ ଦେଖିଲେ ଖାଲି ହସ ମାଡ଼େ, ଚେତନ । ମାତ୍ର ଭୟଭୀତ ନୁହନ୍ତି । ତାଙ୍କରି ଭାଷାରେ – 'ମୃତ୍ୟୁ ଏକ ଚପଳ ବାଳକ,/ ଅଙ୍କା ଅକ୍ଷରରେ ବାଜେ କଥା ଲେଖୁଛି କାନ୍ଥରେ/ବାର୍ଦ୍ଧକ୍ୟଟା ପରା ଅବା ଦାସୀଙ୍କର–' ।

ଏଠାରେ ତାରୁଣ୍ୟ ସହିତ ମିଶିଛି ପରିହାସ । ମୃତ୍ୟୁ ଓ ଜୀବନ ଅପରିହାର୍ଯ୍ୟ ସତ । ସେଥିପାଇଁ ହା ହୁତାଶ ପ୍ରକାଶ କରିବାରେ କେଉଁ ସାର୍ଥକତା, ତା' ଅପେକ୍ଷା ବରଂ ଜୀବନ ବିଷୟରେ ଚିନ୍ତା କରିବା ଖୁବ୍ ଭଲ । ତେଣୁ ତାଙ୍କ କବିତାରେ – 'ଜିଇଁବାଟା ବୋଧହୁଏ ଜୀବନରେ ସବୁଠାରୁ ସତ, / ତା' ଠାରୁ ବି ସତ ବୋଧେ ଆଦର୍ଶର ହତ୍ୟା ଆଉ ବିବେକର ମୃତ୍ୟୁର କାହାଣୀ...'

ବଞ୍ଚିବା ପାଇଁ ମଣିଷ ସବୁ କରିପାରେ । ପେଟର କ୍ଷୁଧା ନିକଟରେ ବିବେକ ଆଉ ଆଦର୍ଶ ଆପେ ଆପେ ନିଷ୍ପ୍ରଭ ହୋଇଯାଏ । ବିଂଶ ଶତାବ୍ଦୀରେ ଜୀବନ ଯେତେବେଳେ ଅସ୍ୱାଭାବିକ ଭାବେ ଜଟିଳ ପାଲଟିଯାଇଛି, ସେତେବେଳେ କ'ଣ ବା ମୂଲ୍ୟ ଅଛି ଶୁଖିଲା ଆଦର୍ଶ ଅବା ବିବେକର ? କବି ରମାକାନ୍ତ ଅନୁଭୂତିକୁ କଳାର ଦରବାରରେ ସଜ୍ଜିତ କରି ରଖିବାର କଳା କୌଶଳ ତାଙ୍କୁ ବେଶ୍ ଜଣା । ତୀକ୍ଷ୍ଣ ବୈଦ୍ଧିକତା, ଚିନ୍ତାଶୀଳ ଦାର୍ଶନିକତା, ଶାଣିତ ଅନୁଭୂତି ଓ ଜୀବନ ପ୍ରତି ଏକ ନୈର୍ବ୍ୟକ୍ତିକ ଦୃଷ୍ଟିଭଙ୍ଗୀ । ସେ ଥିଲେ ସମୟର କବି ଓ ଏ ସମୟ ହେଉଛି ନୈରାଶ୍ୟର, ଦୁଃଖ ଯନ୍ତ୍ରଣା ବେଦନାବୋଧର । ତୀବ୍ର ଜ୍ୱଳନ ହେଉଛି ସାମ୍ପ୍ରତିକ ମଣିଷର ଏକମାତ୍ର ନିୟତି । କବିଙ୍କ ଦୃଷ୍ଟିରେ–
'ମୁଁ ଜଳୁଛି ଓ ଜଳୁଚି ତୀବ୍ର ଦରଦରେ, / ମିଡିୟମ୍ ଧୋତି ଏବଂ ଇସ୍ତ୍ରୀ କରା ଅଧା କାମିଜେର ।'

ଏହା ହେଉଛି ସାମ୍ପ୍ରତିକ ମଣିଷର ଏକମାତ୍ର ପରିଣତି । ଏଥିରେ ଆଶା ନାହିଁ, କି ସ୍ୱପ୍ନ ନାହିଁ କିମ୍ବା କୁହାଯାଇପାରେ କିଛି ଏଠି ନାହିଁ । ରମାକାନ୍ତ ସେଇ ସମୟର କଥା ହିଁ – କହିବାର ସ୍ୱରଟି ବଡ଼ ଆନ୍ତରିକ, ନିଛକ୍ ବାସ୍ତବ ଓ କାବ୍ୟିକ । ଏସବୁ ସତ୍ତ୍ୱେ କବିଙ୍କ ଦୀର୍ଘ କବିତା ଶ୍ରୀରାଧା । ପୁରାଣ ବର୍ଣ୍ଣିତ ରାଧାଙ୍କ ମନସ୍ତତ୍ତ୍ୱର ବାସ୍ତବଚିତ୍ର । ଭାରତବର୍ଷର କାବ୍ୟ ସାହିତ୍ୟରେ 'ଶ୍ରୀରାଧା' ଏକ କ୍ଲାସିକ ସୃଷ୍ଟିର ଶ୍ରେଷ୍ଠ ମାନ୍ୟତା ପାଇଛି । ଏହା ଇଂରାଜୀ ଓ ଆଠଟି ଭାରତୀୟ ଭାଷାରେ ଅନୁଦିତ ହୋଇ ବିପୁଳ ପାଠକୀୟ ଶ୍ରଦ୍ଧା ଲାଭ କରିଛି । ଇଂରାଜୀ ଭାଷାକୁ ଅନୁବାଦ ନିଜେ କବି କରିଛନ୍ତି । ଶ୍ରୀରାଧାରେ ରାଧାଙ୍କୁ କବି କେବଳ କୃଷ୍ଣଙ୍କ ପ୍ରେମିକା ଭିନ୍ନ ଏକ ସ୍ୱତନ୍ତ୍ର ନାରୀର ପରିଚୟ ପ୍ରଦାନ କରିବାକୁ ଚେଷ୍ଟା କରିଛନ୍ତି ।

ଏ ସଂପର୍କରେ ଇଂରାଜୀ ସାହିତ୍ୟର ପ୍ରଖ୍ୟାତ ଆଲୋଚିକା 'କ୍ୟାଥ୍ଲୀନ୍ ରାଇନ୍' କହିଛନ୍ତି, ଭାରତୀୟ କାବ୍ୟମାନସରେ ଦିବ୍ୟସତ୍ତା ପ୍ରତି ଆକର୍ଷଣର ଯେଉଁ ପରମ୍ପରା ରହିଛି ଓ ଯେଉଁ ଆକର୍ଷଣଦ୍ୱାରା କାଳିଦାସ, କବୀର, ମୀରାବାଈ ଓ ରବୀନ୍ଦ୍ରନାଥଙ୍କ କବିତା ଅନୁପ୍ରାଣିତ, ରମାକାନ୍ତ ସେହି ପରମ୍ପରାର କବି । 'ଶ୍ରୀରାଧା' ପରି ପ୍ରଗାଢ଼ ଓ ଉତ୍ତୀର୍ଣ୍ଣ ପ୍ରେମର କବିତା, ଏକଧାରେ ଦେହଜ ଓ ଦେହତୀତ ପ୍ରେମର କବିତା, ଇହଜୀବନ ବାହାରେ ଅବସ୍ଥିତ ଦିବ୍ୟଭାବ ସହିତ ଏକାକାର ହେବା ପାଇଁ ଆସ୍ପୃହାର କବିତା ଅନେକ ଦିନରୁ ମୋର ଦୃଷ୍ଟିଗୋଚର ହୋଇନାହିଁ ।

ସେଭଳି ମାଲୟାଲମ ଭାଷାର ବିଖ୍ୟାତ କବୟିତ୍ରୀ ସୁଗାତା କୁମାରୀ କହନ୍ତି, 'ଶ୍ରୀରାଧା' ପଢିସାରିଲା ପରେ ଟିକିଏ କାନ୍ଦି ପକେଇବାକୁ କେତେ ଚାହିଁଲି ! ରାତି ପରେ ରାତି ଅନିଦ୍ରାରେ, ନିସ୍ତବ୍ଧ ଅସ୍ଥିରତାରେ ବିତିଗଲା.... ନା ଦି'ପଦ ଲେଖିପାରିଲି, ନା ଦି' ଟୋପା ଲୁହ ବୁହାଇ ପାରିଲି... ମୁଁ ଭାବିଥିଲି ବୃନ୍ଦାବନ ନିବାସିନୀ ରାଧାଙ୍କ ସବୁ ବୃତ୍ତାନ୍ତ ମତେ ଜଣା, କିନ୍ତୁ ଏ ରାଧା ! ମର୍ମନ୍ତୁଦ ପୀଡାର ଓ ଆନନ୍ଦପ୍ଳୁତ ଦିବ୍ୟପ୍ରେମର ମୂର୍ତ୍ତିମତୀ ଏ ରାଧାଙ୍କୁ ଭେଟି ମୋ ଆଖି ଝଲସି ଗଲା.... ତାଙ୍କର ପ୍ରସାରିତ ଦୁଇବାହୁ ଭିତରେ ଥିବା ଉଦଗ୍ରୀବ ଶୂନ୍ୟସ୍ଥାନର ଶ୍ୟାମବର୍ଣ୍ଣ ଦେଖି ମୋର ସର୍ବାଙ୍ଗ କମ୍ପିଉଠିଲା...ଦ୍ୱୈତଭାବର ଅତଳତଳ ବିଷାଦ ଅଦ୍ୱୈତଭାବର ଉନ୍ମାଦକାରୀ ପୁଲକରେ ପରିଣତ ହୋଇଗଲା ।

ବାସ୍ତବରେ ଶ୍ରୀରାଧା କାବ୍ୟରେ– ଅନ୍ୟ ସବୁ ସକାଳଠୁଁ ଆଜି ସକାଳ/ କାହିଁକି କେଜାଣି ଲାଗେ ଅଲଗା ଅଲଗା / ଖରାର କି ଦୁଃସାହସ / ଆଜି ପବନରେ ଅନ୍ୟମନସ୍କତା ଯାହା ନୁହେଁ ଆଗପରି/ ସତେବା ଫେରିଛି କେଉଁ ଦେଶାନ୍ତରୀ ପ୍ରେମିକ, ରହୁଛି / ଆଖପାଖ କେଉଁଠାରେ ଛଦ୍ମବେଶ ଧରି ।

ଜୀବନ ପ୍ରତି, ଜଗତ ପ୍ରତି ରମାକାନ୍ତଙ୍କର ଦୃଷ୍ଟିକୋଣ ନୈରାଶ୍ୟ ଓ ସମ୍ଭାବନା ହୀନତାର ଭିତ୍ତିଉପରେ ପ୍ରତିଷ୍ଠିତ । ଜୀବନ ଯେମିତି ତାକୁ ସେଇ ରୂପରେ ସେ ପାଠକମାନଙ୍କ ନିକଟରେ ଉପସ୍ଥାପିତ କରିଛନ୍ତି । ଅବଶ୍ୟ ଏଥିରେ ତାଙ୍କର ମନ୍ତବ୍ୟ ରହିଛି ।

ପଳାତକ, କବି ରମାକାନ୍ତ ରଥଙ୍କ ସପ୍ତମ କାବ୍ୟ-ଗ୍ରନ୍ଥ । ଏଥିରେ ଥିବା ପ୍ରତ୍ୟେକଟି କବିତା ଏକାଧାରରେ ସ୍ୱତନ୍ତ୍ର, ପୁଣି ଅନ୍ତରୀଣ ସଂହତିବଶତଃ ଏକ ଦୀର୍ଘ କବିତାର ଅଂଶ । ବାସ୍ତବରେ ସେ ଆମ ଗହଣରେ ନଥିଲେ ମଧ୍ୟ ତାଙ୍କ ରଚିତ କାବ୍ୟକବିତାରେ ଅଛନ୍ତି ଓ ରହିବେ ମଧ୍ୟ । ତାଙ୍କରି ଭାଷାରେ–' ଆଜି ମରିବାର ରାତି, ଏଠାରୁ ସେ ଯିବେ / ଚନ୍ଦ୍ରପକ୍ଷ ରାତିକୁ, ସେଠାରେ / ବୁଦା ଆଉଁଆଳୁ କିଏ ହଠାତ୍ ବାହାରି / ମୁହଁରୁ ପ୍ରତ୍ୟେକ ଅସହାୟତାର ଧୂଳି / ଝାଡିଦେବ ପଣତକାନିରେ । ବସାରେ ଘୁମେଇ ପଡ଼ିଥିବା ପକ୍ଷୀମାନେ / ହଠାତ୍ ଉଠି ପଡ଼ିବେ । ହଠାତ୍ ନିଜ ଇଚ୍ଛାର ନିଦ ଭାଙ୍ଗିଯିବ / ସଂପୂର୍ଣ୍ଣ ଅପରିଚିତ ସେ କୋଳାହଳରେ ...! ହେ କବି ତୁମ ଲଣ୍ଠନ ଲିଭିବ ନାହିଁ , ତୁମେ ଅମର...।

**ଅଧ୍ୟକ୍ଷ , ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ , କଟକ – ୪.**
**ମୋ–୯୦୪୦୧୫୧୪୭୫**

## କବିତା

### ଆସିଛି ବସନ୍ତ

**ଅନସୂୟା ପଣ୍ଡା**

ଶିଶିରସ୍ନାତା ଶୀତ ପରେ
ଋତୁରାଜ ବସନ୍ତ ଆସେ
ମୃଦୁ ମଳୟ ସାଥେ
ବଉଳ ଫୁଲର ନିଆରା ବାସ୍ନାରେ
ବସନ୍ତୋତ୍ସବର ମଧୁମାଙ୍ଗଳିକରେ
ଶ୍ୟାମଳ ଶ୍ୟାମଳ ପରିତୃପ୍ତି
ପ୍ରକୃତିରାଣୀର ଚିବୁକରେ
ସମୀରଣରେ ମଧୁର ହିଲ୍ଲୋଳ
କୋଇଲିର କୁହୁତାନେ
ବିଭୋର ସବୁରି ପ୍ରାଣରେ ।
ଫୁଲର ବିଛଣା ପରେ
ପ୍ରଜାପତି ଖେଳେ
ପ୍ରୀତିର ରଙ୍ଗ ବୋଳି
ଅୟୁତ ଉନ୍ମାଦନାରେ
ଅଳିର ଗୁଞ୍ଜରଣ
କାମନାର ଚକ୍ରବାଳେ
ନିଶବ୍ଦେ ମଧୁର ମୂର୍ଚ୍ଛନା ତୋଳେ ।
ଏ ଡାଳରୁ ସେ ଡାଳ
ହଳଦୀବସନ୍ତ ଖେଳେ
ନହୁଲି ମନରେ ଆନନ୍ଦ ଚିତ୍ତେ
ଫଗୁଣ ରସମୋହନ ରାଗେ
ବିମୁଗ୍ଧ ବିତାନ
ଖେଳେ ଗାଁରୁ ସହରେ
ଫୁଲର ରଙ୍ଗମୟ ଲଳିତ ଶିଙ୍ଗାରେ ।
ଭାରାକ୍ରାନ୍ତ ମନରେ ଆହ୍ଲାଦ ଆଶ୍ୱସ୍ତିର
ଗୋଟେ ଦୀପ୍ତ ପୁଷ୍ପିତ ସକାଳ
ଆସିବ ଯେବେ ମଧୁକ୍ଷରା ବସନ୍ତ
ଝଡିଯିବ ପତ୍ର ସବୁ ବିଦାରି ହୃଦୟ ।

ବୁର୍ଲା, ସମ୍ବଲପୁର,
ମୋ–୯୪୩୯୨୧୧୯୭୧

### ଝରା ଅତୀତ

**ଅବନୀ କୁମାର ରାଉତ**

ଝଡି ଯାଇଛି ଅତୀତ...?
ପୁଣି ବସନ୍ତ ଆଗମନରେ ସଜେଇ ହଲାଣି
ଦେବ ନବ ଉନ୍ମାଦନା...!
ବନଗହନରେ ଫୁଟିବ କୁସୁମ ନବ କଳି !!
ତୁ ଏକ ସ୍ମୃତି ରୁପର ମାୟାବିନୀ
ସମସ୍ତ ଅନୁଭବ ଠାରୁ ଭିନ୍ନ...!
ମାଟି ମହକରେ ତୁମେ...
ଜହ୍ନ ଆଲୁଅରେ କେତେ ଯେ ସୁନ୍ଦର ତୁମେ
କୋଇଲିର ମିଠା ଗୀତ ଦୂର ପ୍ରେମ ତୁମେ
ମୋ ହୃଦୟ ସ୍ପନ୍ଦନରେ ତୁମେ...!
ମୋ ପାଇଁ ଅତୀତ ଦୂର କାହାଣୀ ...
ମୋ ମନର ନଈ ରୂପରେ ତୁ ପ୍ରେମିକା
ମେଘ ପଲକ ଆଖିରେ !
କି ସୁନ୍ଦର ଋତୁଚକ୍ର ବୃକ୍ଷ ଲତିକା ଫୁଲପଛା
ନଦୀ ଓ ପର୍ବତ ସବୁଠି ଶସ୍ୟ ଶ୍ୟାମଳା !
ତରଙ୍ଗାୟିତ ସମୁଦ୍ର ପ୍ରସନ୍ନ ପ୍ରାନ୍ତର
ପ୍ରେମମୟ ଉସ୍ଵ ଉଡ଼ୟନ...!
ପ୍ରତି ବଗିଚାର ଘାସ ଫୁଲ ମାନେ କିଛି
ସଜେଇ ହୋଇଛନ୍ତି
ରୂପେଲି ଚାଦର ଘୋଡେଇ...!
ମୁଁ ସମର୍ପିତ ବୀଣାର ଝଙ୍କାର ପ୍ରତ୍ୟେକ
ମଧୁର ମୂର୍ଚ୍ଛନା ଝରିଆସେ...?!
କେହି ଜଣେ ପାପ ପରି ଅନ୍ତରଙ୍ଗ
ଧାଇଁଥାଏ
ଅତୀତର ଲୁହର ଜୀବନ ...!
ସୁଖ ଶିହରଣ ପରି ଏକାନ୍ତ ନିଜର
ପ୍ରେମ ଝର ସାରା ରାତ୍ରୀ ସେ ଯେ ଝରା
ଅତୀତ !!

**ମା' ବିରଜା କ୍ଷେତ୍ର**
**ମୋ–୯୪୩୯୬୨୨୬୨୩**

### ଫଗୁଣ ଆସିଛି ଫେରି

**ରାମଚନ୍ଦ୍ର ବେହେରା**

ଶୀତ ଗଲାପରେ ବଉଳ ଆସିଛି
ଚହଟୁଛି ଚଉପାଶ
ବିମଣ୍ଡିତା ଧରା ମୁରୁକି ହସୁଛି
ନାନା ପୁଷ୍ପେ ହୋଇ ବେଶ
ଫଗୁଣ ଆସିଛି ଫେରି
କୋଇଲି ଗାଉଛି ପଞ୍ଚମ ରାଗିଣୀ
ମଳୟ ବହୁଛି ଥିରି ।
ନବ ପଲ୍ଲବରେ ଚାରୁ ତରୁଲତା
ସରାଗେ ଗାଉଛି ଗୀତ
ଅପୂର୍ବ ଲାଗୁଛି ସୁଦୂର କାନନ
ଜନମନ ଉଲ୍ଲସିତ
ଧରା ଦିଶେ ସୁଶୋଭିତା
ମଳୟ ବାଆରେ ଆଖି ଲାଖିଯାଏ
ଆପେ ପଡିଯାଏ ପତା ।
କୃଷ୍ଣଚୂଡା ଆଜି ଡାକେ ହାତଠାରି
ବିଛେଇ ନାଲି ଚାଦର
ବାଟୋଇ ମନକୁ ଚୋରାଇ ନେଉଛି
ସାଜି ଅତି ଆପଣାର
ସୂରୁଜ ମୁରୁଜ ବୁଣେ
ନଦୀ ଧାରେ ଦେଖି କାଚକେନ୍ଦୁ ପାଣି
ଭିଜିବାକୁ ମନ ଟାଣେ ।
ଅଶୋକ ପଳାସ ଶିମୁଳିର ଡାଳେ
ପୁଷ୍ପ ଦିଶେ ମନଲୋଭା
ଗାଆଁ ତୋଟାମାଳ
ପାହାଡ ଝରଣା
ବଢାଏ ପ୍ରକୃତି ଶୋଭା
ଉଜ୍ଜ୍ୱଳ ଲାଗୁଛି ଖରା
ଚକୋର ଚକୋରୀ ପରାଣେ ଜାଗିଛି
ପ୍ରୀତି ପୀୟୂଷର ଧାରା ।
ବସୁଧାର ରୂପ ସ୍ୱର୍ଗ ଅନୁରୂପ
ରୂପ ବର୍ଣ୍ଣ ସୌରଭରେ
ସ୍ୱଚ୍ଛ ସରସୀରେ ରୂପେଲି ଚାନ୍ଦିନୀ
ଜ୍ୟୋସ୍ନା ବିକିରଣ କରେ
ମଧୁ ମାସେ ମଧୁ ଲଗ୍ନେ
ରସାମୃତେ ଭରା ପବିତ୍ର ଧରଣୀ
ହସେ ମଳୟ ଚୁମ୍ବନେ ।

**ତେନ୍ତୁଳିପଦା,ଜଗତସିଂହପୁର**
**ମୋ–୭୩୫୫୬୭୩୪୩୪୬**

### ସୁଖ ସପନରେ ଆଚ୍ଛନ୍ନ ଆଖି

**ଲକ୍ଷ୍ମୀପ୍ରିୟା ପୃଷ୍ଟି**

ବସନ୍ତ ଆସିଛି ପଳାଶ ଫୁଲରେ
ବୋଳି ରଙ୍ଗ ଅବିରର ଛିଟା
ଚହଳ ପକେଇ ବହେ ଚଇତାଳି
ନାହିଁ ନିଦାଘର ଘନଘଟା ।
ପଲ୍ଲବିତ ତରୁ ଶାଖା ଗହଳରୁ
ପିକ ପଖାଳୁଛି ମିଠା ଗୀତ
କିଏ ଭିଜୁଥାଇ ଲୁହର ଧାରରେ
ପୁଣି କାହା ମନ ଉଚ୍ଚାଟିତ ।
ଶତ ଶ୍ରାବଣକୁ ପଛରେ ପକାଇ
ଏବେ ମଧୁମାସ ସାଜେ ମିତ
ସୁଖ ସପନରେ ଆଚ୍ଛନ୍ନ ଆଖି ଲୋ
ଭୁଲେ ଦଗାଡିଆ ସେ ଅତୀତ ।
ଶୁଖିଲା ପତର ଝରିଯାଏ ହେଲେ
ନୂଆ ଆସୁଥାଏ ରଙ୍ଗ ଧରି
ସୁଖ ପାଇଁ ସିନା ଆଖିର ପଲକ
କେତେ କଳ୍ପନାରେ ଯାଏ ଭରି ।
ବୟସ ସାୟାହ୍ନେ ବର୍ଣ୍ଣ ବିଭୋର
ମନ, ଭିଜୁଥାଏ ଉଦାସରେ
ବସନ୍ତ ବି ନୁହେଁ ମୁଗ୍ଧ ବିଳାସ
ଚିର, ଏ ଶ୍ୟାମଳ ଧରା ପରେ ।

**ଅଧ୍ୟାପିକା,ଓଡ଼ିଆ ବିଭାଗ**
**ଦଶରଥପୁର ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟ,ଯାଜପୁର,**
**ମୋ–୭୩୭୭୩୧୮୭୮୯**



# ଡର କାହାକୁ ଭୟ କାହାକୁ

**ସୁନନ୍ଦା ମହାନ୍ତି**

ଗଳ୍ପ

ଏଇ କିଛିଦିନ ହେବ ଲଗାତାର ତିନିମାସ ଧରି ନିର୍ଦ୍ଦିଷ୍ଟ ରାତିରେ ନିଦ ଭାଙ୍ଗୁଛି ପେଚା ବୋବାଳିରେ ତ ମନ ଅସ୍ଥିର ଲାଗୁଛି ନୀଳିମାଙ୍କର । ଯେତେ ପାଠ ଶାଠ ପଢିଲେ ମଧ୍ୟ ମନକୁ କିଏ ବୁଝେଇବ ! ଆଶଙ୍କାରେ ଜର୍ଜରିତ ମନ । ନିଶ୍ଚୟ କିଛି ଅଘଟଣ ଦୁର୍ଘଟଣା ଅଛି ଭାବି ପ୍ରତିକାର ପାଇଁ ଶୁଭେଚ୍ଛୁମାନଙ୍କୁ ଉପଦେଶ ମାଗିଲା ବେଳେ କିଏ କହେ ରାତ୍ରୀଚର ପକ୍ଷୀ, ସେମାନେ ରାତିରେ ବୋବେଇବେନି ? କିଛି କୁହନ୍ତି ମନ ଉଣା କରିବାର ନାହିଁ । ହଁ, ନୀଳିମାଙ୍କ ଘର ଚାରିପଟେ ଗଛ ବହୁତ ହେଲେ କେବେ ଦିନେ ହେଲେ ତ ସେ ଶୁଣି ନଥିଲେ ଏମିତି ନିର୍ଦ୍ଦିଷ୍ଟ ପ୍ରହରରେ ପୁଣି ରାତିରେ ପେଚା ବୋବାଳି ! ପୁଣି କିଏ କହେ ସେ ପେଚା ହୋଇନଥିବ କାରଣ ପେଚା ଉଡି ଉଡି ବୋବାଏ ନାହିଁ । ଯୋଉଠି ହେଲେ ବସିକି ବୋବାଏ । ସେ ବୋବାଳିର ପୁଣି ଅନେକ ସଂକେତ ରହିଛି । ଶୁଭ ଅଶୁଭ ମିଶ୍ରିତ ଭିତରୁ ଚୋରି ଭୟ, ମୃତ୍ୟୁ ଭୟ ଇତ୍ୟାଦି ଅଶୁଭ ସଂକେତ ସହ ପେଚା ଲକ୍ଷ୍ମୀଙ୍କ ବାହାନ ହୋଇଥିବାରୁ କେତେକ ଶୁଭ ସଂକେତ ମଧ୍ୟ ଦେଇଥାଏ ।

ବହୁଦିନରୁ ରୋଗରେ ପୀଡିତ ଥିବା ରୋଗୀ ଉପରେ ବସିଗଲେ, ରୋଗୀର ରୋଗ ଦୂର ହୁଏ । ଘରୁ ଯାତ୍ରାରେ ବାହାରିବା ବେଳେ ପେଚା ଦେଖିଲେ ଯାତ୍ରା ସଫଳ ହୁଏ । ପୁଣି କୋମଳ କଣ୍ଠରେ ପେଚା ଡାକିଲେ ଓ ଧଳା ରଙ୍ଗର ପେଚା ହୋଇଥିଲେ ଭାରି ଶୁଭ ହୋଇଥାଏ । ନୀଳିମା ବୁଝୁନଥିଲେ ଏସବୁ କିଛି । କେବଳ ସନ୍ତ୍ରାସ ଓ ଆତଙ୍କ ଭିତରେ ଦିନ ବିତୁଥିଲା ତାଙ୍କର । କେବେ ସାରାରାତି ହନୁମାନ ଚାଳିଶା ବୋଲି ବୋଲି ତ କେବେ କୋଉ ମନ୍ତ୍ରର ଧାଡିଏ କି ଦୁଇଧାଡି ବୋଲି ଦେଇ ଶୋଉଥିଲେ । ପୁଣି କେବେ ତକିଆ ତଳେ ମୟୂର ପୁଚ୍ଛ ରଖି ତ କେବେ କାହା କଥାରେ ମୟୂର ପୁଚ୍ଛରେ ଲାଲ ରଙ୍ଗର କପଡା ଗୁଡେଇ ରଖୁଥିଲେ । ଏତେସବୁ ଭିତରେ ବି ନିଦ ଭାଙ୍ଗୁଥିଲା ସେଇ ରାତିର ନିର୍ଦ୍ଦିଷ୍ଟ ପ୍ରହରରେ । ଉଠିବସି ଜଡ଼ସଡ଼ରେ ହନୁମାନ ଚାଳିଶା ବୋଲିବା ଛଡା ଅନ୍ୟ ଉପାୟ ତ ଲାଇଟ ଜାଳି କେତେଟା ବାଜିଛି ବୋଲି ଦେଖିବାକୁ କି ଫୋନ ଚିପି ଲାଇଟ ଜାଳି ସମୟ ଜାଣିବାକୁ ଡର ଲାଗୁଥିଲା । ସ୍ୱାମୀ ମଧ୍ୟ ବିରକ୍ତ ହୋଇ କେତେ କଥା କହୁଥିଲେ । ଦିନେ ଦିନେ ଉଠି ଛାତ ଉପରକୁ ଯାଇ ନିରୀକ୍ଷଣ କରିବାକୁ କହି ଧୂଆଁ ଧୂଆଁ ଜଙ୍ଗଲ ପରି ଲାଗୁଥିଲା କୁହୁଡି କାକର ପରି ଆକାଶ ତ ବାରି ନପାରି ପେଚାର ଉଡାଣ ଫେରି ପଡି ଛାତରୁ ଅନ୍ଧବିଶ୍ୱାସର ବଶବର୍ତ୍ତୀ ନହେବାକୁ କହି କଡ଼ ଲେଉଟାଇ ଶୋଇ ଯାଉଥିଲେ ।

ନୀଳିମାଙ୍କ ବାନ୍ଧବୀ ଜଣେ କବୀ ଥିଲେ ଓ ଭାରି ଶୁଭେଚ୍ଛୁ ନୀଳିମାଙ୍କର । ତ ଏସବୁ ଶୁଣି ନୀଳିମାଙ୍କୁ କହିଲେ କରିପାରିବେ ଯଦି ଗୋଟେ କଥା କହନ୍ତି । ମଣିଷ ଜୀବନର ଅନେକ ଦୁଃଖ, ଦହନ, ଯନ୍ତ୍ରଣାକୁ ସାମ୍ନା କରୁ କରୁ ଏମିତି ଗୋଟେ ପରିସ୍ଥିତିରେ ପଡି ଜଗନ୍ନାଥ ଦର୍ଶନକୁ ଯାଇ ପୁରୀ ବାଇଶି ପାବଚ୍ଛରେ ବସିଛି, ନନା ଜଣେ କହିଲେ ମାଆ ଜଗନ୍ନାଥଙ୍କ ନାକଚଣା ମାଳ ନେବ ? କେତେ ପଇସା, କେତେ ସମୟ ଲାଗିବ ବୁଝୁ ବୁଝୁ ନନା ଆଣିଦେଇଥିଲେ ସେଇ ନାକଚଣା ମାଳଟି ଶୁଖାଇ, ସାଇତି,ଜରି ମଧ୍ୟରେ ଦାଣ୍ଡଦୁଆର ଆଗରେ ଟାଙ୍ଗିବା ପରେ ଅନେକ ସମସ୍ୟାର ସମାଧାନ ଅଚିରେ ହୋଇ ଶାନ୍ତି ଫେରିଥିଲା ଘରକୁ । ତାଙ୍କ କଥା ଶୁଣି ସେଦିନ ଅନେକ ଆଶ୍ୱାସନା ମନରେ ନେଇ ଭବିଷ୍ୟତ ସମ୍ଭାବନା ପାଇ ନିଦ ହୋଇଗଲା ନୀଳିମାଙ୍କୁ ତ ଆଉ ସେଦିନଠୁ ଶୁଣି ନଥିଲେ ପେଚା ବୋବାଳି । ସ୍ୱାମୀ କହୁଥିଲେ ଫ୍ୟାନ ବୁଲିବା ଶବ୍ଦରେ ଆଉ ଶୁଣିବାକୁ ପାଇବନି ପେଚା ରାବ । ବ୍ୟସ୍ତ ହୁଅନା । ସେ ତାର ବୋବାଉଥାଉ. ତୁମେ ଶୁଣିଛ ତେବେ ? ହଁ ବୋଲି ମୁଣ୍ଡ ଟୁଙ୍ଗାରୁଥିଲେ ସ୍ୱାମୀ ।

ଭଉଣୀ ଖବର ଦେଲା ଅପା ମିଳିଯାଇଛନ୍ତି ନାକଚଣା ମାଳ । ସ୍କୁଲରେ ରଖିବାକୁ ସୁବିଧା ନାହିଁ ତୁ ଆସି ନେଇଯା । ଖୁସିରେ ନୀଳିମା ବସରେ ବସିଲେ. ମନ୍ଦିର ବସରେ. ମାଳ ନେଇ ପୁଣି ସେଇ ବସରେ ଫେରିବାକୁ ଅପେକ୍ଷା କରୁ କରୁ ଖୁବ ଡେରି । ଖରା ମାରୁଛି ଚାଇଁ ଚାଇଁ । ପାଖରେ ପାଣି ନାଇଁ କି ଅଟୋରେ ଚାଲିଯିବା ପାଇଁ ପଇସା ନାହିଁ । ଠିକ ଏତିକି ବେଳେ ଲାଗିଲା ପ୍ରଭୁ ଯାହାର ପାଖରେ, କୋଉ କଥାକୁ ଆଉ ଡର ! ସତକୁ ସତ ମନ୍ଦିର ବସ ପହଞ୍ଚିଗଲା ଅଚିରେ । ସିଟରେ ବସିପଡ଼ି ନୀଳିମା ଭାବୁଥିଲେ ଯାହାର ସ୍ମରଣ ମାତ୍ରେ ବସ ଆସିଗଲା ତାଙ୍କୁ ଘରେ ନେଇ ରଖିବା ପରେ ଆଉ କି ବିପଦ ! ଯେତେ ଯିଏ, ମନୁଷ୍ୟ, ପଶୁ, ପକ୍ଷୀ ଗୋଛି କାଟିବାକୁ ଚାହିଁଲେ ମଧ୍ୟ ଆଉ କିଛି କରିପାରିବେନି । ଭାବିକି ନାକଚଣା ମାଳ ଥିବା ପଲିଥିନଟିକୁ ସଜାଡି କୋଳ ଉପରେ ରଖିଲା ବେଳେ ଲାଗିଲା ସତରେ କଣ ପ୍ରଭୁ କୋଟି କୋଟି ଜୀବଙ୍କୁ ଛାଡି ମୋ ସହ ଯାଉଛନ୍ତି ମୋ ଘର ରିଷ୍ଟ କାଟିବାକୁ ? ଏମିତି ଭାବି ପଲିଥିନ ଟିକେ ଘୁଞ୍ଚେଇବାକୁ ଯାଇ ଟେକି ପାରିଲେନି ନୀଳିମା । ପାଖ ସ୍ତ୍ରୀ ଲୋକ ଜଣଙ୍କ କହୁଥାନ୍ତି ନିଜ ବ୍ୟାଗ ଓ ପଲିଥିନ ମୋ ଦେହରେ ବାଜୁଛି, ସଜାଡି ରଖନ୍ତୁ । ହଁ ହଁ କହି ସଜାଡି ରଖି ପାରୁନଥିଲେ ନୀଳିମା । କି ଭାରି ସେ ଜରି । ତେବେ କେମିତି ନେବେ ବସଷ୍ଟାଣ୍ଡରୁ ଘରଯାଏଁ ପ୍ରଭୁଙ୍କୁ ! ବସ ରହିଲା. ଯାତ୍ରୀମାନେ ଓହ୍ଲେଇଲେ । ହେଲେ ଓହ୍ଲେଇ ପାରୁନଥିଲେ ନୀଳିମା । କଣ୍ଡକ୍ଟର ବିରକ୍ତି ଭାବ ପ୍ରକାଶ କରି ପଲିଥିନ ଜରିଟିକୁ ତାଙ୍କଠୁଁ ଧରି ନେଇ କହୁଥିଲା ବୋପାଲୋ କି ଭାରି ! କଣ ଅଛି ଏଥିରେ କେଜାଣି. ନୀଳିମା ହାତକୁ ନେଇ କହୁଥିଲେ ବ୍ରହ୍ମାଣ୍ଡ ଠାକୁର ସେଥିରେ । ସେ ହସୁ ହସୁ ନୀଳିମା ଓହ୍ଲେଇ ଚାଲୁଥିଲେ । ଆଉ ଭାରି ନଥିଲା ଜରି କିନ୍ତୁ ମନଦୁଃଖ ଲାଗୁଥିଲା ନୀଳିମାଙ୍କର ଭାବିକି ଯେ ବୋଧେ ପ୍ରଭୁ ରହିଗଲେ ବାଟରେ ବୋଧେ କିନ୍ତୁ ସ୍ୱାମୀ ଯେବେ ଦୁଆର ମୁହଁରୁ ଧରିନେଇ କହୁଥିଲେ ବୋପାଲୋ କି ଭାରି । ଖୁସିରେ ନୀଳିମା ଶିଡ଼ି ଚଢୁଥିଲେ ଥିରି ଥିରି ।

ଦୁଇ ଚାରି ଦିନ ପରେ ଭଉଣୀ ଫୋନ କରି କହିଥିଲା କୋରାପୁଟ ବଦଳି ହୋଇଯାଇଛି ମୋର ଯେ ଡର ମାଡୁଛି । ସେଠି ପ୍ରାକୃତିକ ପରିବେଶ ସହିତ ନଦୀ, ଝରଣା, ପ୍ରପାତ ଖୁବ ସୁନ୍ଦର ସତ ହେଲେ ପୋଡୁ ଚାଷ ପାଇଁ ଜଙ୍ଗଲ ପୋଡି ସହ ଧୂଆଁ ଧୂଆଁ ବାତାବରଣ ଭିତରେ ସ୍କୁଲଟି ମଧ୍ୟ ଧୂଆଁଳିଆ ହୋଇ ରହୁଛି । ନୀଳିମା କହିଲେ ଧୂଆଁ ଧୂଆଁ ଜଙ୍ଗଲ ଭିତରେ କିନ୍ତୁ ପେଚା ବୋବାଳି ତ ନଥିବ ନା!କାଇଁ ତୁ ଆଉ ଶୁଣୁଛୁକି ସେ ପକ୍ଷୀ ବୋବାଳି?ହଁ ବେଳେ ବେଳେ । କିଛି ଯାଏ ଆସେ ନାହିଁ । ତୋ ସାଙ୍ଗରେ ପରା ଜଗନ୍ନାଥ ଅଛନ୍ତି । ହଁ ସେଇଥିପାଇଁ ତ ନିର୍ଭୀକ ଭାବେ ବଞ୍ଚିଛି । ତୁ ବି ସେୟା କର । ପ୍ରଭୁଙ୍କ ନାକଚଣା ମାଳ ସାଙ୍ଗରେ ନେଇକି ଯାଆ । କିଛି ଅସୁବିଧା ରହିବନି । ଭଉଣୀ ହସି ହସି କହିଲା ନାକଚଣା ମାଳ ଭିତରେ ତୁତ ଜଗନ୍ନାଥଙ୍କୁ ନେଇଗଲୁ ନା. ଆରେ ନା ନା ସେ ବାଣ୍ଟିହୋଇ ଭକ୍ତ ପାଇଁ ବିଭାଜ୍ୟ ସବୁବେଳେ । ତୁ ଗୋଟେ କାମ କର ନାକଚଣା ମାଳ ବଦଳରେ କରପଲ୍ଲ ବା ହୃଦୟବଲ୍ଲବ ଭିତରେ ତାଙ୍କୁ ସାଙ୍ଗରେ ନେଇଯା । ଏସବୁ ଶୁଣୁଥିବା ସ୍ୱାମୀ କହୁଥିଲେ ସତ କଥା । ଭକ୍ତର ଭଗବାନ ବୋଲି ନାକଚଣା ମାଳ କେତେବେଳେ ହାଲକା ତ କେତେବେଳେ ଭାରି ଲାଗୁଛନ୍ତି ଏଠି ନାକଚଣା ମାଳ । ଏସବୁ ଶୁଣି ନୀଳିମାଙ୍କ ମନରୁ ଭୟ ଅପସରି ଯାଉଥିଲା ଅନେକ ମାତ୍ରାରେ ।

**ସାକ୍ଷୀଗୋପାଳ,ପୁରୀ, ମୋ–୯୦୪୦୯୭୭୩୨୭**

ସାହିତ୍ୟ ପୃଷ୍ଠାପାଇଁ ଗଳ୍ପ, ପ୍ରବନ୍ଧ, କବିତା ଆଦି ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com


ବିଜେଡ଼ି ସଂଖ୍ୟାଲଘୁ ସେଲ୍ ପକ୍ଷରୁ ଆୟୋଜିତ ଇଫ୍‌ତାର ପାର୍ଟିରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ

## ଘରବାରିହୀନ ବ୍ୟକ୍ତିଙ୍କୁ ଜବରଦଖଲରୁ ଉଚ୍ଛେଦ କରାଯିବନି
# ବିଧାନସଭାରେ ଓଡ଼ିଶା ଭୂମି ଅନଧିକାର ପ୍ରବେଶ ନିବାରଣ (ସଂଶୋଧନ) ବିଧେୟକ ଆଗତ

ଭୁବନେଶ୍ୱର,(ସବ୍ଯ୍ୟ): ଓଡ଼ିଶା ଭୂମି ଅନାଧିକାର ପ୍ରବେଶ ନିବାରଣ (ସଂଶୋଧନ) ବିଧେୟକ-୨୦୨୫ ବିଧାନସଭାରେ ଆଗତ କରାଯାଇଛି । ବିଲ୍‌ରେ କୌଣସି ଭୂମି ଜଣେ ଘରବାରିହୀନ ଅପ୍ରାଧିକୃତ ଭୋଗ ଦଖଲରେ ଥାଏ, ଯାହାକି ତାଙ୍କ ଦ୍ୱାରା ଘରବାରି ରୂପେ ବ୍ୟବହୃତ ହୋଇଥାଏ । ତହସିଲଦାର ଉକ୍ତ ବ୍ୟକ୍ତିଙ୍କୁ ସେଠାରୁ ବେଦଖଲ କରିବେ ନାହିଁ । ସେ ଦଖଲ କରିଥିବା ଜମିର କିଛି ପରିମାଣ ତାଙ୍କ ସପକ୍ଷରେ ବନ୍ଦୋବସ୍ତ କରିବା ଲାଗି ଏଥିରେ ବ୍ୟବସ୍ଥା ରହିଛି ।

ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ବିଧାନସଭାରେ ଏହି ବିଲକୁ ଆଗତ କରିଛନ୍ତି । ଏଥିରେ ଉଲ୍ଲେଖ ରହିଛି ଯେ ତାଙ୍କ ନାମରେ ବନ୍ଦୋବସ୍ତ ହୋଇଥିବା ଭୂମି ଓ ତାଙ୍କ ସହ ଏକାନ୍ନବର୍ତ୍ତୀ ପରିବାରରେ ବାସ କରୁଥିବା ସମସ୍ତ ସଦସ୍ୟମାନଙ୍କ ମାଲିକାନାରେ ଯଦି କୌଣସି ଭୂମି ଥାଏ ତେବେ ତାହାର ପରିମାଣ ମିଶି ୧ ଏକରରୁ ୨୫ ଭାଗରୁ ୧ ଭାଗ ଠାରୁ ଅଧିକ ହୋଇନଥିବ । କୌଣସି ବ୍ୟକ୍ତି ସରକାରୀ ଜମିକୁ ଜବରଦଖଲରେ ରଖିଥାଏ ଓ ବ୍ୟକ୍ତି ଜଣଙ୍କ ଯଦି ଘରବାରି ବିହୀନ ବ୍ୟକ୍ତି ହୋଇଥାଏ ଓ ବ୍ୟକ୍ତି ଜଣଙ୍କ ଉକ୍ତ ଜମିକୁ ଘରବାରି ଉଦ୍ଦେଶରେ ବ୍ୟବହାର କରୁଥିବା ତେବେ ତାଙ୍କୁ ବେଦଖଲ କରିବା ପରିବର୍ତ୍ତେ ସେହି ଜମି ମଧ୍ୟରୁ ଅତି ବେଶିରେ ୧ ଏକରର ୧ ଦଶମାଂଶ ଜମି ତାଙ୍କ ସପକ୍ଷରେ ବନ୍ଦୋବସ୍ତ କରାଯିବ । ଏକାନ୍ନବର୍ତ୍ତୀ ପରିବାରେ ବାସ କରୁଥିବା ସମସ୍ତ ସଦସ୍ୟଙ୍କ ମୋଟ୍ ଆୟ ୪,୨୦୦ ଟଙ୍କା ବା ରାଜ୍ୟ ସରକାର ତଦୁପୋଲକ୍ଷ୍ୟ ସମୟକୁ ସମୟ ଅଧିସୂଚନା ମାଧ୍ୟମରେ ସ୍ଥିର କରିଥିବା ଟଙ୍କାର ପରିମାଣର ମଧ ଅଧିକ ହୋଇନଥିବ । ଯଦି କୌଣସି ଅଣଆପତ୍ତିଜନକ ସରକାରୀ ଜମିକୁ ଦଖଲରେ ରଖି ଘରବାରି ଉଦ୍ଦେଶରେ ବ୍ୟବହାର କରୁଥିବେ ସେ ଜମିର ଅତିବେଶିରେ ୧ ଦଶମାଂଶ ଜମି ତାଙ୍କ ସପକ୍ଷରେ ବନ୍ଦୋବସ୍ତ କରାଯାଇପାରିବ । ଘରବାରି ବିହୀନ ବ୍ୟକ୍ତିଙ୍କ ସପକ୍ଷରେ ସେ ଜମିଟି ଉତ୍ତରାଧିକାରୀ ସୂତ୍ରରେ ଭୋଗ ଦଖଲ କରିବାର ଅଧିକାର ଥାଏ କିନ୍ତୁ ହସ୍ତାନ୍ତର ଯୋଗ ଅଧିକାର ନଥାଇ ବନ୍ଦୋବସ୍ତ ହେବ । ବନ୍ଦୋବସ୍ତ କରାଯାଉଥିବା ଜମିର ପରିମାଣ ଏପରି ହେବ ଯେ ଯେପରି ସେ ବ୍ୟକ୍ତି ଓ ତାଙ୍କ ସହ ଏକାନ୍ନବର୍ତ୍ତୀ ପରିବାର ବର୍ଗରେ ବାସ କରୁଥିବା ସମସ୍ତ ସଦସ୍ୟଙ୍କ ମାଲିକାନାରେ ପୂର୍ବରୁ ଥିବା ଘରବାରି ଜମିର ପରିମାଣ ସହ ବନ୍ଦୋବସ୍ତ କରାଯାଉଥିବା ଜମିର ପରିମାଣ ମିଶିଲେ ତାହା କୌଣସି ସ୍ଥଳେ ଏକରରୁ ୨୫ ଭାଗ ଠାରୁ ୧ ଭାଗ ଠାରୁ ଅଧିକ ହେବ ନାହିଁ ।

## ଦୁଇ ଘଣ୍ଟାରେ ଦୁଇଟି ଦୁର୍ଘଟଣା, ଜଣେ ମୃତ

ଭୁବନେଶ୍ୱର, (ସବ୍ଯ୍ୟ) : ଶୁକ୍ରବାର ରାତି ୧୦ ଟାରୁ ୧୨ ଟା ମଧ୍ୟରେ ଦୁଇଟି ଦୁର୍ଘଟଣା ଘଟିଥିବା ବେଳେ ଜଣଙ୍କର ମୃତ୍ୟୁ ହୋଇଛି। ଆଉ ଜଣେ ଗୁରୁତର ଆହତ ହୋଇ ଚିକିତ୍ସାଧୀନ ଅଛନ୍ତି। ଦୁଇଟି ଘଟଣାର ଦୁର୍ଘଟଣାକାରୀ ଡ୍ରାଇଭର ଫେରାର ହୋଇଯାଇଥିବା ପୋଲିସ କହିଛି। ଖଣ୍ଡଗିରିରୁ ତମାଣ୍ଡୋ ଆଡକୁ ଯାଉଥିବା ଏକ ସ୍କୁଟରକୁ ପଛପଟୁ ହାଇୱା ଧକା ଦେବାରୁ ଦେବପ୍ରକାଶ ରାଉତଙ୍କର ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ତାଙ୍କ ସହ ସ୍କୁଟରରେ ଥିବା ସରୋଜ ଭୋଳ ଗୁରୁତର ଆହାତ ହୋଇ ଚିକିତ୍ସାଧୀନ ଅଛନ୍ତି। ଦୁଇଙ୍କ ଘର କେନ୍ଦ୍ରାପଡା ଜିଲ୍ଲାରେ। ହାଇୱାକୁ ପୋଲିସ ଜବତ କରିଥିବା ବେଳେ ଡ୍ରାଇଭର ଫେରାର ହୋଇଯାଇଥିବାରୁ ତାଙ୍କୁ ଗିରଫ କରିବାକୁ ଚଢାଉ ଜାରି ରହିଛି। ବାଣିବିହାର ଓଭର ବ୍ରିଜ୍ ଉପରେ ଟ୍ରକ ପଛକୁ କାର ଧକା ଦେଇଥିଲା। ରାତି ୧୦ ଟା ବେଳେ ଏହି ଘଟଣା ଘଟିଥିବା ବେଳେ ୪୦ ମିନିଟ୍ ଗାଡି ଚଳାଚଳ ବ୍ୟାହାତ ହୋଇଥିଲା। କାର ଡ୍ରାଇଭର ଗାଡି ଛାଡି ଫେରାର ହୋଇଯାଇଥିବାରୁ ପୋଲିସ କ୍ରେନ୍ ସାହାର୍ଯ୍ୟରେ କାରକୁ ହଟାଇବା ପରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା। ଏହି ଦୁର୍ଘଟଣାରେ କେହି ମୃତାହତ ହୋଇନାହାନ୍ତି।

### ହାଇକୋର୍ଟ ବାର ନିର୍ବାଚନ
# ମନୋଜ ମିଶ୍ର ସଭାପତି, ଅଭିଜିତ ପଟ୍ଟନାୟକ ସଂପାଦକ



କଟକ,(ସବ୍ଯ୍ୟ): ହାଇକୋର୍ଟ ବାର୍ ଆସୋସିଏସନ୍‌ର ବିଭିନ୍ନ ପଦପଦବି ଲାଗି ଶନିବାର ନିର୍ବାଚନ ଶେଷ ହୋଇଛି । ଏଥିରେ ସଭାପତି ଭାବେ ବରିଷ୍ଠ ଆଇନଜୀବୀ ମନୋଜ ମିଶ୍ର ନିର୍ବାଚିତ ହୋଇଛନ୍ତି ।ସେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦୀ ଲଲାଟେନ୍ଦୁ ସାମନ୍ତରାୟଙ୍କୁ ୧୨୦୧ ଖଣ୍ଡ ଭୋଟରେ ପରାସ୍ତ କରି ଏହି ବିଜୟ ମୁକୁଟ ପିନ୍ଧିଛନ୍ତି । ସଭାପତି ପାଇଁ ହୋଇଥିବା ତ୍ରିମୁଖି ପ୍ରତିଦ୍ୱନ୍ଦିତାରେ ମନୋଜ ମିଶ୍ର ୨୨୧୧ ଖଣ୍ଡ, ଲଲାଟେନ୍ଦୁ ସାମନ୍ତରାୟ ୧୦୧୦ଖଣ୍ଡ ଓ ସୁରେନ୍ଦ୍ର ନାଥ କର ମାତ୍ର ୭୩ ଖଣ୍ଡ ଭୋଟ ପାଇଥିବା ନିର୍ବାଚନ ଅଧିକାରୀ ପ୍ରକାଶ ରଞ୍ଜନ ବାରିକ ସୁଚନା ଦେଇଛନ୍ତି । ଅନ୍ୟ ଏକ ସମ୍ମାନଜନକ ପଦ ସଂପାଦକ ପାଇଁ ହୋଇଥିବା ବହୁମୁଖୀ ପ୍ରତିଦ୍ୱନ୍ଦିତାରେ ଅଭିଜିତ ପଟ୍ଟନାୟକ ୧୬୩୮ ଖଣ୍ଡ ଭୋଟ ପାଇ ତାଂକର ନିକଟତମ ପ୍ରତିଦ୍ୱନ୍ଦୀ ମାନଙ୍କୁ ହରାଇ ନିର୍ବାଚିତ ହୋଇଛନ୍ତି । ସେହିପରି ଉପ-ସଭାପତି ପଦଲାଗି ହେଉଥିବା ବହୁମୂଖୀ ପ୍ରତିଦ୍ୱନ୍ଦିତାରେ ଆଇନଜୀବୀ ସିଦ୍ଧାର୍ଥ ଦାସ ବିଜୟୀ ମୁକୁଟ ପିନ୍ଧିଛନ୍ତି । ଯୁଗ୍ମ ସଂପାଦକ ଭାବେ ପଦ୍ମାଳୟା ମହାପାତ୍ର, ସହକାରୀ ସଂପାଦକ ଅଭିଜିତ ଦାସ, ଏଂ ପାଠାଗାର ସଂପାଦକ ଭାବେ ସପନ କୁମାର ପାଲ ବିଜୟୀ ହେଉଛନ୍ତି । କାର୍ଯ୍ୟକାରୀ ସଭ୍ୟ ମାନଂକ ଭୋଟ ଗଣତି ଚାଲୁ ରହିଥିବା ଜଣାପଡିଛି ।

# ବ୍ୟୟମଞ୍ଜୁରୀ ବିଲ ଆଲୋଚନା
## ବଜେଟ ଅର୍ଥ ସମ୍ପୂର୍ଣ୍ଣ ଖର୍ଚ୍ଚ ହୋଇପାରିନି : ବିଜେଡି

ଭୁବନେଶ୍ୱର(ସବ୍ଯ୍ୟ): ଦେଶର ଦରଦାମ କ୍ଷେତ୍ରରେ ଓଡ଼ିଶା ଆଗରେ ଅଛି । ୧୪୦ କୋଟି ଜନସଂଖ୍ୟାରୁ ୬୦ରୁ ୬୨ ଲକ୍ଷ ହେଉଛନ୍ତି ଯୁବପୀଢ଼ିଙ୍କୁ ବେକାରୀ ଆକ୍ରାନ୍ତ କରିଛି । ମିଲ ସାଥିରେ ଡିଲ ହେଲା କଟନୀ ଛଟନୀ ଲୁଟନୀ ହେଲା । ରାସନରେ ଗହମ ଦେବେ ବୋଲି କହିଥିଲେ, ଆଜି ମଞ୍ଜି ପୋତିଲେ ୨୦୨୯ରେ ମିଳିବ ଗହମ । ପ୍ରଥମ ବଜେଟ ଶିଶୁ ବଜେଟି ଦ୍ୱିତୀୟ ବଜେଟ ଶୁଖୁଆ ବଜେଟ ବୋଲି ତାସ୍ଥଲ୍ୟ କରିଥିଲେ ବିଜେଡି ସଭ୍ୟ । ୨୪ ବର୍ଷରେ କେଉଁ ଓଡ଼ିଶାକୁ ସଶକ୍ତ କଲେ? ରାଜ୍ୟ ସରକାରଙ୍କ ନିଜସ୍ୱ ଅର୍ଥ ନାହିଁ । ଖଣି ପଇସାରେ ଓଡ଼ିଶା ଚଳାଉଥିଲେ ସରକାର । ଓବିସି ବର୍ଗ ସଂରକ୍ଷଣକୁ ହତ୍ୟା କରିଛି ବିଜେଡି ବୋଲି ଶାସକ ଦଳ ସଭ୍ୟ ବିରୋଧୀଙ୍କୁ କଡ଼ା ଜବାବ ଦେଇଛନ୍ତି।

ବ୍ୟୟ ମଞ୍ଜୁରୀ ବିଲ ଆଲୋଚନାରେ ବିଜେଡି ସଭ୍ୟ ଅରୁଣ ସାହୁ କହିଥିଲେ, କେନ୍ଦ୍ର ସରକାର ବର୍ଷକୁ ୮ ଲକ୍ଷ ନିଯୁକ୍ତି ଦେବାକୁ କହିଥିଲେ, ସେହି ଅନୁପାତରେ ୧୧ ବର୍ଷରେ ୮୮ ଲକ୍ଷ ଚାକିରି ପାଇଥାନ୍ତେ । ରେଳବାଇ ପ୍ରସଙ୍ଗ ହେଉକି ଜାତୀୟ ଶିକ୍ଷା ନୀତି, ପୋଲାଭରମ, ମହାନଦୀ ପ୍ରସଙ୍ଗ ବିଧାନସଭାରେ ଆସିପାରିବ ନାହିଁ କହୁଛନ୍ତି । ୨୪ ବର୍ଷକୁ ଶୋଧିବ, ୧୦ ମାସକୁ ଫାଙ୍କିବ । ଶାସକ ଦଳ ଭୁଲିଯାଉଛି ଯେ ୨୪ ବର୍ଷରେ ୯ ବର୍ଷ ମିଶିକି ଶାସନ କରିଥିଲେ । ତାହେଲେ ୬୨.୫ % ବିଜେଡିକୁ ଶୋଧୁଥିବା ବେଳେ ନିଜକୁ ୩୮.୫ % ଶୋଧିପାରୁନ୍ଥ । ଶପଥ ନେଲାବେଳେ ଯାହା ପ୍ରତିଶ୍ରୁତି ଦେଇଥିଲୁ ୧୦୦ ଦିନରେ ତାହା ପୂରଣ କରିବୁ ବୋଲି । ହେଲେ କ'ଣ ହେଲା, ମହାପ୍ରଭୁ ବଳଭଦ୍ର ପଡ଼ିଗଲେ, ରାଜ୍ୟପାଳଙ୍କ ପୁଅ ମାଡ଼ ମାରି ବିଦା ବି ହେଲେ, ବାରବାଟି ଲାଇଟ ବନ୍ଦ ହେଲା ଏହାର ତଦନ୍ତ ରିପୋର୍ଟ କୁଆଡ଼େ ଗଲା ? ସେହିଭଳି ଦାଦନଙ୍କ ପାଇଁ ଟାସ୍କ ଫୋର୍ସ କୁଆଡ଼େ ଗଲା, ରତ୍ନ ଭଣ୍ଡାର କମିଟିର ପଦ୍ମ ଘୁଞ୍ଚିଘୁଞ୍ଚି ଯାଉଛି । ରତ୍ନ ଭଣ୍ଡାର ତାମିଲନାଡୁ ଗଲା ବୋଲି କହିଲେ, ହେଲେ କେଉଁ ଚାବିରେ ଖୋଲିଲା ? ଧାନର କଟନୀ ଛଟନୀ ବନ୍ଦ କରିବେ ବୋଲି କହିଥିଲେ, ହେଲେ ବନ୍ଦ ହେଲାନି । ପ୍ରତି ମଣ୍ଡିରୁ ୯ରୁ ୧୨ କେଜି ଧାନ କଟନୀ ଛଟନୀ ହେଲା । ମିଲ ସାଥିରେ ଡିଲ ହେଲା କଟନୀ ଛଟନୀ ଲୁଟନୀ ହେଲା । ରାସନରେ ଗହମ ଦେବେ ବୋଲି କହିଥିଲେ, ଆଜି ମଞ୍ଜି ପୋତିଲେ ୨୦୨୯ରେ ମିଳିବ ଗହମ । ପ୍ରଥମ ବଜେଟ ଶିଶୁ ବଜେଟି ଦ୍ୱିତୀୟ ବଜେଟ ଶୁଖୁଆ ବଜେଟ ବୋଲି ତାସ୍ଥଲ୍ୟ କରିଥିଲେ । ଖୋଲା ମାର୍କେଟ୍‌ରୁ ୩୬ ପ୍ରତିଶତ ଋଣ ଉଠାଇବେ । ମହିଳାଙ୍କ ଉପରେ ଅତ୍ୟାଚାର ବଢ଼ିଛି । ବଜେଟରେ ସଂଖ୍ୟାଲଘୁଙ୍କ ପାଇଁ କିଛି କହିଲେନି । ଥାନାରେ ଇନ୍ସପେକ୍ଟର ଓ ସବ-ଇନ୍ସପେକ୍ଟର ଚେୟାର ଖାଲି ପଡ଼ିଛି । ବିଜେପିର କ୍ରାଇମ ଟୁରିଜିମ ନୂଆ ସ୍କିମ । ଏବେ ବି ୬ ମନ୍ତ୍ରୀ ପଦ ଖାଲି ପଡ଼ିଛି । ଏହାସହ ୩୬ଟି କର୍ପୋରେସନ , ମହିଳା କମିଶନ ପଦବୀ ଓ ଯୋଜନା ବୋର୍ଡ ଅଧ୍ୟକ୍ଷ ପଦବୀ ବି ପୂରଣ ହୋଇପାରି ନାହିଁ । ଆଇଏଏସ ଓ ଆଇପିଏସ୍ ପଦବୀ ଖାଲି ପଡ଼ିଛି । ଓଡ଼ିଶାର ଖଣିଖାଦାନ ଗୁଜୁରାଟକୁ ଟେକିଦେଲେ । ଏଠି ଗୁଜୁରାଟୀକରଣ ଚାଲିଛି । ହାତୀ ଭଳିଆ ବଜେଟକୁ ପିମ୍ପୁଡ଼ି ଭଳିଆ ଖର୍ଚ୍ଚ ହୋଇଛି ।

ବିଜେପି ସଭ୍ୟ ଟଙ୍କଧର ତ୍ରିପାଠୀ କହିଥିଲେ, ଦୀର୍ଘଦିନ ଧରି ଖଣ୍ଡି ଓଡ଼ିଆ କହୁଥିବା ଲୋକଙ୍କ ଚୌକି ତଳେ ବସିବା ନେତାଙ୍କ ଅଭ୍ୟାସ ଅଛି । ଆଦିବାସୀ ବର୍ଗରୁ ଆସିଥିବା ଲୋକ ଆଜି ମୁଖ୍ୟମନ୍ତ୍ରୀ ଓଡ଼ିଆ ଅସ୍ମିତା ପାଇଁ କାର୍ଯ୍ୟ କରୁଛନ୍ତି । ମନ୍ତ୍ରୀ ପଦ ମିଳିବ ବୋଲି ଚାଟୁକାର କରୁଥିଲେ ନେତା । ଆଜି ଏଠି ନ୍ୟାୟ କଥା କହୁଛନ୍ତି । ରାଜ୍ୟରେ ଅପପୁଷ୍ଟିର ନିଆଁ ବର୍ତ୍ତମାନ ଜଳୁଛି । ୨୦୨୪-୨୫ରେ ୯୮, ୬୨୦ ଜଣ ଶିଶୁ ଅପପୁଷ୍ଟିର ଶୀକାର ହୋଇଥିଲେ । ୨୦୧୬ରେ ନଗଡ଼ା ନିନ୍ଦିତ କାହା ପାଇଁ ହେଲା । ୨୪ ବର୍ଷରେ କେଉଁ ଓଡ଼ିଶାକୁ ସଶକ୍ତ କଲେ ? ରାଜ୍ୟ ସରକାରଙ୍କ ନିଜସ୍ୱ ଅର୍ଥ ନାହିଁ । ଖଣି ପଇସାରେ ଓଡ଼ିଶା ଚଳାଉଥିଲେ ସରକାର । ଓବିସି ବର୍ଗ ସଂରକ୍ଷଣକୁ ହତ୍ୟା କରିଛି ବିଜେଡି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସିଲା ପରେ ଦେଶରେ ଅର୍ଥନରତି ବୃଦ୍ଧି ପାଇଛି । ଓଡ଼ିଶା ସବୁଠୁ ସମୃଦ୍ଧଶାଳୀ ହେବ । ବିରୋଧୀ ଦଳ ନେତା କେଉଁଠି ଅଛନ୍ତି? ଆମ ମୁଖ୍ୟମନ୍ତ୍ରୀ କେଉଁଠି ବସିଲେ ସମସ୍ତଙ୍କୁ ଜଣା । ହେ ଅନ୍ଧ ଧୃତରାଷ୍ଟ୍ର ୨୪ବର୍ଷର ଶାସନ କଥା କରି ପୂର୍ବ ସରକାରଙ୍କ ସମାଲୋଚନା କରିଥିଲେ ଶ୍ରୀ ତ୍ରିପାଠୀ । ବିଜେପି ସଭ୍ୟ ସିଦ୍ଧାନ୍ତ ମହାପାତ୍ର କହିଥିଲେ, ରାଜ୍ୟର ଅନେକ ଜିଲ୍ଲାରେ ଡିଏମଏଫରେ ପର୍ଯ୍ୟାପ୍ତ ପାଣି ରହିଛି । ସେହି ପାଣିରୁ କୃଷି ଓ କୃଷକର ସ୍ୱାର୍ଥ ପାଇଁ ଏକ କର୍ପସ ପାଣି ଗଠନ କରାଯାଉ । ଏହାସହ ବିଭିନ୍ନ ସ୍ଥାନରୁ ଜଳର ବ୍ୟାପକ ଅପଚୟ ହେଉଛି । ଏହାର ସଂରକ୍ଷଣ ଓ ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ବ୍ୟୟମଞ୍ଜୁରୀ ଆଲୋଚନାରେ ବିଜେଡି ସଭ୍ୟ ନିରଞ୍ଜନ ପୂଜାରୀ, ଅରବିନ୍ଦ ମହାପାତ୍ର, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଗଣେଶ୍ୱର ବେହେରା, ବିଜେପି ସଭ୍ୟ ଇରାସିସ ଆଚାର୍ଯ୍ୟ, ଦୁଷ୍ମନ୍ତ କୁମାର ସ୍ୱାଇଁ, ସନ୍ତୋଷ କୁମାର ଖଟୁଆ ପ୍ରମୁଖ ଭାଗ ନେଇଥିଲେ ।

**୨୪ ବର୍ଷରେ କେଉଁ ଓଡ଼ିଶାକୁ ସଶକ୍ତ କଲେ?: ଶାସକ**

## ଗିଫ୍ଟ ସ୍ୱୟଂଶାସିତ କଲେଜର ବାର୍ଷିକ ଉତ୍ସବ



ଭୁବନେଶ୍ୱର, (ସବ୍ଯ୍ୟ): ଗିଫ୍ଟ ସ୍ୱୟଂଶାସିତ କଲେଜର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଅତିଥିଭାବେ ଗିଫ୍ଟର ଅଧକ୍ଷ ଡଃ. ତ୍ରିଲୋଚନ ସାହୁ, ଡିନ୍ ଏକାଡେମିକ୍ ଡଃ. ଆର.ଏନ୍. ପଣ୍ଡା, ରେଜିଷ୍ଟ୍ରାର ପ୍ରଫେସର ତରୁଣ କୁମାର, ଉପାଧ୍ୟକ୍ଷ ଡଃ. ଦେବେନ୍ଦ୍ର ପଣ୍ଡା, ଓଏସ୍‌ଡି ଇଂ. ସମୀର ରଂଜନ ପଣ୍ଡା, ଷ୍ଟୁଡେଣ୍ଟ ଓଏଲଫେୟାର ପ୍ରଫେସର ସୌମେନ୍ଦ୍ର ବେହେରା, ଏସ୍‌ପିଓସି ଇଂ. ଅଭିଜିତ ମଙ୍ଗରାଜ ସମୁହ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମ ଅବସରରେ ୧୦ ବର୍ଷ କାର୍ଯ୍ୟ କରିଥିବା ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀମାନଙ୍କୁ ଉପଢୌକନ ଦେଇ ସମ୍ମାନୀତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ପ୍ର. ବିସ୍ମିତା ବିଶ୍ୱାଳ, ପ୍ର. ଦୀପ୍ତି ଆଚାର୍ଯ୍ୟ ପରିଚାଳନା କରିଥିଲେ। ଏହି ଉତ୍ସବରେ ଅନେକ ମେଧାବୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା ।

## ଧର୍ମପ୍ରାଣା ମହିଳାଙ୍କ ପରଲୋକ



ଭୁବନେଶ୍ୱର : ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ଥାନା ଆମ୍ଭେରୀ ଗ୍ରାମପଞ୍ଚାୟତ ଅରିଲୋ ଗ୍ରାମର ଅଞ୍ଜଳି ମହାନ୍ତିଙ୍କର ଶୁକ୍ରବାର ଦିବା ୩ ଘଟିକା ସମୟରେ ଚିକିତ୍ସିତ ହେଉଥିବା ସମୟରେ ୫୭ ବର୍ଷ ବୟସରେ ପରାଲୋକ ହୋଇଯାଇଛି। ସେ ଦୀର୍ଘ ଦିନ ଧରି ମୁଣ୍ଡରେ ଆଘାତ ଲାଗିଥିବାରୁ ଚିକିତ୍ସିତ ହେଉଥିଲେ। ସେ ଜଣେ ମିଷ୍ଟଭାଷୀ ଓ ଧର୍ମ ପରାୟଣା ମହିଳା ଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ଭାଇ-ଭାଉଜ, ପୁତୁରା-ପୁତୁରା ବୋହୂ, ଝିଆରୀ-ଝିଆରୀ ଜ୍ୱାଇଁ ଓ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁରେ ଅରିଲୋ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ଏକ ଶୋକାକୂଳ ପରିବେଶରେ ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା।

## କର୍ମଚାରୀ ମାନଙ୍କ ଦକ୍ଷତା ବୃଦ୍ଧି ପାଇଁ
# ସିଭି ରମଣ ଗ୍ଲୋବାଲ ୟୁନିଭର୍ସିଟି ସହ ଜିନ୍ଦଲ ଷ୍ଟିଲ ଏଣ୍ଡ ପାୱାରର ବୁଝାମଣାପତ୍ର ସ୍ୱାକ୍ଷର



ଭୁବନେଶ୍ୱର, (ସବ୍ଯ୍ୟ): ସ୍କିଲ୍ ଇଣ୍ଡିଆ ମିଶନକୁ ସମଗ୍ର ଦେଶରେ କାର୍ଯ୍ୟକାରୀ କରିବା ପାଇଁ ଶ୍ରୀ ନବୀନ ଜିନ୍ଦଲଙ୍କ ପରିକଳ୍ପନାକୁ ଆଉ ଏକ ପାଦ ଆଗକୁ ନେଇ, ଦକ୍ଷତା କାର୍ଯ୍ୟକ୍ରମ ଅଧୀନରେ କର୍ମଚାରୀ ମାନଙ୍କ କୌଶଳ ବୃଦ୍ଧି ପାଇଁ ଜିନ୍ଦଲ ଷ୍ଟିଲ ଏଣ୍ଡ ପାୱାର (ଜେଏସପି) ଓଡ଼ିଶାର ସିଭି ରମଣ ଗ୍ଲୋବାଲ ୟୁନିଭର୍ସିଟି (ସିଜିୟୁ-ଓଡ଼ିଶା) ସହିତ ଏକ ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷର କରିଛି । ଜେଏସପି ଅନୁଗୁଳ ମୁଖ୍ୟ ତଥା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପଙ୍କଜ ମଲହାନ ଏବଂ ସିଜିୟୁର ପ୍ରୋ ଭାଇସ୍ ଚାନ୍ସେଲର ଡ. ଜି ଶ୍ରୀଦେବୀ ଏହି ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଛନ୍ତି । ଏହି ଅବସରରେ ଜେଏସପିର ମୁଖ୍ୟ ମାନବ ସମ୍ବଳ ଅଧିକାରୀ ଦିଲୀପ କୁମାର ସିହ୍ନା, ଭାଇସ୍ ପ୍ରେସିଡେଣ୍ଟ (ମାନବ ସମ୍ବଳ) ସୁଭାଷ ଚନ୍ଦ୍ର ସିଜିୟୁର ପ୍ରଫେସର ଅଫ୍ ପ୍ରାକ୍ଟିସ୍ ଅମୂଲ୍ୟ ମହାପାତ୍ର ୱେଲ୍ଡିଂ ସିଓଇ ମୁଖ୍ୟ ଦେବାଶିଷ ମହାପାତ୍ର ଏବଂ ଅଟୋମେସନ୍ ସିଓଇ ମୁଖ୍ୟ ରଜତ ସାମନ୍ତରାୟ ଉପସ୍ଥିତ ଥିଲେ । ଏହି ବୁଝାମଣାପତ୍ର ଅନୁଯାୟୀ ଜେଏସପି ଏବଂ ସିଜିୟୁ-ଓଡ଼ିଶା ମିଳିତ ଭାବେ ଜେଏସପିର ଅନୁଗୁଳ ସ୍ଥିତ ନବୀନ ଜିନ୍ଦଲ ସ୍କିଲ୍ ସେଣ୍ଟର ଏବଂ ସିଜିୟୁ-ଓଡ଼ିଶାର ସେଣ୍ଟର ଅଫ୍ ଏକ୍ସଲେନ୍ସ (ସିଓଇ)ରେ ବିଭିନ୍ନ ପ୍ରଶିକ୍ଷଣ ପ୍ରଦାନ କରିବେ । ୱେଲ୍ଡିଂ, ଫେବ୍ରିକେସନ୍ ଏବଂ ଇଲେକ୍ଟ୍ରିସିଆନ୍ ଆଦି କ୍ଷେତ୍ର ସହିତ ଅନ୍ୟାନ୍ୟ ଭବିଷ୍ୟ-ଉପଯୋଗୀ ଦକ୍ଷତା ବୃଦ୍ଧି ଉପରେ ଏହି ପ୍ରଶିକ୍ଷଣରେ ଗୁରୁତ୍ୱ ଦିଆଯିବ । ଏହାସହିତ ଶିଳ୍ପ ଅଟୋମେସନ୍ ରେ ବିଶେଷ ଦକ୍ଷତା ପ୍ରଶିକ୍ଷଣ ପ୍ରଦାନ କରାଯିବ ।

# ଏପ୍ରିଲ ୧୧ ରେ ଆଜିରରେବତୀର ଶୁଭମୁକ୍ତି



ଭୁବନେଶ୍ୱର (ସବ୍ଯ୍ୟ): ଓଡ଼ିଆ ପରମ୍ପରା ଓ ସମାଜଚେତନା ଭିତ୍ତିକ ଓଡ଼ିଆ ସିନେମା ଆଜିର ରେବତୀ ଆସନ୍ତା ୧୧ ଏପ୍ରିଲରେ ମୁକ୍ତିଲାଭ କରିବାକୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଯାଇଥିବା ବେଳେ ଏକ ବର୍ଣ୍ଣାଢ୍ୟ ପରିବେଶରେ ଏହାର ଅଡିଓ ରିଲିଜ୍ ହୋଇଛି । ସବୁ ଗୀତ ଗୁଡିକ ଆଗାମୀ ଦିନରେ ପ୍ରକାଶ ମ୍ୟୁଜିକ୍ ୟୁଟ୍ୟୁବ ଚ୍ୟାନେଲରେ ଦର୍ଶକ ଦେଖିବାକୁ ପାଇବେ । ଏହି ଅଡିଓ ରିଲିଜ୍ ଅବସରରେ ଆଜିର ରେବତୀ ଚଳଚ୍ଚିତ୍ରର ପ୍ରଯୋଜକ ରମେଶ ବାରିକ, କାହାଣୀକାର ଡ଼. ବଦ୍ରି ମିଶ୍ର, ଚିତ୍ରନାଟ୍ୟ ଏବଂ ସଂଳାପ ଲେଖକ ଶ୍ୟାମା ପ୍ରସାଦ ମିଶ୍ର, ପ୍ରଚାର ଓ ପ୍ରସାର ମୁଖ୍ୟ ମିଡ଼ିଆ ପ୍ଲାନର କ୍ରିଏଟିଭ ହେଡ଼ ପ୍ରଣୟ ଜେଠୀ, ପ୍ରଯୋଜକ ସଚ୍ଚିକାନ୍ତ ଜେନା, ମୁଖ୍ୟ ଅଭିନେତ୍ରୀ ଶୀତଲ ପାତ୍ର, ଅଭିନେତା ସୁକାନ୍ତ ରଥ, ସଙ୍ଗୀତ ନିର୍ଦ୍ଦେଶକ ପ୍ରେମ ଆନନ୍ଦ, ଗୀତିକାର ବାପୁ ଗୋସ୍ୱାମୀ, କଣ୍ଠଶିଳ୍ପୀ ଦିପ୍ତୀରେଖା ପାଢ଼ୀ, ସ୍ୱୟଂ ପାଢ଼ୀ, ସତ୍ୟଜିତ ପ୍ରଧାନ ଏବଂ ସବିଶେଷ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । ଗାଳ୍ପିକ ତଥା ଗୀତିକାର ଡ଼. ବଦ୍ରି ମିଶ୍ର ଦୀର୍ଘ ୨୫ ବର୍ଷ ପୂର୍ବେ ସୃଷ୍ଟି କରିଥିବା କ୍ଷୁଦ୍ର ଗଳ୍ପ ରେବତୀର କାହାଣୀକୁ ନେଇ ଓଡ଼ିଆ ସିନେ ଦୁନିଆର ବହୁ ଅଭିଜ୍ଞ ସଂଳାପକାର ଶ୍ୟାମା ପ୍ରସାଦ ମିଶ୍ର ଆଜିର ରେବତୀ ସିନେମାର ସଂଳାପ ରଚନା କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିପାରିଛନ୍ତି । ଏ ପର୍ଯ୍ୟନ୍ତ ୨୫ଟି ସିନେମାର ପ୍ରଯୋଜନା କରିଥିବା ଯୁବ ପ୍ରଯୋଜକ ରମେଶ ବାରିକ ଆଜିର ରେବତୀ ସିନେମାର ପ୍ରଯୋଜନା କରିଛନ୍ତି । ଆଜିର ରେବତୀ ସିନେମାର ମୁଖ୍ୟ ଭୂମିକାରେ ନାୟିକା ଶୀତଲ ପାତ୍ର, ପୁଷ୍ପା ପଣ୍ଡା, ପୃଥ୍ୱୀରାଜ ନାୟକ, କଲିକତାର ଫିଲ୍ମ ଷ୍ଟାର ବୋନି ସେନଗୁପ୍ତା,ସୁକାନ୍ତ ରଥ,ରବି ମିଶ୍ର, ଉଷଶୀ ମିଶ୍ର, ପ୍ରମୁଖ ଅଭିନୟ କରିଛନ୍ତି । ଆସନ୍ତା ଏପ୍ରିଲ ୧୧ ତାରିଖ ଦିନ ଏହି ଦ୍ୱିଭାଷୀ ଚଳଚ୍ଚିତ୍ର ଓଡିଶା ଏବଂ କଲିକତାରେ ମୁକ୍ତିଲାଭ କରିବ ବୋଲି ପ୍ରଯୋଜନା ସଂସ୍ଥା ତରଫରୁ ପ୍ରକାଶ କରିଛନ୍ତି ।

# ୩୫୦ ଛାତ୍ରଛାତ୍ରୀଙ୍କୁ ନେଇ ସୋଆ ଏଲସିୟମ-୨୦୨୫

ଭୁବନେଶ୍ୱର, (ସବ୍ଯ୍ୟ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟରେ ଗୁରୁବାର ଦିନ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଉଦ୍ୟୋଗ ପ୍ରବଣତା, ସମସ୍ୟା ସମାଧାନର ସୂତ୍ର ଖୋଜିବା ତଥା ନୂତନତ୍ୱ ପ୍ରବର୍ତନ ଦିଗରେ ଉତ୍ସାହିତ କରିବାକୁ 'ଏଲସିୟମ-୨୦୨୫' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନିକାଲ୍ ଏଜୁକେସନ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର) ପରିସରରେ ଥିବା ଅଟଳ ଇନୋଭସେନ୍ ସେଂଟର (ଏଇଆଇସି) ସୋଆ ଫାଉଣ୍ଡେସନ ଠାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ 'ବିଜିନେସ ଡିକୋଡେଡ' ଓ 'ଫାଉଣ୍ଡର୍ସ ଏରେନା' ନାମକ ଦୁଇଟି ପ୍ରତିଯୋଗିତା ଅନ୍ତର୍ଭୁକ୍ତ ଥିଲା। ଏହି କାର୍ଯ୍ୟକ୍ରମରେ ୩୫୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ୧୦୦ରୁ ଅଧିକ ଦଳରେ ବିଭକ୍ତଛ୍ ହୋଇ ଅନ୍ତର୍ଭୁକ୍ତ ଥିଲେ। ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଏହି କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ ଏବଂ ଆଡିସ୍‌ନାଲ୍ ଡିନ୍ (ଷ୍ଟୁଡେଂଟ ଆଫେୟାର୍ସ), ଆଇଟିଇଆର, ପ୍ରଫେସର ରେଣୁ ଶର୍ମା ସ୍ୱାଗତ ଭାଷଣ ଦେଇଥିଲେ। ଛାତ୍ରଛାତ୍ରୀମାନଙ୍କର ଚିନ୍ତାଧାରା ଓ କାର୍ଯ୍ୟକୁ ସୋଆର ଡିଷ୍ଟିଙ୍ଗୁଇସ୍‌ଡ ପ୍ରଫେସର ଉମା ଚରଣ ମହାନ୍ତି ଓ ଅନ୍ୟ ଫ୍ୟାକଲ୍ଟିମାନେ ମୂଲ୍ୟାୟନ କରିଥିଲେ। ସୋଆର ବିଭିନ୍ନ ଇନକ୍ୟୁବେସନ୍ ଦାୟିତ୍ୱରେ ଥିବା ରାଜୀବ କୁମାର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଗଠିତ ଏକ ସ୍ୱେଚ୍ଛାସେବୀ ଦଳ ମାଧ୍ୟମରେ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରାଯାଇଥିଲା । 'ଫାଉଣ୍ଡର୍ସ ଏରେନା' ପ୍ରତିଯୋଗିତାରେ ଏଗ୍ରୋ ଫାଷ୍ଟ, ମେଜିକ୍ ଡେଷ୍ଟିନେସନ୍ ଓ ଆର୍ମୋର ଇଙ୍କ ଯଥାକ୍ରମେ ପ୍ରଥମ ତିନୋଟି ସ୍ଥାନ ଅଧିକାର କରିଥିବା ବେଳେ 'ବିଜିନେସ୍ ଡିକୋଡେଡ' ପ୍ରତିଯୋଗିତାରେ ନେକଷ୍ଟ ଜେନ ଶାର୍କସ, ଟିମ୍ ସାଇଫର ଏବଂ ଡିକୋଡର୍ସ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଥିଲେ । ଏହି ଅବସରରେ ଆଇଟିଇଆର୍ ତଥା ଏଆଇସି ସୋଆ ଫାଉଣ୍ଡେସନ୍‌ର ନିର୍ଦ୍ଦେଶକ ପ୍ରଫେସର ମାନସ କୁମାର ମଲ୍ଲିକ ବିଚାରକ ମଣ୍ଡଳୀର ସଦସ୍ୟମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।




## ବିମାନବନ୍ଦରରୁ ଶରୀସୃପ ଜବତ କଲା କଷ୍ଟମ୍ସ ବିଭାଗ

ଭୁବନେଶ୍ୱର, (ସବ୍ଯ୍ୟ) : ବ୍ୟାଙ୍କକ୍‌ରୁ ଭାୟା ଭୁବନେଶ୍ୱର ଦେଇ ଚେନାଇ ଚାଲାଣ ହେଉଥିବା ଶରୀସୃପଙ୍କୁ ଭୁବନେଶ୍ୱର ବିଜୁପଟ୍ଟନାୟକ ଆନ୍ତର୍ଜାତୀୟ ବିମାନବନ୍ଦରରେ କଷ୍ଟମ୍ସ ବିଭାଗ ଚଢାଉ କରି ଜଣେ ବିମାନ ଯାତ୍ରୀଙ୍କୁ ଠାରୁ ଜବତ କରିଛି। ୯ ଟି କାଲିଫର୍ନିଆ ସାପ, ୭ କଇଁଛ, ଗୋଧି, ଝିଟିପିଟି ପ୍ରଭୃତି ବିରଳ ଶରୀସୃପ ସାପକୁ ବିମାନରେ ଚାଲାଣ ହେଉଥିବା ଗୁଇନ୍ଦା ସୂତ୍ରରୁ ଜଣାପଡିବା ପରେ କଷ୍ଟମ୍ସ ବିଭାଗ ଚଢାଉ କରି ଶରୀସୃପଙ୍କୁ ଜବତ କରିବା ସହ ଚାଲାଣରେ ସାମିଲ ଥିବା ମାଫିଆକୁ ହେପାଜତକୁ ନେଇଛି କଷ୍ଟମ୍ସ ବିଭାଗ। ଏହି ବିଦେଶୀ ଶରୀସୃପଙ୍କ ମୂଲ୍ୟ ଅଧିକ ହୋଇଥିବାରୁ ଆନ୍ତର୍ଜାତୀୟ ଚାଲାଣ କରାଯାଉଛି। ଆନ୍ତର୍ଜାତୀୟ ଚାଲାଣକାରୀ ର୍‍ୟାକେଟ୍ ଦ୍ୱାରା କେବଳ ଶରୀସୃପ ନୁହେଁ ସାପ ବିଷ, ଅଲିଫ୍‌ଲିଡ୍‌ଲେ କଇଁଛ ପ୍ରଭୃତି ଆନ୍ତର୍ଜାତୀୟ ଚାଲାଣ ହେଉଛି। ଓଡିଶାରୁ ଏହି ଆନ୍ତର୍ଜାତୀୟ ର୍‍ୟାକେଟ୍ ସାପ ବିଷ ଅଲିଫ୍‌ଲିଡ୍‌ଲେ କଇଁଛ ପ୍ରଭୃତି ନେଇ ବିଦେଶରେ ବହୁ ମୂଲ୍ୟରେ ବିକ୍ରି କରୁଥିବା ବହୁ ନଜିର ରହିଛି। ଏକ ର୍‍ୟାକେଟ୍‌କୁ ବନବିଭାଗ ପିଛା କରିବାରୁ ସେମାନେ ସାପ ବିଷ ରଖିଥିବା ଜାରକୁ ଫାୟାର ଷ୍ଟେସନ୍ ନିକଟରେ ଛାଡି ପଳାଇଥିଲେ। ଏଥିସହ ଓଡିଶାରୁ ହାତୀ ଦାନ୍ତ, ବାଘ ଦାନ୍ତ, ହରିଣ ଛାଲ ଓ ବନ୍ୟାଜାତ ବହୁଦ୍ରବ୍ୟ ର୍‍ୟାକେଟ୍ ଦ୍ୱାରା ଆନ୍ତର୍ଜାତୀୟ ଚାଲାଣ ହେଉଥିବା ପୂର୍ବରୁ ବହୁବାର ଜଣା ପଡିଛି।

## ଜୁଲାଇ ୩ରୁ ଅମରନାଥ ଯାତ୍ରା



ନୂଆଦିଲ୍ଲୀ: ଅମରନାଥ ଯାତ୍ରାର ତାରିଖ ଧାର୍ଯ୍ୟ ହୋଇଛି । ଯାତ୍ରା ସହିତ ରେଜିଷ୍ଟ୍ରେସନ ତାରିଖ ମଧ୍ୟ ସାମ୍ନାକୁ ଆସିଛି । ପବିତ୍ର ଅମରନାଥ ଯାତ୍ରା ଚଳିତବର୍ଷ ଜୁଲାଇ ୩ ତାରିଖରୁ ଆରମ୍ଭ ହୋଇ ୯ ଅଗଷ୍ଟ ୨୦୨୫ ପର୍ଯ୍ୟନ୍ତ ଚାଲିବ । ଅମରନାଥ ଶ୍ରାଇନବୋର୍ଡ (ଏସଏଏସବି) ଅନୁସାରେ ଏହି ଯାତ୍ରା ୩୯ ଦିନ ଧରି ଚାଲିବ । ଏଣୁ ବାବାଙ୍କ ଦର୍ଶନ ନିମନ୍ତେ ଭକ୍ତଙ୍କୁ ଢେର ସମୟ ମିଳିବ । ଏଥର ମଧ୍ୟ ଭକ୍ତ ୨ଟି ମାର୍ଗରେ ଅମରନାଥ ଯାତ୍ରା କରିବେ ଓ ଏଥି ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି।

ପୂର୍ବଭଳି ଭକ୍ତମାନଙ୍କୁ ଅନନ୍ତନାଗ ଜିଲ୍ଲାର ପହଲଗାଓଁ ମାର୍ଗ ଓ ଗନ୍ଦରବଲ ଜିଲ୍ଲାର ବାଲଟାଲ ମାର୍ଗରେ ଅମରନାଥ ଯାତ୍ରାରେ ଯିବେ । ଏଣୁ ଜମ୍ମୁ-କାଶ୍ମୀର ପ୍ରଶାସନ ପକ୍ଷରୁ ଶ୍ରଦ୍ଧାଳୁଙ୍କ ସୁରକ୍ଷା ଓ ସୁବିଧା ଲାଗି ଖାସ ପ୍ରସ୍ତୁତି ଆରମ୍ଭ ହୋଇଛି । ଏଥର ଶ୍ରଦ୍ଧାଳୁଙ୍କୁ ଅବସ୍ଥାନ, ଭୋଜନ, ଚିକିତ୍ସା ଓ ସୁରକ୍ଷା ବ୍ୟବସ୍ଥାକୁ ଉନ୍ନତ କରିବାକୁ ଉଦ୍ୟମ କରାଯାଉଛି । ଯାତ୍ରୀଙ୍କ ବଢୁଥିବା ସଂଖ୍ୟାକୁ ସମ୍ଭାଳିବା ପାଇଁ ମଧ୍ୟ ଖାସ ବ୍ୟବସ୍ଥା କରାଯାଉଛି ।

୨୦୨୫ ଅମରନାଥ ଯାତ୍ରାରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ଆଗମନ ଆକଳନ କରାଯାଉଛି । ପ୍ରଶାସନ ଯାତ୍ରାକୁ ସୁରକ୍ଷିତ ଓ ସୁବିଧାଜନକ କରିବା ପାଇଁ ସବୁମନ୍ତେ ଉଦ୍ୟମ କରୁଛି । ଉନ୍ନତ ସୁବିଧା, ସୁରକ୍ଷା ଓ ଡିଜିଟାଲ ସେବା ସହିତ ଏହି ଯାତ୍ରା ଭକ୍ତଙ୍କ ନିମନ୍ତେ ଖାସ ଓ ଆଧ୍ୟାତ୍ମିକ ରୂପେ ସୁଖଦ ହେବ । ଏଣୁ ତୀର୍ଥ ଯାତ୍ରୀଙ୍କୁ ସମୟରେ ପଞ୍ଜିକରଣ କରାଇବାକୁ ଓ ଶ୍ରାଇନବୋର୍ଡର ଅଧିକାରୀକ ସୂଚନା ଉପରେ ନଜର ରଖିବାକୁ ପରାମର୍ଶ ଦିଆଯାଇଛି ।

ବାବା ବର୍ଫାନୀଙ୍କ ଦର୍ଶନ ନିମନ୍ତେ ଆସୁଥିବା ଶ୍ରଦ୍ଧାଳୁଙ୍କ ରେଜିଷ୍ଟ୍ରେସନ ଜରୁରି । ଏଣୁ ଭକ୍ତ ଶ୍ରୀ ଅମରନାଥ ଶ୍ରାଇନ ବୋର୍ଡର ଅଧିକାରୀକ ୱେବସାଇଟ୍‌ରେ ନିଜର ରେଜିଷ୍ଟ୍ରେସନ କରାଇ ପାରିବେ । ଏହା ଛଡା ଅମରନାଥ ଶ୍ରାଇନବୋର୍ଡ ମୋବାଇଲ ଆପ୍ଲିକେସନରେ ବି ଯାତ୍ରା ନିମନ୍ତେ ରେଜିଷ୍ଟ୍ରେସନ କରାଯାଇ ପାରିବ ।

## ଆଗାମୀ ପୀଢ଼ିକୁ ସ୍ୱଚ୍ଛ ପରିବେଶର ପରମ୍ପରା ପ୍ରଦାନ କରିବା ଆମର ନୈତିକ ଦାୟିତ୍ୱ : ରାଷ୍ଟ୍ରପତି




ନୂଆଦିଲ୍ଲୀ: ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ (ମାର୍ଚ୍ଚ ୨୯, ୨୦୨୫) ନୂଆଦିଲ୍ଲୀ ଠାରେ ପରିବେଶ – ୨୦୨୫ ଉପରେ ଦୁଇ ଦିନିଆ ଜାତୀୟ ସମ୍ମିଳନୀକୁ ଉଦଘାଟନ କରିଛନ୍ତି । ପରିବେଶ ସହ ଜଡିତ ସମସ୍ତ ଦିବସ ଏହି ବାର୍ତ୍ତା ଦେଇଥାଏ ଯେ ଆମେ ପ୍ରତିଦିନ ସେଗୁଡିକର ଲକ୍ଷ୍ୟ ଏବଂ କାର୍ଯ୍ୟକ୍ରମକୁ ଧ୍ୟାନରେ ରଖିବା ଉଚିତ ଏବଂ ସେସବୁକୁ ଯଥାସମ୍ଭବ ଆମର ଦୈନନ୍ଦିନ ଜୀବନର ଏକ ଅଂଶ କରିବା ଉଚିତ ବୋଲି ଏହି ଅବସରରେ ରାଷ୍ଟ୍ରପତି କହିଥିଲେ । ସଚେତନତା ଏବଂ ସମସ୍ତଙ୍କ ଅଂଶଗ୍ରହଣ ଉପରେ ଆଧାରିତ ନିରନ୍ତର ସକ୍ରିୟତା ଦ୍ୱାରା ହିଁ ପରିବେଶ ସୁରକ୍ଷା ଏବଂ ପ୍ରୋତ୍ସାହନ ସମ୍ଭବ ହୋଇପାରିବ ବୋଲି ସେ ଉଲ୍ଲେଖ କରିଥିଲେ ।

ରାଷ୍ଟ୍ରପତି କହିଥିଲେ ଯେ ଆମ ପିଲାମାନେ ଏବଂ ଯୁବପିଢ଼ି ବହୁତ ବ୍ୟାପକ ସ୍ତରରେ ପରିବେଶ ପରିବର୍ତ୍ତନର ସମ୍ମୁଖୀନ ହେବା ସହ ଏହି କ୍ଷେତ୍ରରେ ସେମାନଙ୍କୁ ଯୋଗଦାନ କରିବାକୁ ପଡ଼ିବ । ପ୍ରତ୍ୟେକ ପରିବାରର ବୟସ୍କ ମାନେ ଚିନ୍ତା କରନ୍ତି ଯେ ସେମାନଙ୍କ ପିଲାମାନେ କେଉଁ ସ୍କୁଲ କିମ୍ବା କଲେଜରେ ପାଠ ପଢିବେ । ଏଭଳି ଚିନ୍ତା କରିବା ଯଥାର୍ଥ । କିନ୍ତୁ ଆମ ପିଲାମାନେ କେଉଁ ପ୍ରକାର ବାୟୁକୁ ପ୍ରଶ୍ୱାସରେ ଗ୍ରହଣ କରିବେ, କେଉଁ ପ୍ରକାର ପାଣି ପିଇବେ, ପକ୍ଷୀଙ୍କ ମଧୁର ଧ୍ୱନି ଶୁଣିବାକୁ ସକ୍ଷମ ହୋଇପାରିବେ କି ନାହିଁ, ସବୁଜ ଜଙ୍ଗଲର ସୌନ୍ଦର୍ଯ୍ୟ ଅନୁଭବ କରିପାରିବେ କି ନାହିଁ, ସେ ବିଷୟରେ ମଧ୍ୟ ଆମ ସମସ୍ତଙ୍କ ଚିନ୍ତା କରିବାକୁ ପଡ଼ିବ । ସେ ଏହା ମଧ୍ୟ କହିଥିଲେ ଯେ ଏହି ବିଷୟ ଗୁଡ଼ିକର ଅର୍ଥନୈତିକ, ସାମାଜିକ ଏବଂ ବିଜ୍ଞାନସମ୍ମତ ଦିଗ ରହିଛି, କିନ୍ତୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହି ସବୁ ବିଷୟ ସହିତ ଜଡିତ ଆହ୍ୱାନର ଏକ ନୈତିକ ଦିଗ ମଧ୍ୟ ରହିଛି ।

ଆଗାମୀ ପିଢ଼ିକୁ ସ୍ୱଚ୍ଛ ପରିବେଶର ପରମ୍ପରା ପ୍ରଦାନ କରିବା ଆମର ନୈତିକ ଦାୟିତ୍ୱ । ଏଥିପାଇଁ ଆମକୁ ପରିବେଶ ପ୍ରତି ସଚେତନ ଓ ସମ୍ବେଦନଶୀଳ ଜୀବନଶୈଳୀ ଆପଣାଇବାକୁ ପଡ଼ିବ, ଯାହା ଦ୍ୱାରା ପରିବେଶ କେବଳ ସୁରକ୍ଷିତ ନୁହେଁ , ବରଂ ଉନ୍ନତ ହେବା ସହ ଅଧିକ ଚଳଚଂଚଳ ହୋଇପାରିବ । ସ୍ୱଚ୍ଛ ପରିବେଶ ଏବଂ ଆଧୁନିକ ବିକାଶ ମଧ୍ୟରେ ସନ୍ତୁଳନ ରହିବା ଉଭୟ ସୁଯୋଗ ଏବଂ ଆହ୍ୱାନ ମଧ୍ୟ । ମା ପରି ପ୍ରକୃତି ଆମକୁ ପରିପୁଷ୍ଟ କରେ ବୋଲି ଆମେ ବିଶ୍ୱାସ କରିଥାଉ ଏବଂ ଆମେ ପ୍ରକୃତିକୁ ସମ୍ମାନ ଏବଂ ସୁରକ୍ଷା ଦେବା ଉଚିତ ବୋଲି ରାଷ୍ଟ୍ରପତି ଉଲ୍ଲେଖ କରିଥିଲେ । ବିକାଶର ଭାରତୀୟ ଐତିହ୍ୟର ଆଧାର ହେଉଛି ଶୋଷଣ ନୁହେଁ ପୋଷଣ, ଉଚ୍ଛେଦ ନୁହେଁ, ସୁରକ୍ଷା । ଏହି ପରମ୍ପରାକୁ ଅନୁସରଣ କରି ଆମେ ଏକ ବିକଶିତ ଭାରତ ଦିଗରେ ଆଗକୁ ବଢ଼ିବାକୁ ଚାହୁଁଛୁ ।

ଗତ ଏକ ଦଶନ୍ଧି ମଧ୍ୟରେ, ଭାରତ ଅନ୍ତର୍ଜାତୀୟ ଚୁକ୍ତି ଅନୁଯାୟୀ ଜାତୀୟ ସ୍ତରରେ ନିର୍ଦ୍ଧାରିତ ଯୋଗଦାନକୁ ଶୀଘ୍ର ଶେଷ କରିବାର ଅନେକ ଉଦାହରଣ ହାସଲ କରିଛି ବୋଲି ସେ ଉଲ୍ଲେଖ କରିବା ସହିତ ଆନନ୍ଦ ପ୍ରକାଶ କରିଥିଲେ ।

## ଭୂକମ୍ପରେ ଭାଙ୍ଗିଗଲାଣି ମ୍ୟାମାରର ଅଣ୍ଟା



ନେପିଣ୍ଡା: ମ୍ୟାମାରର ପିଛା ଛାଡୁନି ଭୂମିକମ୍ପ । କାଲି ଠାରୁ ଆଜି ଯାଏଁ ଭୂକମ୍ପର ଝଟକାରେ ପୂରା ଦୋହଲି ଯାଇଛି ମ୍ୟାମାର । ସବୁଠି ଭୟଙ୍କର ସ୍ଥିତି, ସବୁଠି ଭଙ୍ଗାରୁଜା, ସବୁଠି ଛାରଖାର ଆଉ ପ୍ରକୃତିର କରାଳ ରୂପ । ଭୂକମ୍ପ ପରେ ସାରା ମ୍ୟାମାରରେ ସ୍ଥିତି ସଙ୍ଗୀନ । ଖାଦ୍ୟ, ପାନୀୟ ଓ ଜୀବନ ପାଇଁ ପ୍ରାଣମୂର୍ଚ୍ଛା ଉଦ୍ୟମ । ଏକପ୍ରକାର କହିବାକୁ ଗଲେ ହାହାକାର ସ୍ଥିତି...

ଶୁକ୍ରବାର ବିରାଟ ଭୂକମ୍ପ ପରେ ସ୍ଥିତିକୁ ସୁଧାରିବାକୁ ଚେଷ୍ଟା କଲା ବେଳକୁ ଶନିବାର ପୁଣି ଥରେ ଆଉ ଏକ ଭୂକମ୍ପ ଭାଙ୍ଗିଦେଲା ଅଣ୍ଟା । ପ୍ରଳୟର ତାଣ୍ଡବଲୀଳା ପରେ ଜୀବନକୁ ଆଉ ଥରେ ଜୋର କରି ଉଠଇଲା ବେଳକୁ ପୁନଶ୍ଚ ଏକ ଭୂକମ୍ପ ପୂରା ମ୍ୟାମାରକୁ ଦୋହଲାଇ ଦେଇଛି ।

ଗତକାଲି ଦୁଇ ଦୁଇଟି ଭୂକମ୍ପ ଝଟକାରେ ମ୍ୟାମାର ଥରିଥିବା ବେଳେ ଆଜି ପୁଣି ଏକ ବଡ ଭୂକମ୍ପର ଝଟକା ମ୍ୟାମାରବାସୀଙ୍କୁ ଭୟଭୀତ କରାଇଛି । ଧ୍ୱଂସର ସ୍ତୁପ ପାଲଟିଥିବା ମ୍ୟାମାରରେ ପୁଣି ଆଜି ବି ଭୂମିକମ୍ପ ହୋଇଛି । ଦ୍ୱିପ୍ରହର ୨ଟା ୫୦ ମିନିଟରେ ଭୂକମ୍ପ ହୋଇଛି, ରିକ୍ଟର ସ୍କେଲରେ ଏହାର ତୀବ୍ରତା ୫.୧ ବୋଲି କୁହାଯାଉଛି । ଏହି ଭୂମିକମ୍ପ ଉତ୍ପତି ସ୍ଥଳି ମ୍ୟାମାର ରାଜଧାନୀ ନାପିଦ୍ଧ ନିକଟ ବୋଲି ସୂଚନା ମିଳିଛି ଛ ତେବେ ଏଯାଏଁ ଭୂକମ୍ପରେ ପ୍ରାୟ ୧୦୦୨ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୧୬୭୦ ଜଣ ଆହତ ହୋଇଛନ୍ତି । ଅନେକ ନିଖୋଜ ଅଛନ୍ତି । ଯେଉଁମାନଙ୍କ ପତ୍ତା ଆଜି ଯାଏଁ ମିଳୁନି । ଶୁକ୍ରବାର ମ୍ୟାମାରରେ ୭.୭ ତୀବ୍ରତା ଭୂକମ୍ପ ହୋଇଥିଲା । ଯାହାର ପରିଣାମ ସାରା ଦେଶ ଭୋଗୁଥିବା ବେଳେ ଆଉ ଏକ ଭୂକମ୍ପ ଲୋକଙ୍କୁ ଭୟଭୀତ କରାଇଛି ।

ବିପଦ ବେଳେ ନିଜର ବଡପଣ ଦେଖାଇ ପଡୋଶୀ ଦେଶକୁ ସବୁବେଳେ ସାହାଯ୍ୟ କରି ଆସିଛି ଭାରତ । ସଙ୍କଟ ସମୟରେ ଅନେକ ଦେଶକୁ ସାହାଯ୍ୟର ହାତ ବଢାଇଛି ଭାରତ । ବନ୍ୟା, ବାତ୍ୟା, ଭୂକମ୍ପ ପରି ସ୍ଥିତିରେ ଛିଡା ହୋଇ ଭାରତ ଅନ୍ୟ ଦେଶ ଆଖିରେ ଦେବଦୂତର ଆଖ୍ୟା ପାଇଥିବା ବେଳେ ଏବେ ମ୍ୟାମାରକୁ ସହାୟତା ପାଇଁ ଅପରେସନ 'ବ୍ରହ୍ମା' ଆରମ୍ଭ ହୋଇଛି ।

ତେବେ ମ୍ୟାମାରର ବିପଦର ବନ୍ଧୁ ସାଜିଛି ଭାରତ । କାଲି ବିପଦ ଆସିବା ପରେ କାଳ ବିଳମ୍ବ ନକରି ଭୂକମ୍ପରେ ଛାରଖାର ମିଆଁମାରକୁ ସହାୟତାର ହାତ ବଢାଇଛି ଦେଶ । ବାୟୁସେନାର ସ୍ୱତନ୍ତ୍ର ବିମାନ ଯୋଗେ ୧୫ ଟନରୁ ଅଧିକ ରିଲିଫ୍ ସାମଗ୍ରୀ ପଠାଯାଇଛି । ତା ସହ ଆମ୍ବୁଲାନ୍ସ ଯିବାକୁ ମଧ୍ୟ ପ୍ରସ୍ତୁତ ହୋଇ ରହିଛି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର ମିଆଁମାର ଏବଂ ଥାଇଲାଣ୍ଡରେ ହୋଇଥିବା ବିଶାଳ ଭୂମିକମ୍ପରୁ ସୃଷ୍ଟି ହୋଇଥିବା ପରିସ୍ଥିତି ଉପରେ ଚିନ୍ତା ପ୍ରକଟ କରିଛନ୍ତି । ଏଭଳି ଦୁଖଦ ମୁହୂର୍ତ୍ତରେ ଭାରତ ଉଭୟ ଦେଶସହ ଛିଡ଼ାହେବା ସହ ସମସ୍ତ ପ୍ରକାର ସହାୟତା ଯୋଗାଇବାକୁ ପ୍ରସ୍ତୁତ ଥିବା ପ୍ରଧାନମନ୍ତ୍ରୀ କହିଛନ୍ତି ।

ଅପରେସନ୍ 'ବ୍ରହ୍ମା'ରେ ପର୍ଯ୍ୟାପ୍ତ ପରିମାଣରେ ତମ୍ବୁ ସାଙ୍ଗକୁ କମ୍ବଳ, ଖାଦ୍ୟ, ଜଳ ରହିଛି । ସ୍ୱାସ୍ଥ୍ୟ କିଟ୍, ସୌର ଲ୍ୟାମ୍ପ, ଜେନେରେଟର ସେଟ୍ ଏବଂ ଅତ୍ୟାବଶ୍ୟକ ଔଷଧୀୟ ସାମଗ୍ରୀ ପଠାଯାଇଛି ।

## ଏପ୍ରିଲ ୧୪ରେ ଅଫିସ ଛୁଟି

ନୂଆଦିଲ୍ଲୀ: ସରକାରୀ ଚାକିରିଆଙ୍କ ପାଇଁ ବଡ ଖବର । ଆସନ୍ତା ଏପ୍ରିଲ ୧୪ ତାରିଖରେ ଛୁଟି ରହିବ ସମସ୍ତ ସରକାରୀ ଅଫିସ୍ । ଏପ୍ରିଲ ୧୪ରେ ସାରା ଦେଶରେ ସରକାରୀ ଛୁଟି ଘୋଷଣା କଲେ କେନ୍ଦ୍ର ସରକାର । ବି.ଆର୍ ଆମ୍ବେଦକରଙ୍କ ଜୟନ୍ତୀ ପାଇଁ ଛୁଟି ଘୋଷଣା କରିଛନ୍ତି କେନ୍ଦ୍ର ସରକାର । ତେବେ କେନ୍ଦ୍ର କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇଛି । ସାଧାରଣ ଲୋକେ ବି ଏହି ଖବର ଜାଣିରଖିବା ଆବଶ୍ୟକ । କାରଣ ଯଦି କୌଣସି ସରକାରୀ ଅଫିସରେ କାମ ଅଛି ଏବଂ କୌଣସି ବ୍ୟକ୍ତି ଏପ୍ରିଲ ୧୪ ତାରିଖରେ କାମ କରିବାକୁ ଯୋଜନା କରିଛନ୍ତି ତେବେ ଜାଣି ରଖନ୍ତୁ ଏପ୍ରିଲ ୧୪ ତାରିଖରେ ସରକାରୀ ଅଫିସ ଓ ଶିକ୍ଷାନୁଷ୍ଠାନ ବନ୍ଦ ରହିବ ।

## ସାଉଦି ଆରବରେ ଇଦର ଚାନ୍ଦ: ଭାରତରେ ୩୧ରେ ଇଦ୍

ନୂଆଦିଲ୍ଲୀ: ସାଉଦି ଆରବରେ ରମଜାନ ମାସ ଭାରତ ଅପେକ୍ଷା ଗୋଟିଏ ଦିନ ପୂର୍ବରୁ ଅର୍ଥାତ୍ ମାର୍ଚ୍ଚ ୧ ତାରିଖରେ ଆରମ୍ଭ ହୋଇଥିଲା । ଏହି କାରଣରୁ ଭାରତରେ ସାଉଦି ଆରବର ଗୋଟିଏ ଦିନ ପରେ ମାର୍ଚ୍ଚ ୩୧ ତାରିଖରେ ଇଦ୍ ପାଳନ କରାଯିବ ।

ସାଉଦି ଆରବରେ ଶନିବାର (୨୯ ମାର୍ଚ୍ଚ, ୨୦୨୫) ଇଦର ଚାନ୍ଦ ଦେଖାଯାଇଛି । ତେଣୁ, ଇଦ୍ ସାଉଦିରେ ୩୦ ମାର୍ଚ୍ଚ ଅର୍ଥାତ୍ ରବିବାର ପାଳନ କରାଯିବ । ଭାରତରେ, ସାଉଦି ଆରବର ଗୋଟିଏ ଦିନ ପରେ ଇଦ୍-ଉଲ୍-ଫିତର ପାଳନ କରାଯିବ । ଚାନ୍ଦ ଦେଖିବା ପରେ, ସାଉଦି ଆରବ ଆନୁଷ୍ଠାନିକ ଭାବରେ ଘୋଷଣା କରିଛି ଯେ, ରବିବାର ଇଦ୍-ଉଲ୍-ଫିତର ପାଳନ କରାଯିବ ।

ସାଉଦି ଆରବରେ, ଭାରତ ଅପେକ୍ଷା ଗୋଟିଏ ଦିନ ପୂର୍ବରୁ ଅର୍ଥାତ୍ ମାର୍ଚ୍ଚ ୧ ତାରିଖରେ ରମଜାନ ଆରମ୍ଭ ହୋଇଥିଲା । ଏହି କାରଣରୁ ସାଉଦି ଆରବର ଗୋଟିଏ ଦିନ ପରେ ୩୧ ମାର୍ଚ୍ଚରେ ଭାରତରେ ଇଦ୍ ପର୍ବ ପାଳନ କରାଯିବ । ପ୍ରତିଥର, ଭାରତର ଗୋଟିଏ ଦିନ ପୂର୍ବରୁ ସାଉଦି ଆରବରେ ଇଦ୍ ଚାନ୍ଦ ଦେଖାଯାଇଥାଏ । କେବେ ଇଦ୍ ପାଳନ କରାଯିବ ତାହା ସମ୍ପୂର୍ଣ୍ଣ ଭାବରେ ଚାନ୍ଦ ଦେଖିବା ଉପରେ ନିର୍ଭର କରିଥାଏ । ରମଜାନ ମାସ ଶେଷ ହେବା ପରେ ଦଶମ ମାସ ଶାୱାଲର ପ୍ରଥମ ତାରିଖରେ ଇଦ୍ ପାଳନ କରାଯାଇଥାଏ । ଏହି ଦିନ ଲୋକମାନେ ପରସ୍ପରକୁ ଇଦ୍ ମୁବାରକ୍ ଶୁଭେଚ୍ଛା ଜଣାଇଥାନ୍ତି ।

## ଦୁଇଚକିଆ ଯାନ ସହିତ ଦୁଇଟି ହେଲମେଟ୍ ଯୋଗାଇବା ବାଧ୍ୟତାମୂଳକ


ନୂଆଦିଲ୍ଲୀ: ଭାରତରେ ପ୍ରତିବର୍ଷ ଦୁଇଚକିଆ ଯାନ ଦୁର୍ଘଟଣାରେ ୬୯,୦୦୦ ରୁ ଅଧିକ ଲୋକ ମୃତ୍ୟୁ ହୋଇଥାଏ । ଏଥିମଧ୍ୟରୁ ୫୦ପ୍ରତିଶତ ଚାଳକଙ୍କ ମୃତ୍ୟୁ ହେଲମେଟ ପିନ୍ଧି ନଥିବାରୁ ହୋଇଥାଏ । ସଡ଼କ ପରିବହନ ମନ୍ତ୍ରୀଙ୍କ ଘୋଷଣା ଯେ ଦୁଇଚକିଆ ଯାନ ସହିତ ଦୁଇଟି ଆଇଏସଆଇ ପ୍ରମାଣିତ ହେଲମେଟ ଯୋଗାଇବା ବାଧ୍ୟତାମୂଳକ । ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନୂଆଦିଲ୍ଲୀରେ ଅନୁଷ୍ଠିତ ଅଟୋ ସମ୍ମିଳନୀରେ ଘୋଷଣା କରାଯାଇଛି ।

ଦୁଇ ଚକିଆ ହେଲମେଟ୍ ନିର୍ମାତା ସଂଘ ଦୀର୍ଘ ଦିନ ଧରି ଆଇଏସଆଇ ପ୍ରମାଣିତ ହେଲମେଟ୍ ବାଧ୍ୟତାମୂଳକ କରାଯାଉ ବୋଲି ଦାବି କରିଆସୁଥିଲେ । ଏଭଳି ସମୟରେ ଗଡକରୀଙ୍କ ଏହି ଘୋଷଣାକୁ ଭାରତୀୟ ଦୁଇ ଚକିଆ ହେଲମେଟ ନିର୍ମାତା ସଂଘର ପୂର୍ଣ୍ଣ ସମର୍ଥନ ମିଳିଛି । ଏଥି ସହିତ ଏହି ଘୋଷଣା ଅନାବଶ୍ୟକ ମୃତ୍ୟୁକୁ ରୋକିବାରେ ସାହାଯ୍ୟ କରିବ ବୋଲି ଏକ ଆଶା ଉଙ୍କି ମାରିଛି । ପ୍ରକାଶିତ ଏକ ରିପୋର୍ଟ ମୁତାବକ, ଭାରତରେ ପ୍ରତିବର୍ଷ ୪,୮୦,୦୦୦ ରୁ ଅଧିକ ସଡ଼କ ଦୁର୍ଘଟଣା ଘଟେ । ଏଥିରେ ୧,୮୮,୦୦୦ ରୁ ଅଧିକ ଲୋକ ପ୍ରାଣ ହରାଇଥାନ୍ତି । ଏଥିମଧ୍ୟରୁ ୬୬% ମୃତକଙ୍କ ବୟସ ୧୮ ରୁ ୪୫ ବର୍ଷ ମଧ୍ୟରେ ରହିଥାଏ । ଏହି କ୍ରମରେ ଦେଖିବାକୁ ଗଲେ ପ୍ରତିବର୍ଷ ଦୁଇଚକିଆ ଯାନ ଦୁର୍ଘଟଣାରେ ୬୯,୦୦୦ ରୁ ଅଧିକ ଲୋକ ମୃତ୍ୟୁ ହୋଇଥାଏ । ଏଥିମଧ୍ୟରୁ ୫୦ପ୍ରତିଶତ ଚାଳକଙ୍କ ମୃତ୍ୟୁ ହେଲମେଟ ପିନ୍ଧି ନଥିବାରୁ ହୋଇଥାଏ ।

ଦୁଇ ଚକିଆ ହେଲମେଟ୍ ନିର୍ମାତା ସଂଘର ସଭାପତି ରାଜୀବ କପୁର କହିଛନ୍ତି, ଏହା କେବଳ ଏକ ନିୟମ ନୁହେଁ ବରଂ ଦେଶର ଆବଶ୍ୟକତା । ସଡ଼କ ଦୁର୍ଘଟଣାରେ ନିଜ ପ୍ରିୟଜନଙ୍କୁ ହରାଇଥିବା ପରିବାର ପାଇଁ ଏହି ନିଷ୍ପତ୍ତି ଆଶାର କିରଣ ଯେ ଏବେ ଏପରି ଦୁଃଖଦ ଘଟଣାଗୁଡ଼ିକୁ ରୋକାଯାଇପାରିବ । ବାଇକ ଚଲାଉଥିବା ଓ ପଛରେ ବସିଥିବା ବ୍ୟକ୍ତି ଉଭୟଙ୍କ ପାଖରେ ଆଇଏସଆଇ ପ୍ରମାଣିତ ହେଲମେଟ ଥାଏ, ତେବେ ଯାତ୍ରା ନିରାପଦ ଏବଂ ଦାୟିତ୍ୱପୂର୍ଣ୍ଣ ହୋଇଯିବ । ଗୁଣାତ୍ମକ ଆଇଏସଆଇ ହେଲମେଟର ଉତ୍ପାଦନ ବୃଦ୍ଧି କରାଯିବା ସହିତ ସାରା ଦେଶରେ ଏହାର ଉପଲବ୍ଧତା ସୁନିଶ୍ଚିତ ହେବ । ଗଡକରୀଙ୍କ ପଦକ୍ଷେପକୁ ସଡ଼କ ସୁରକ୍ଷା କ୍ଷେତ୍ରରେ ଏକ ମାଇଲଖୁଣ୍ଟ କହିଲେ ଭୁଲ ହେବନାହିଁ ।



## କ'ଣ ସେବା ଦେଇ ଗୁପ୍ତ ଭାବେ ଟଙ୍କା ନେଉଛି ବ୍ୟାଙ୍କ ?




ନୂଆଦିଲ୍ଲୀ: ଜଣେ ସଞ୍ଚୟ ଖାତାଧାରକ ହୁଅନ୍ତୁ କିମ୍ବା ଚାଲୁ ବା କରେଣ୍ଟ ଆକାଉଣ୍ଟଧାରୀ ହୁଅନ୍ତୁ, ସାଧାରଣ ବ୍ୟାଙ୍କ ଶୁଳ୍କ ସହିତ ଆପଣ ଅପଡେଟ୍ ରହିବା ଭଲ । ଏହା ଆପଣଙ୍କ ବ୍ୟାଙ୍କ ଅଭିଜ୍ଞତାରେ ଉନ୍ନତି ଆଣି ପାରିବ ।

ଭାରତରେ ବ୍ୟାଙ୍କଗୁଡ଼ିକ ଅନେକ ପ୍ରକାରର ସେବା ପ୍ରଦାନ କରନ୍ତି । ସେବା ବଦଳରେ ବ୍ୟାଙ୍କ ଚାର୍ଜ ଆକାରରେ ଟଙ୍କା ନେଇଥାଏ । ପାଣ୍ଠି ସ୍ଥାନାନ୍ତର ଠାରୁ ଆରମ୍ଭ କରି ଉଠାଣ ଓ ସର୍ବନିମ୍ନ ବାଲାନ୍ସ ଆଦି ବାବଦରେ ବ୍ୟାଙ୍କ ଗୁଡ଼ିକ ନିର୍ଦ୍ଦିଷ୍ଟ ପରିମାଣ ଟଙ୍କା ଚାର୍ଜ କରନ୍ତି ।

ଗ୍ରାହକଙ୍କ ଆକାଉଣ୍ଟ ଓ ନିର୍ଦ୍ଦିଷ୍ଟ ବ୍ୟାଙ୍କ ଅନୁଯାୟୀ ଚାର୍ଜ ରାଶି କମ/ବେଶୀ ହୋଇଥାଏ । ବ୍ୟାଙ୍କ ସେବା ପାଇଁ ନେଉଥିବା ଚାର୍ଜ ସମ୍ପର୍କରେ ସମସ୍ତେ ଜାଣିବା ଦରକାର । ଏହା ଦ୍ୱାରା ଅତିରିକ୍ତ ଖର୍ଚ୍ଚ ଓ ନିଜର ଆର୍ଥିକ ପରିଚାଳନାକୁ ଜଣେ ଗ୍ରାହକ ବେଶ ଭଲ ଜାଣି ପାରିବେ ।

ଜଣେ ସଞ୍ଚୟ ଖାତାଧାରକ ହୁଅନ୍ତୁ କିମ୍ବା ଚାଲୁ ବା କରେଣ୍ଟ ଆକାଉଣ୍ଟଧାରୀ ହୁଅନ୍ତୁ, ସାଧାରଣ ବ୍ୟାଙ୍କ ଶୁଳ୍କ ସହିତ ଆପଣ ଅପଡେଟ୍ ରହିବା ଭଲ । ଏହା ଆପଣଙ୍କ ବ୍ୟାଙ୍କ ଅଭିଜ୍ଞତାରେ ଉନ୍ନତି ଆଣି ପାରିବ । ଭାରତରେ ବ୍ୟାଙ୍କ ଶୁଳ୍କ ଆକାଉଣ୍ଟର ପ୍ରକାର ଓ ନିର୍ଦ୍ଦିଷ୍ଟ ବ୍ୟାଙ୍କ ଅନୁସାରେ ଭିନ୍ନଭିନ୍ନ ହୋଇଥାଏ ।

**କେଉଁ ସବୁ ସେବା ପାଇଁ ଟଙ୍କା ଚାର୍ଜ କରିଥାଏ ବ୍ୟାଙ୍କ?**

୧– ସର୍ବନିମ୍ନ ବାଲାନ୍ସ ଚାର୍ଜ: ଅଧିକାଂଶ ସଞ୍ଚୟ ଖାତାଧାରୀମାନେ ସର୍ବନିମ୍ନ ବାଲାନ୍ସ ନିୟମରେ ବନ୍ଧା । ସର୍ବନିମ୍ନ ବାଲାନ୍ସ ନରଖି ପାରିଲେ ବ୍ୟାଙ୍କ ପକ୍ଷରୁ ଖାତାଧାରୀଙ୍କ ଉପରେ ଜୋରିମାନା ଲାଗିଥାଏ । ଏହା ସାଧାରଣତଃ ବ୍ୟାଙ୍କ ଓ ଆକାଉଣ୍ଟ ବର୍ଗୀକରଣ ଉପରେ ନିର୍ଭର କରିଥାଏ । କେଉଁ ବ୍ୟାଙ୍କ ଏଥିପାଇଁ ୩୦୦ ଟଙ୍କା ଆଦାୟ କରେ ତ ଆଉ କେଉଁ ବ୍ୟାଙ୍କ ୧ ହଜାର ଟଙ୍କା ଆଦାୟ କରିଥାଏ । ସର୍ବନିମ୍ନ ବାଲାନ୍ସ ଚାର୍ଜ ୩୦୦ରୁ ୧ ହଜାର ଟଙ୍କା ରହିଥାଏ ।

୨– ଏଟିଏମ୍ ଉଠାଣ: ବ୍ୟାଙ୍କଗୁଡ଼ିକ ସାଧାରଣତଃ ନିଜସ୍ୱ ଏଟିଏମରୁ ଉଠାଣ ପାଇଁ ଅତିରିକ୍ତ ଶୁଳ୍କ ନିଅନ୍ତି ନାହିଁ । କିନ୍ତୁ ନିର୍ଦ୍ଦିଷ୍ଟ ସୀମା ପରେ ବ୍ୟାଙ୍କର ନେଟୱର୍କ ବାହାରେ ଥିବା ଏଟିଏମରୁ ଟଙ୍କା ଉଠାଣ କଲେ ଚାର୍ଜ ଦେବାକୁ ପଡ଼ିଥାଏ । ଏଟିଏମ ଉଠାଣ ଶୁଳ୍କ ଚାର୍ଜର ସୀମା ୨୦ରୁ ୫୦ ଟଙ୍କା ମଧ୍ୟରେ ବ୍ୟାଙ୍କଗୁଡ଼ିକ ରଖିବାକୁ ବାଧ୍ୟ ।

୩– ଚେକ୍ ବାଉନ୍ସ ଫି: ଚେକ୍ ବାଉନ୍ସ ହେଲେ ବ୍ୟାଙ୍କଗୁଡ଼ିକ ଜୋରିମାନା ଲାଗୁ କରନ୍ତି । ଜରିମାନା ରାଶି ୨୫୦ ଟଙ୍କାରୁ ୫୦୦ ଟଙ୍କା ମଧ୍ୟରେ ରହିଥାଏ ।

୪– ଚେକ୍ ବହି ଜାରି କରିବା ଫି: ମାଗଣା ଚେକ ବହି ଜାରି କରିବା ସୀମା ଶେଷ ହେବା ନୂଆ ଚେକ ବହି ଜାରି କରିବା ପାଇଁ ବ୍ୟାଙ୍କ ଶୁଳ୍କ ଆଦାୟ କରିଥାଏ । ୨୫ ପୃଷ୍ଠାର ପତ୍ରର ଚେକ୍ ବହି ପାଇଁ ବ୍ୟାଙ୍କ ପ୍ରାୟ ୧୦୦ ଟଙ୍କା ନେଇଥାଏ ।

୫– ଫଣ୍ଡ ସ୍ଥାନାନ୍ତର ଫି: ୧୦ ହଜାର ଟଙ୍କା ପର୍ଯ୍ୟନ୍ତ ୨.୨୫ ଟଙ୍କା ଓ ୨ ଲକ୍ଷରୁ ଅଧିକ ପାଇଁ ୨୪.୭୫ ଟଙ୍କା ବ୍ୟାଙ୍କଗୁଡ଼ିକ ଶୁଳ୍କ ଆକାରରେ ଆଦାୟ କରନ୍ତି ।

୬– ଋଣ ପ୍ରୋସେସିଂ ଫି' : ବ୍ୟାଙ୍କଗୁଡ଼ିକ ଋଣ ପ୍ରଦାନକୁ ଆଗକୁ ବଢ଼ାଇବା ପାଇଁ ଜଣେ ଗ୍ରାହକଙ୍କ ଠାରୁ ତାଙ୍କ ଋଣ ପରିମାଣ ଅନୁସାରେ ୦.୫ ରୁ ୨% ଶୁଳ୍କ ନିଅନ୍ତି ।

୭– ଆକାଉଣ୍ଟ ରକ୍ଷଣାବେକ୍ଷଣ ପାଇଁ ଶୁଳ୍କ: ନିର୍ଦ୍ଦିଷ୍ଟ ସର୍ତ୍ତ ପୂରଣ କରୁ ନଥିବା କରେଣ୍ଟ ଆକାଉଣ୍ଟଗୁଡ଼ିକ ପାଇଁ ଏହି ଚାର୍ଜ ମାସିକ ନିଆଯାଏ । ଏବାବଦରେ ବାର୍ଷିକ ଶୁଳ୍କ ୫୦୦ରୁ ୧୫୦୦ ଟଙ୍କା ମଧ୍ୟରେ ରହିଥାଏ ।

୮– ଓଭରଡ୍ରାଫ୍ଟ ଶୁଳ୍କ: ଯେଉଁ ଆକାଉଣ୍ଟଗୁଡ଼ିକରେ ଓଭରଡ୍ରାଫ୍ଟ (ନେଗେଟିଭ୍ ବାଲାନ୍ସ) ରହିଛି, ବ୍ୟାଙ୍କଗୁଡ଼ିକ ସେମାନଙ୍କ ଉପରେ ଏହି ଶୁଳ୍କ ଲଗାନ୍ତି । ଏହି ଶୁଳ୍କ ପ୍ରତି ଇଭେଣ୍ଟ ପାଇଁ ଆଦାୟ କରାଯାଏ ଓ ପ୍ରତ୍ୟେକ ଥର ପ୍ରାୟ ୪୦୦ରୁ ୮୦୦ ଟଙ୍କା ପର୍ଯ୍ୟନ୍ତ ଆଦାୟ ହୁଏ ।

୯– ଅତିରିକ୍ତ ସେବା ଶୁଳ୍କ: ବ୍ୟାଙ୍କଗୁଡ଼ିକ ପ୍ରାୟତଃ ଅତିରିକ୍ତ ସେବା ପାଇଁ ଶୁଳ୍କ ଆଦାୟ କରନ୍ତି ଯେପରିକି ବାଲାନ୍ସ ନିଶ୍ଚିତକରଣ ପ୍ରଦାନ କରିବା ପାଇଁ ପ୍ରାୟ ୫୦ରୁ ୧୦୦ ଟଙ୍କା , ଷ୍ଟପ୍ ପେମେଣ୍ଟ ନିର୍ଦ୍ଦେଶାବଳୀ କାର୍ଯ୍ୟକାରୀ କରିବା ପାଇଁ ପ୍ରାୟ ୧୨୦ ଟଙ୍କା ଓ ପାୱାର ଅଫ୍ ଆଟର୍ଣ୍ଣି ମାଧ୍ୟମରେ କାରବାର କରିବା ପାଇଁ ପ୍ରାୟ ୨୫୦ ଟଙ୍କା ଆଦାୟ ହୁଏ ।

୧୦–ଆଇଏମପିଏସ୍ ଶୁଳ୍କ : ଆଇଏମପିଏସ୍ (ତୁରନ୍ତ ପେମେଣ୍ଟ ସେବା) ଭାରତରେ ପାଣ୍ଠି ସ୍ଥାନାନ୍ତର କରିବାର ଏକ ସୁବିଧାଜନକ ଓ ଦ୍ରୁତ ମାଧ୍ୟମ । କିନ୍ତୁ କାରବାର ପାଇଁ ଶୁଳ୍କ ବିଭିନ୍ନ ବ୍ୟାଙ୍କରେ ଭିନ୍ନଭିନ୍ନ ହୋଇଥାଏ । ପ୍ରତ୍ୟେକ ବ୍ୟାଙ୍କ କାରବାରର ପରିମାଣକୁ ଦେଖି ନିଜସ୍ୱ ଫି ନିର୍ଦ୍ଧାରଣ କରନ୍ତି । କିଛି ବ୍ୟାଙ୍କ କମ୍ ପରିମାଣ ପେମେଣ୍ଟ ପାଇଁ କୌଣସି ଫି' ଆଦାୟ କରୁ ନଥିବା ବେଳେ ଆଉ କିଛି ବହୁତ କମ ଶୁଳ୍କ ଆଦାୟ କରନ୍ତି ।

ଅଯଥା ଚାର୍ଜ କେମିତି ଦେବେ ନାହିଁ?

୧– ରକ୍ଷଣାବେକ୍ଷଣ ଶୁଳ୍କକୁ ଏଡ଼ାଇବା ପାଇଁ ସର୍ବଦା ନିଜ ଆକାଉଣ୍ଟରେ ଧାର୍ଯ୍ୟ ସୀମାର ଟଙ୍କା ଜମା କରି ରଖନ୍ତୁ ।

୨– ଉଠାଣ ଶୁଳ୍କ ଦୂର କରିବା ପାଇଁ ଆପଣଙ୍କ ବ୍ୟାଙ୍କ ସହିତ ଜଡ଼ିତ ଆକାଉଣ୍ଟରୁ ଟଙ୍କା ଉଠାନ୍ତୁ ।

୩– ଖର୍ଚ୍ଚ ପରିଚାଳନା କରିବାର ଏକ ଉତ୍ତମ ଉପାୟ ହେଉଛି ନିୟମିତ ସିଧାସଳଖ ଅର୍ଥ ଜମା କରିବାର ସୁବିଧା ଥିବା ଆକାଉଣ୍ଟର ବ୍ୟବହାର କରନ୍ତୁ । କାରଣ କିଛି ବ୍ୟାଙ୍କ ଏହି ଆକାଉଣ୍ଟଗୁଡ଼ିକ ପାଇଁ ଶୁଳ୍କ ଆଦାୟ କରନ୍ତି ନାହିଁ ।

୪– ଅପ୍ରତ୍ୟାଶିତ ଚାର୍ଜ ଉପରେ ନଜର ରଖିବା ଓ ଚାର୍ଜର ଆଧାରକୁ ଜାଣିବା ପାଇଁ ବ୍ୟାଙ୍କ ଷ୍ଟେଟମେଣ୍ଟ ଉପରେ ନଜର ରଖନ୍ତୁ ।

୫– ଫେସ ଟୁ ଫେସ କାରବାର ଓ ପେପର ଷ୍ଟେଟମେଣ୍ଟ ସହିତ ଜଡ଼ିତ ଖର୍ଚ୍ଚକୁ ଦୂରେଇ ରଖିବା ପାଇଁ ଅନଲାଇନ୍ ବ୍ୟାଙ୍କିଂ ଓ ଇ-ଷ୍ଟେଟମେଣ୍ଟର ବ୍ୟବହାର କରନ୍ତୁ ।

୬– ଏଟିଏମ୍ ସହ ଜଡ଼ିତ ଚାର୍ଜରୁ ବର୍ତ୍ତିବା ପାଇଁ ଟଙ୍କା ଉଠାଣ ସମୟରେ ଅଧିକ ପରିମାଣ ନଗଦ ଅର୍ଥ ଉଠାଇ ରଖନ୍ତୁ ।

# ଘୁଞ୍ଚିଲା ବିସିସିଆଇ ବୈଠକ


ନୂଆଦିଲ୍ଲୀ, ୨୯।୩ (ଏଜେନ୍ସି): ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ଼ (ବିସିସିଆଇ)ର ମାର୍ଚ୍ଚ ୩୦ରେ ହେବାକୁ ଥିବା ଗୁରୁତ୍ୱପୂର୍ଣ୍ଣ ବୈଠକକୁ ଘୁଞ୍ଚାଇ ଦିଆଯାଇଛି । ବୈଠକ କେବେ ହେବ ସେ ସମ୍ପର୍କରେ ସୂଚନା ଦିଆଯାଇ ନାହିଁ । ଏହି ବୈଠକରେ ପୁରୁଷ ଖେଳାଳିଙ୍କ କେନ୍ଦ୍ରୀୟ ଚୁକ୍ତି ଘୋଷଣା ହୋଇଥାନ୍ତା । ଏହାବ୍ୟତୀତ ଇଂଲଣ୍ଡ ଗସ୍ତ ପାଇଁ ଆବଶ୍ୟକ ପ୍ରସ୍ତୁତି ନେଇ ଆଲୋଚନା ହୋଇଥାନ୍ତା । ରୋହିତ ଶର୍ମା, ବିରାଟ କୋହଲି, ରବୀନ୍ଦ୍ର ଜାଡେଜା ଓ ଯଶପ୍ରିତ ବୁମ୍ରା ଏ'ପ୍ଲସ୍ ବର୍ଗରେ ରହିବେ ବୋଲି ରିପୋର୍ଟ ପ୍ରକାଶ ପାଇଛି ।

ବୁମ୍ରାଙ୍କ ବ୍ୟତୀତ ଅନ୍ୟମାନେ ଟି-୨୦ରୁ ଅବସର ନେଇସାରିଛନ୍ତି । ବୋର୍ଡ଼ର କେତେକ ସଦସ୍ୟ ଏଥିରେ ସହମତ ନଥିବା ଜଣାପଡ଼ିଛି । ଶ୍ରେୟାସ ଆୟର ଓ ବରୁଣ ଚକ୍ରବର୍ତ୍ତୀଙ୍କୁ କେନ୍ଦ୍ରୀୟ ଚୁକ୍ତିରେ ସାମିଲ କରାଯାଇପାରେ । ଗତବର୍ଷ ଶ୍ରେୟାସଙ୍କୁ କେନ୍ଦ୍ରୀୟ ଚୁକ୍ତିରୁ ବାଦ୍ ଦିଆଯାଇଥିଲା । ସେ ଘରୋଇ କ୍ରିକେଟ ଓ ଚାମ୍ପିଅନ୍ସ ଟ୍ରଫିରେ ଭଲ ପ୍ରଦର୍ଶନ କରିଥିବାରୁ ତାଙ୍କୁ ବିସିସିଆଇ ପୁଣି କେନ୍ଦ୍ରୀୟ ଚୁକ୍ତି ପରିସରଭୁକ୍ତ କରିବ । ଇଣ୍ଡିଆ ଟୁଡେ'ରେ ଖବର ପ୍ରକାଶ ପାଇଥିଲା ଯେ ରୋହିତ ଆଗାମୀ ଇଂଲଣ୍ଡ ଗସ୍ତରେ ଯିବାପାଇଁ ଚାହୁଁ ନାହାନ୍ତି । ଏ ସମ୍ପର୍କରେ ମଧ୍ୟ ବୋର୍ଡ଼କୁ ନିଷ୍ପତ୍ତି ନେବାକୁ ପଡ଼ିବ ।

## ଇଣ୍ଡିଆନ ଗ୍ରାଣ୍ଡପ୍ରିକ୍ସ

# ପ୍ରଜ୍ଞା ପ୍ରଶାନ୍ତିଙ୍କୁ ରୌପ୍ୟ

ନୂଆଦିଲ୍ଲୀ, ୨୯।୩ (ଏଜେନ୍ସି): ବେଙ୍ଗାଲୁରୁରେ ଆୟୋଜିତ ଇଣ୍ଡିଆନ ଗ୍ରାଣ୍ଡପ୍ରିକ୍ସ-୧ରେ ଓଡ଼ିଆ ଝିଅ ପ୍ରଜ୍ଞା ପ୍ରଶାନ୍ତି ସାହୁ ରୌପ୍ୟ ପଦକ ଜିତି ଗୌରବ ଆଣିଛନ୍ତି । ମହିଳା ୧୦୦ ମିଟର ହର୍ଡଲ୍ସ ଫାଇନାଲ୍‌ରେ ପ୍ରଜ୍ଞା ୧୩.୪୪ ସେକେଣ୍ଡରେ ଦୌଡ଼ ସମ୍ପୂର୍ଣ୍ଣ କରି ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ । ତାଙ୍କ ରିଲାଏନ୍ସ ଏଚ୍‌ପିସି ସାଥୀ ଜ୍ୟୋତି ଆରାଜି ସ୍ୱର୍ଣ୍ଣ ଜିତିଥିବାବେଳେ ତାମିଲନାଡୁର କେ. ନନ୍ଦିନୀ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି । ପୁରୁଷ ୨୦୦ ମିଟର ଦୌଡ଼ରେ ଓଡ଼ିଶାର ଲାଲ୍ ପ୍ରସାଦ ଭୋଇ ବ୍ରୋଞ୍ଜ ପଦକ ଜିତିଥିବା ବେଳେ ତାଙ୍କ ରିଲାଏନ୍ସ ଏଚ୍‌ପିସି ସାଥୀ ଖେଳାଳି ଅମ୍ଳାନ ଓ ମଣିକାନ୍ତ ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ହାସଲ କରିଥିଲେ ।



ପଞ୍ଜାବର ଗୁରିନ୍ଦର ବୀର ସିଂ ଦେଶର ଦ୍ରୁତତମ ଧାବକ ହୋଇଛନ୍ତି । ରିଲାଏନ୍ସରୁ ପ୍ରତିନିଧିତ୍ୱ କରିଥିବା ଏହି ଧାବକ ମଣିକାନ୍ତ ହୋବଳିଧରଙ୍କ ରେକର୍ଡ଼ ଭାଙ୍ଗିଥିଲେ । ମଣିକାନ୍ତ ୨୦୨୩ ଅକ୍ଟୋବରରେ ୧୦.୨୩ ସେକେଣ୍ଡରେ ଅତିକ୍ରମ କରି ପ୍ରଥମ ସ୍ଥାନ ଅଧିକାର କରିଥିଲେ । ପୂର୍ବରୁ ଗୁରିନ୍ଦର ବୀରଙ୍କ ଟାଇମିଂ ୧୦.୨୭ ସେକେଣ୍ଡ ଥିଲା । ୨୦୧୧ରେ ୬୩ତମ ଆନ୍ତଃରାଜ୍ୟ ଦୌଡ଼କୁଦରେ ସେ ଏହି ଟାଇମିଂ ରେକର୍ଡ଼ କରିଥିଲେ ।

**ଆଇପିଏଲ୍ ମହାସମର**

# ମୁମ୍ବାଇର ପିଛା ଛାଡୁନି ପରାଜୟ

ଅହମ୍ମଦାବାଦ, ୨୯।୩ (ଏଜେନ୍ସି): ଆଇପିଏଲ୍‌ର ନବମ ମ୍ୟାଚ୍‌ରେ ୫ଥର ଟାଇଟଲ ବିଜେତା ମୁମ୍ବାଇ ଇଣ୍ଡିଆନ୍ସ ଝୁଣ୍ଟିଛି । କ୍ରମାଗତ ଦୁଇଟି ମ୍ୟାଚ୍ ହାରିଛି ମୁମ୍ବାଇ ଇଣ୍ଡିଆନ୍ସ । ଅହମ୍ମଦାବାଦର ନରେନ୍ଦ୍ର ମୋଦି ଇଣ୍ଟରନ୍ୟାସନାଲ ଷ୍ଟାଡିୟମରେ ମୁମ୍ବାଇ ଘରୋଇ ଗୁଜରାଟ ଟାଇଟନ୍ସ ନିକଟରୁ ୩୬ ରନରେ ପରାଜିତ ହୋଇଛି । ଏହା ଗୁଜରାଟର ପ୍ରଥମ ବିଜୟ ହୋଇଥିବାବେଳେ ମୁମ୍ବାଇର ଦ୍ୱିତୀୟ ପରାଜୟ । ଏହି ମ୍ୟାଚ୍‌ରେ ଗୁଜରାଟ ୨୦ ଓଭରରେ ୮ ୱିକେଟ ହରାଇ ୧୯୬ ରନ କରିଥିଲା । ଜବାବରେ ମୁମ୍ବାଇ ଇଣ୍ଡିଆନ୍ସ ୨୦ ଓଭରରେ ୧୬୦/୬ ରନ କରିବାକୁ ସକ୍ଷମ ହୋଇଥିଲା । ଚଳିତ ଆଇପିଏଲ୍‌ରେ ଏହା ଗୁଜରାଟ ଟାଇଟନ୍ସର ପ୍ରଥମ ବିଜୟ ହୋଇଥିବାବେଳେ ମୁମ୍ବାଇ ଇଣ୍ଡିଆନ୍ସ କ୍ରମାଗତ ପରାଜୟ ବରଣ କରିଛି ।



ମୁମ୍ବାଇ ଇଣ୍ଡିଆନ୍ସ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ଟସ୍ ଜିତି ଗୁଜରାଟ ଟାଇଟନ୍ସକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲେ । ପ୍ରଥମରୁ ହିଁ ହାର୍ଦ୍ଦିକଙ୍କ ଏହା ଭୁଲ ନିଷ୍ପତ୍ତି ଥିଲା । ଗୁଜରାଟ ଟାଇଟନ୍ସର ସାଇ ସୁଦର୍ଶନ ଓ ଶୁଭମନ ଗିଲଙ୍କ ମଧ୍ୟରେ ପ୍ରଥମ ୱିକେଟ ପାଇଁ ୭୮ ରନର ପାର୍ଟନରସିପ୍ ହୋଇଥିଲା । ପ୍ରଥମ ୱିକେଟ ଭାବେ ଅଧିନାୟକ ଗିଲ ୨୭ ବଲ୍‌ରୁ ୩୮ ରନ କରି ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଶିକାର ହୋଇଥିଲେ । ଏହାସତ୍ତ୍ୱେ ଗୁଜରାଟର ରନ୍ ସଂଗ୍ରହ ହାର ଥମି ନଥିଲା । ସାଇ ସୁଦର୍ଶନ ଭଲ ଲୟରେ ଥିଲେ । ସେ ୪୧ ବଲର ସମ୍ମୁଖୀନ ହୋଇ ୪ଟି ଚୌକା ଓ ୨ଟି ଛକା ସହାୟତାରେ ୬୩ ରନ କରିଥିଲେ । ମଧ୍ୟମ କ୍ରମରେ ଜୋସ୍ ବଟଲର ୨୪ ବଲରୁ ୩୯, ଶାହରୁଖ ଖାନ ୭ ବଲ୍‌ରୁ ୯, ସେର୍‌ଫାନେ ରଦରଫୋର୍ଡ଼ ୧୧ ବଲରୁ ୧୮ ରନ, ରସିଦ ଖାନ୍ ଗୋଟିଏ ଛକା ସହ ୪ ବଲରୁ ୬ ରନ ଏବଂ କାଗିସୋ ରବାଡ଼ା ୫ ବଲ୍‌ରୁ ୭ ରନ ସଂଗ୍ରହ କରିଥିଲେ । ତେଣୁ ଗୁଜରାଟ ୨୦ ଓଭରରେ ୮ ୱିକେଟ ହରାଇ ୧୯୬ ରନ କରିଥିଲା । ବୋଲିଂରେ ମୁମ୍ବାଇର ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ସର୍ବାଧିକ ୨ ୱିକେଟ ସଫଳତା ମିଳିଥିଲା । ତାଙ୍କ ବ୍ୟତୀତ ଟ୍ରେଣ୍ଟ ବୋଲ୍ଟ, ଦୀପକ ଚହର, ମୁଜୀବ ଉର ରହମାନ ଏବଂ ସତ୍ୟନାରାୟଣନ ରାଜୁ ଗୋଟିଏ କରି ୱିକେଟ ୱିକେଟ ସଫଳତା ହାସଲ କରିଥିଲେ । ବଡ଼ ସ୍କୋର ଯୋଗୁ ଭଲ ରୋମାଞ୍ଚ ହେବ ବୋଲି ଆଶା କରାଯାଉଥିଲା । କିନ୍ତୁ ମୁମ୍ବାଇ ଇଣ୍ଡିଆନ୍ସ ଆରମ୍ଭରୁ ଝୁଣ୍ଟିବା ଏବଂ ଦଳୀୟ ଖେଳାଳି ବିଜୟ ପାଇଁ ଖେଳୁ ନଥିବାଭଳି ପ୍ରତୀୟମାନ ହୋଇଥିଲା । ରୋହିତ ଶର୍ମା ୪ ବଲରୁ ୮ ଓ ରିଆନ ରିକେଲଟନ୍ ୯ ବଲ୍‌ରୁ ୬ ରନ କରି ଆଉଟ୍ ହେବାପରେ ମୁମ୍ବାଇ ୩୫ ରନରେ ଦୁଇ ୱିକେଟ ହରାଇଥିଲା । ଅବଶ୍ୟ ମଧ୍ୟମକ୍ରମରେ ତିଲକ ବର୍ମା ୩୬ ବଲରୁ ୩୯ ଓ ସୂର୍ଯ୍ୟକୁମାର ଯାଦବ ୨୮ ବଲ୍‌ରୁ ୪୮ ରନ ସଂଗ୍ରହ କରିବାରୁ ସ୍ଥିତି ସୁଧୁରିଥିଲା । କିନ୍ତୁ ଏହି ଦୁଇ ୱିକେଟ ପତନ ପରେ ରବିନ ମିଞ୍ଜ ୩ ଓ ହାର୍ଦ୍ଦିକ ପାଣ୍ଡ୍ୟା ୧୭ ବଲରୁ ୧୧ ରନ କରିବା ଦଳ ପାଇଁ ବେଶ୍ ମହଙ୍ଗା ସାବ୍ୟସ୍ତ ହୋଇଥିଲା । ଏହାପରେ ନମନ ଧୀର ୧୧ ବଲରୁ ୧୮ ଓ ମିଚେଲ ସାଣ୍ଟନର ୮ ବଲରୁ ୧୮ ରନ କରି ପରାଜୟ ବ୍ୟବଧାନକୁ କମାଇଥିଲେ । ମୁମ୍ବାଇ ୨୦ ଓଭରରେ ୬ ୱିକେଟ ହରାଇ ୧୬୦ ରନ କରିବାକୁ ସକ୍ଷମ ହୋଇଥିଲା । ବୋଲିଂରେ ଗୁଜରାଟର ମହମ୍ମଦ ସିରାଜ ଓ ପ୍ରସିଦ୍ଧ କ୍ରିଷ୍ଣା ୪ ଓଭର ଲେଖାଏଁ କୋଟା ପୂରଣ କରି ୨ଟି ଲେଖାଏ ୱିକେଟ ସଫଳତା ହାସଲ କରିଥିଲେ । ଏମାନଙ୍କ ବ୍ୟତୀତ କାଗିସୋ ରବାଡ଼ା ଓ ସାଇ କିଶୋରଙ୍କୁ ଗୋଟିଏ କରି ୱିକେଟ ସଫଳତା ମିଳିଥିଲା ।



### ଆଜିର ମ୍ୟାଚ

| ଦିଲ୍ଲୀ-ହାଇଦ୍ରାବାଦ | ରାଜସ୍ଥାନ- ଚେନ୍ନାଇ |
|---|---|
| ସମୟ: ଅପରାହ୍ନ ୩.୩୦ | ସମୟ: ରାତି ୭.୩୦ |
| ସ୍ଥାନ: ବିଶାଖାପଟନମ | ସ୍ଥାନ: ଗୌହାଟୀ |

ପ୍ରସାରଣ: ଷ୍ଟାରନେଟୱାର୍କ, ଜିଓ ସିନେମା

# ୧୭ ବର୍ଷ ପରେ ଚେନ୍ନାଇ ଗଡ଼ ଜିତିଲା ଆରସିବି

ନୂଆଦିଲ୍ଲୀ, ୨୯।୩ (ଏଜେନ୍ସି): ୧୭ ବର୍ଷ ପରୀକ୍ଷାର ଅନ୍ତ ଘଟିଛି । ଆଇପିଏଲ୍‌ର ସବୁଠାରୁ ସଫଳ ଦଳ ଚେନ୍ନାଇ ସୁପରକିଙ୍ଗ୍ସକୁ ତା'ରି ଗଡ଼ରେ ମାତ୍ ଦେଇଛି ବେଙ୍ଗାଲୁରୁ । ୨୦୦୮ ପରଠାରୁ ଆରସିବି କେବେହେଲେ ବି ଚିପକ୍‌ରେ ଚେନ୍ନାଇକୁ ହରାଇପାରି ନଥିଲା । ୨୦୦୮ ଅର୍ଥାତ ଆଇପିଏଲ୍‌ର ପ୍ରଥମ ସଂସ୍କରଣରେ ରାହୁଲ ଦ୍ରାବିଡଙ୍କ ଆରସିବି ୧୨୬ ରନ୍‌କୁ ପିଛା କରୁଥିବାବେଳେ ଚିପକରେ ଚେନ୍ନାଇକୁ ୧୪ ରନରେ ହରାଇଥିଲା । ସେବେଠାରୁ ଚିପକ୍‌ରେ ଆରସିବି ଯେତେଥର ମ୍ୟାଚ୍ ଖେଳିଥିଲା, ସବୁଥର ହାରିଥିଲା । ଦୁଇଟି ବିଜୟ ମଧ୍ୟରେ ଦଳକୁ ୮ ଥର ଚିପକ୍‌ରେ ସିଏସ୍‌କେ ଠାରୁ ହାରିବାକୁ ପଡ଼ିଥିଲା । ୨୦୨୫ରେ ରଜତ ପଟ୍ଟିଦାରଙ୍କ ଆର୍‌ସିବି ଇତିହାସ ବଦଳାଇ ଦେଇଛି । ଚିପକ୍‌ରେ ଚେନ୍ନାଇକୁ ୫୦ ରନ୍‌ରେ ହରାଇ ଚଳିତ ସଂସ୍କରଣରେ କ୍ରମାଗତ ବିଜୟ ହାସଲ କରିଥିଲା । ଚିପକ୍‌ରେ ଚେନ୍ନାଇ ବ୍ୟତୀତ ଆଉ ୪ଟି ଦଳ ସହ ମ୍ୟାଚ୍ ଖେଳିଥିଲା ବେଙ୍ଗାଲୁରୁ । ଏହିସବୁ ମ୍ୟାଚରେ ଦଳ ଜିତିବାକୁ ସକ୍ଷମ ହୋଇଥିଲା ।

ଏଥର କପ ହାତେଇବା ଲକ୍ଷ୍ୟରେ ଆର୍‌ସିବି ସେ ଦିଗରେ ଆଉ ଗୋଟିଏ ପାଦ ଆଗେଇଛି । ୨୦୦୮ରୁ ଦଳ ଆଇପିଏଲ୍ ଖେଳୁଥିଲେ ହେଁ ଏଯାଏଁ ଗୋଟିଏ ଥର ବି କପ ଜିତିପାରି ନାହିଁ । ହେଲେ ଆଇପିଏଲ୍‌ର ୧୮ତମ ସଂସ୍କରଣ ଦଳ ଦମ୍‌ଦାର ଢଙ୍ଗରେ ଆରମ୍ଭ କରିଛି । ପ୍ରଥମ ଦୁଇଟି ମୁକାବିଲାକୁ ଜିତି ଦଳ ଟେବୁଲର ଶୀର୍ଷରେ ରହିଛି ।



ଚେନ୍ନାଇ ଚଳିତ ଆଇପିଏଲର ପ୍ରଥମ ମ୍ୟାଚ୍‌ରେ ମୁମ୍ବାଇକୁ ବେଶ୍ ସହଜରେ ହରାଇଥିଲା । କିନ୍ତୁ ଆର୍‌ସିବି ବିପକ୍ଷରେ ଦଳର ବୋଲିଂ ଓ ବ୍ୟାଟିଂ ଦୁର୍ବଳତା ପଦାରେ ପଡ଼ି ମଧ୍ୟମକ୍ରମଠୁ ଆରମ୍ଭ କରି ଟପ୍ ଅଡର୍ ପର୍ଯ୍ୟନ୍ତ କେହି ବି ବ୍ୟାଟର ଦଳକୁ ବିଜୟ ଆଡ଼େ ନେବାକୁ ଯେମିତି ଚେଷ୍ଟା କରିନଥିଲେ । ବିଜୟଲକ୍ଷ୍ୟ ୧୯୭ ରନ ଥିବାବେଳେ ଆରମ୍ଭରୁ ଦଳକୁ ଡବଲ୍ ଝଟ୍‌କା ଲାଗିଥିଲା । ରାହୁଲ ତ୍ରିପାଠୀ ୪ ରନ ଓ ଅଧିନାୟକ ଋତୁରାଜ ଗାଏକ୍ୱାଡ୍ ଖାତା ଖୋଲିବା ପୂର୍ବରୁ ଆଉଟ୍ ହୋଇଥିଲେ । ରଚିନ ରବୀନ୍ଦ୍ର ଦୀର୍ଘ ସମୟ ଧରି ବ୍ୟାଟିଂ କରିଥିଲେ ହେଁ ବଡ଼ ସଟ୍ ଖେଳିବାକୁ ଚେଷ୍ଟା କରିନଥିଲେ । ତେଣୁ ଦଳର ରନ୍ ଚାପ ବଢ଼ିଥିଲା । ଦୀପକ୍ ହୁଡା ଓ ସାମ କୁରନ ମଧ୍ୟ ବଡ଼ ସ୍କୋର କରିବାରେ ବିଫଳ ହୋଇଥିଲେ । ଶିବମ୍ ଦୁବେ ଭଲ ଆରମ୍ଭ କରିଥିଲେ ମଧ୍ୟ ସେତେବେଳକୁ ଆବଶ୍ୟକ ରନ୍‌ରେଟ୍ ୨୦ ଟପିଯାଇଥିଲା । ରବୀନ୍ଦ୍ର ଜାଡେଜା ୭ ନମ୍ବରରେ ଓ ଅଶ୍ୱୀନ ୮ ନମ୍ବରରେ ବ୍ୟାଟିଂ କରିବାକୁ ଆସିଥିଲେ । ଏମାନଙ୍କ ପରେ ଧୋନୀ ପଡ଼ିଆକୁ ଆସିବା ସମସ୍ତଙ୍କୁ ଚକିତ କରିଛି । ମୁମ୍ବାଇ ଇଣ୍ଡିଆନ ବିପକ୍ଷରେ ଦମ୍ ଦେଖାଇଥିବା ଚେନ୍ନାଇର ହଠାତ ଏମିତି କ'ଣ ହେଲା ? ଚିପକ୍‌ର ପିଚ୍‌କୁ ଘରୋଇ ସିଏସ୍‌କେ ବୁଝିବାରେ ବିଫଳ ହେଲା କି ? ଚିପକ୍ ପିଚ୍ ସ୍ପିନରଙ୍କୁ ସୁହାଇଥାଏ । ଏକଥା ନୁର ଅହମ୍ମଦ ପ୍ରମାଣ କରି ୩ ୱିକେଟ ନେବାକୁ ସକ୍ଷମ ହେଲେ । ଅଶ୍ୱୀନ ଓ ଜାଡେଜା ୧୧ରୁ ଅଧିକ ହାରରେ ରନ୍ ଦେଇଥିଲେ । ଚେନ୍ନାଇର ପିଚ୍‌ରେ ଆର୍‌ସିବିର ଆକ୍ରମଣାତ୍ମକ ଆଭିମୁଖ୍ୟ ଘରୋଇ ଦଳକୁ ଅଡୁଆରେ ପକାଇଥିଲା । ଘରୋଇ ଦଳ ଭଲଭାବେ ଜାଣିଥିଲା ଯେ ଚିପକ୍‌ରେ ବଡ଼ ସଟ୍ ଖେଳିବା ଏତେ ସହଜ ନୁହେଁ । ତଥାପି ଆର୍‌ସବି ବ୍ୟାଟର ଦମ୍‌ଦାର ପ୍ରଦର୍ଶନ କରିଥିଲେ । ପ୍ରଥମ ଇନିଂସରେ ସିଏସ୍‌କେ ଅଧା ମ୍ୟାଚ୍ ହାରିସାରିଥିଲା ।

ଶୁକ୍ରବାର ମ୍ୟାଚ୍‌ରେ କୋହଲି ଆରମ୍ଭରୁ ରନ୍ କରିବାକୁ ସଂଘର୍ଷ କରିଥିଲେ । କିନ୍ତୁ ଫିଲ୍ ସଲ୍ଟ ପ୍ରଥମରୁ ବଡ଼ ସଟ୍ ଖେଳିଥିଲେ । ଆର୍‌ସିବିକୁ ଭାଗ୍ୟ ମଧ୍ୟ ସହାୟକ ହୋଇଥିଲା । ଚେନ୍ନାଇର ଖରାପ ଫିଲ୍ଡିଂ ତଥା ବେଙ୍ଗାଲୁରୁ ବ୍ୟାଟରଙ୍କୁ ଏକାଧିକ ଜୀବନଦାନ ଯୋଗୁ ଦଳ ୧୯୬ ରନ୍‌ରେ ପହଞ୍ଚି ଯାଇଥିଲା । ସବୁ ଖେଳାଳି ଏକମନ ହୋଇ ଖେଳିଛନ୍ତି । ସମସ୍ତଙ୍କୁ ନିଜ ନିଜର ଦାୟିତ୍ୱ ସମ୍ପର୍କରେ ଜଣାଅଛି । ସେମାନେ ସେହି ଅନୁସାରେ ଯୋଗଦାନ କରିଛନ୍ତି । ଏହାର ସବୁ ଶ୍ରେୟ ଟିମ୍‌ର ନେତୃବୃନ୍ଦଙ୍କ ପାଖକୁ ଯିବ । ଅଧିନାୟକ ରଜତ ପଟ୍ଟିଦାର ୫୧ ରନ୍‌ର ଇନିଂସ୍ ଖେଳିବା ପରେ ତାଙ୍କ ଅଧିନାୟକତ୍ୱର ପରିପକ୍ୱତା ଆସିଯାଇଛି । ଆର୍‌ସିବିର ଆଟାକିଂ କ୍ରିକେଟ ଖେଳିଥିବାବେଳେ ଚେନ୍ନାଇ ବେଶ୍ ଧିମା ଖେଳିଥିଲା । ଏଥିଯୋଗୁ ଦଳକୁ ୫୦ ରନ୍‌ରେ ହାରିବାକୁ ପଡ଼ିଥିଲା ।

# ଧୋନୀଙ୍କୁ କଟାକ୍ଷ କଲେ ବୀରୁ

ଚିପକ, ୨୯।୩ (ଏଜେନ୍ସି): ଚଳିତ ଆଇପିଏଲ୍‌ରେ ମହେନ୍ଦ୍ର ସିଂ ଧୋନୀଙ୍କ ବ୍ୟାଟିଂ ଅର୍ଡର ନେଇ ପୂର୍ବତନ କ୍ରିକେଟର ଓ ପ୍ରଶଂସକମାନେ ନୈରାଶ୍ୟ ବ୍ୟକ୍ତ କରିଛନ୍ତି । ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ବିପକ୍ଷ ମ୍ୟାଚ୍‌ରେ ଚେନ୍ନାଇ ସୁପରକିଙ୍ଗସର ଷ୍ଟାର ବ୍ୟାଟର ମହେନ୍ଦ୍ର ସିଂ ଧୋନୀ ନବମ ସ୍ଥାନରେ ବ୍ୟାଟିଂ କରିବାକୁ ଆସିଥିଲେ । ଏପରିକି ଦଳର ଖରାପ ପ୍ରଦର୍ଶନ ସତ୍ତ୍ୱେ ଧୋନୀଙ୍କ ଆଗରୁ ଅଶ୍ୱୀନ ବ୍ୟାଟିଂ କରିବାକୁ ଆସିଥିଲେ । ପ୍ରସଂଶକ ସୋସିଆଲ୍ ମିଡିଆରେ ଏହାକୁ ଟ୍ରୋଲ୍ କରିଛନ୍ତି । ଧୋନୀ ୧୬ ବଲ୍‌ରେ ୩୦ ରନ କରିଥିଲେ ମଧ୍ୟ ତାହା ମୂଲ୍ୟହୀନ ଥିଲା । ସେ ସମୟରେ ଚେନ୍ନାଇ ହାତରୁ ମ୍ୟାଚ୍ ଖସିଯିବା ସହ କେବଳ ଔପଚାରିତା ବାକି ଥିଲା । ପୂର୍ବତନ ବିସ୍ଫୋରକ ବ୍ୟାଟର ବୀରେନ୍ଦ୍ର ଶେହ୍ୱାଗ ସମାଲୋଚନା କରି କହିଛନ୍ତି, ଧୋନୀ ଏଥର ବହୁତ ଶୀଘ୍ର ବ୍ୟାଟିଂ କରିବାକୁ ଆସିଲେ । ସେ ପ୍ରାୟତଃ ୧୯ କିମ୍ବା ୨୦ ଓଭରରେ ବ୍ୟାଟିଂ କରିବାକୁ ଆସନ୍ତି । ଏଥର ସେ ୧୬ ଓଭରରେ ବ୍ୟାଟିଂ କରିବାକୁ ଆସିଛନ୍ତି । ବୋଧହୁଏ ତାଙ୍କ ଦଳର ବ୍ୟାଟରମାନେ ଶୀଘ୍ର ୱିକେଟ୍ ହରାଇଦେଲେ । ଇରଫାନ ପଠାନ ମଧ୍ୟ ଖୋଲାଖୋଲି ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ଧୋନୀଙ୍କୁ ୯ ନମ୍ବର ସ୍ଥାନରେ ମୁଁ କେବେହେଲେ ବ୍ୟାଟିଂ କରିବା ସମର୍ଥନରେ ରହିବି ନାହିଁ । ଏହାଦ୍ୱାରା ଦଳର କ୍ଷତି ହେବ । ଜଣେ ପ୍ରଶଂସକ ସୋସିଆଲ ମିଡିଆରେ ଲେଖିଛନ୍ତି, ଧୋନୀଙ୍କ ଆଣ୍ଠୁ ଠିକ୍ ଅଛି ତ? ସେ ଜୋର୍ ଜବରଦସ୍ତ ଖେଳୁନାହାନ୍ତି ତ? ସେହିପରି ଅନ୍ୟଜଣେ ବ୍ୟକ୍ତି ଲେଖିଛନ୍ତି, ଉପସ୍ଥିତି ଯଥେଷ୍ଟ । ସେ ଗୋଟେ ଷ୍ଟମ୍ପିଂ କରିଛନ୍ତି । ଏହା କ'ଣ ସୋସିଆଲ୍ ମିଡିଆରେ ଘୂରିବୁଲିବନି ? ବ୍ୟାଟିଂ ଅର୍ଡ଼ର ନେଇ ଧୋନୀ କୌଣସି ପ୍ରତିକ୍ରିୟା ରଖିନାହାନ୍ତି ।

# ଏଲିଟ କ୍ୟାମ୍ପରେ ଯୋଗଦେବେ ଓଡ଼ିଶାର ୪ ଖେଳାଳି

ଭୁବନେଶ୍ୱର, ୨୯।୩ (ସବ୍ୟୁ): ଓଡ଼ିଶାର ୪ ଜଣ ଯୁବ ଖେଳାଳି ଜାତୀୟ କ୍ରିକେଟ ଏକାଡେମୀର ୧୬ ବର୍ଷରୁ କମ୍ ଏଲିଟ ଶିବିର ପାଇଁ ଚୟନ ହୋଇଛନ୍ତି । ୨୦୨୪-୨୫ ବିଜୟମଚ୍ୟାଣ୍ଟ ଟ୍ରଫିରେ ଭଲ ପ୍ରଦର୍ଶନ କରିଥିବାରୁ ସେମାନଙ୍କୁ ଚୟନ କରାଯାଇଛି ବୋଲି ଓଡ଼ିଶା କ୍ରିକେଟ ଆସୋସିଏସନ୍ ପକ୍ଷରୁ ସ୍ପଷ୍ଟ କରାଯାଇଛି । ଏହି ୪ ଜଣ ଖେଳାଳି ହେଲେ ମହେଶ ସାହୁ, ପଙ୍କଜ ମୁଖିତ, ସ୍ୱାଗତ ସୌରଭ ମିଶ୍ର ଓ ରାଜ୍ ଯାଦବ, ମହେଶ ସାଲେମରେ ହେବାକୁ ଥିବା ଦଳ ଏ' ଶିବିରରେ ଯୋଗଦେବେ । ସେହିଭଳି ପଙ୍କଜ ଟିମ୍ ବି' ଜୟପୁରରେ ଏବଂ ସ୍ୱାଗତ ଓ ରାଜ ଟିମ୍ ଡି'ର ହେବାକୁ ଥିବା ପୁନେ କ୍ୟାମ୍ପରେ ଯୋଗଦେବେ । ଏପ୍ରିଲ ୧୮ରୁ ମେ ୧୪ ପର୍ଯ୍ୟନ୍ତ ଏହି ପ୍ରଶିକ୍ଷଣ ଶିବିର ଆୟୋଜିତ ହେବ । ଏହି ପ୍ରଶିକ୍ଷଣ ମାଧ୍ୟମରେ ଖେଳାଳିମାନେ ଅନ୍ତର୍ଜାତୀୟ ସ୍ତରର ପ୍ରତିଯୋଗିତା ପାଇଁ ନିଜକୁ ପ୍ରସ୍ତୁତ କରିପାରିବେ ।

# ବିଭୁତି ଭୂଷଣ ସ୍ମାରକୀ କ୍ରିକେଟ : ବାଲେଶ୍ୱର ଚାମ୍ପିଅନ



ଖଇରା, ୨୯।୩ (ସବ୍ୟୁ) : ମା ବାସୁଳୀ ୟୁଥ କ୍ଲବ ଆନୁକୂଲ୍ୟରେ ଖଇରା ବ୍ଲକ ନୟାଖଣ୍ଡି ଗ୍ରାମପଞ୍ଚାୟତ ଅଧୀନ କଡମିଆଁ ଖେଳ ପଡିଆରେ ବିଭୁତି ଭୂଷଣ ସ୍ମାରକୀ ରାତ୍ରୀ କାଳିନ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଶୁକ୍ରବାର ଆୟୋଜିତ ହୋଇ ଯାଇଛି । ଖଇରା ଥାନା ଆଇଆଇସି ସୁଚନ୍ଦ୍ର ମହାଳିକ ଓ ଶିକ୍ଷୟତ୍ରୀ ତଥା ସ୍ୱର୍ଗତ ନାୟକଙ୍କ ପତ୍ନୀ ଜୟନ୍ତୀଲତା ଜେନା ପ୍ରମୁଖ ଅତିଥିଭାବେ ଯୋଗ ଦେଇ ଖେଳର ଉଦ୍ଘାଟନ କରିଥିଲେ ।

୬ ଓଭର ବିଶିଷ୍ଟ ଖେଳରେ ମୋଟ ୮ଟି ଟିମ ଅଂଶ ଗ୍ରହଣ କରିଥିବା ବେଳେ ଚାମ୍ପିୟନ ବାଲେଶ୍ୱର ଏବଂ ରନର୍ସଅପ ଅଘିରାପଦା ଟିମ୍‌କୁ ପୁରସ୍କୃତ କରାଯାଇଥିଲା । ପ୍ରିତମ ନାୟକ ତଥା ମା ବାସୁଳି କ୍ଲବ ର ସମସ୍ତ ସଦସ୍ୟ ଖେଳ ପରିଚାଳନାରେ ସହଯୋଗ କରିଥିଲେ । ବିଶିଷ୍ଟ କ୍ରୀଡାବିତ ତଥା ଖଇରା ମହାବିଦ୍ୟାଳୟ ପ୍ରାକ୍ତନ ମୁଖ୍ୟକିରାଣୀ ବିଭୁତି ଭୂଷଣ ନାୟକଙ୍କ ସ୍ମୃତିରେ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜନ କରାଯାଇଥିଲା ।

# ଚତର କ୍ରିକେଟ ଆସୋସିଏସନ ପକ୍ଷରୁ ଏକ ଦିବସୀୟ କ୍ରିକେଟ ଖେଳ ଉଦ୍‌ଘାଟିତ

ନୀଳଗିରି, ୨୯।୩ (ସବ୍ୟୁ): ନୀଳଗିରି ବ୍ଲକ ସିଆଡ଼ିମାଳ ପଞ୍ଚାୟତ ଚତର ଖେଳ ପଡ଼ିଆରେ ଏକ ଦିବସୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ଏଥିରେ ୮ ଟିମ ଅଂଶ ଗ୍ରହଣ କରିଥିଲେ । ଫାଇନାଲ ମ୍ୟାଚ ରେ କପ୍ତିପଦା ବ୍ଲାକ ଟାଇଗର ବିଜୟ ହୋଇଥିଲା ଏଥିରେ ମୁଖ୍ୟଅତିଥି ଭାବେ ନୀଳଗିରି ପୂର୍ବତନ ବିଧାୟକ ଇଂ ସୁକାନ୍ତ କୁମାର ନାୟକ, ନୀଳଗିରି ବ୍ଲକ ଅଧକ୍ଷା ଶୁଭଲକ୍ଷ୍ମୀ ମାଝି , ପୂର୍ବତନ ଏସଏସଡି ଚେୟାରମେନ ମଦନ ମାଝି, ବିଜେଡ଼ି ନେତା ଗଙ୍ଗାଧର ମିଶ୍ର, ସ୍ଥାନୀୟ ସରପଞ୍ଚ ସୁରଥ ସିଂ, ସମିତି ସଭ୍ୟ ରାଜୀବ ଦାସବାବୁ ମଞ୍ଚସିନା ଥାଇ ଖେଳାଳୀ ମାନଙ୍କୁ ଉତ୍ସାହିତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଗଣେଶ୍ୱର ବିଶ୍ୱାଳ, ପ୍ରଭାକର ପରମାଣିକ, ଅକ୍ଷୟ ପରମାଣିକ, ଦିବ୍ୟରଞ୍ଜନ ମେଦିନିରାଏ, ନମା ସିଂ, ନରେନ୍ଦ୍ର ବେହେରା, ରାଜକୁମାର ସିଂ ପ୍ରମୁଖ ଖେଳ ପରିଚାଳନା ରେ ସହଯୋଗ କରିଥିଲେ ।

# ମଦୁରାଇରେ ଜୁନିଅର ପୁରୁଷ ହକି ବିଶ୍ୱକପ



ନୂଆଦିଲ୍ଲୀ, ୨୯।୩ (ଏଜେନ୍ସି): ଚେନ୍ନାଇର ମଦୁରାଇରେ ଏଫ୍‌ଆଇଏଚ୍ ଜୁନିଅର ହକି ପୁରୁଷ କପ ଆୟୋଜନ ହେବ । ଆଗାମୀ ନଭେମ୍ବର ୨୮ରୁ ଡିସେମ୍ବର ୧୦ ତାରିଖ ପର୍ଯ୍ୟନ୍ତ ଜୁନିଅର ହକି ବିଶ୍ୱକପ ଖେଳାଯିବ ବୋଲି ହକି ଇଣ୍ଡିଆ ସଭାପତି ଦିଲ୍ଲୀପ ତିର୍କୀ ସୂଚନା ଦେଇଛନ୍ତି । ଟାଇଟଲ୍ ଲଢ଼େଇରେ ପ୍ରଥମ ଥର ପାଇଁ ୨୪ଟି ଦଳ ଭାଗନେବେ ।

ଭାରତରେ ତୃତୀୟ ଥର ପାଇଁ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜନ ହେବ । ପୂର୍ବରୁ ୨୦୧୬ ଓ ୨୦୨୧ରେ ଭୁବନେଶ୍ୱର ଓ ଲକ୍ଷ୍ନୌରେ ଆୟୋଜିତ ହୋଇଥିଲା । ଏଥିସହ ଭୁବନେଶ୍ୱରରେ ଭାରତ ଚାମ୍ପିଅନ ମଧ୍ୟ ହୋଇଥିଲା । ସେହିଭଳି ୨୦୨୧ରେ ଆର୍ଜେଣ୍ଟିନା ଚାମ୍ପିଅନ ହୋଇଥିଲା । ୨୦୨୩ ସଂସ୍କରଣ କ୍ୱାଲାଲମ୍ପୁରରେ ଖେଳାଯାଇଥିଲା । ଏଥିରେ ଭାରତ ସେମିଫାଇନାଲରେ ପରାଜିତ ହୋଇ ଚତୁର୍ଥ ସ୍ଥାନରେ ରହିଥିଲା ।

**ସୂଚନା**

ସମୟ

BHIM BHARAT INTERFACE FOR MONEY

SCAN & PAY

ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, **Editor:** Papu Mohanty: ସମ୍ପାଦକ: ପପୁ ମହାନ୍ତି